# ଧରିତ୍ରୀ
DHARITRI

ଢେଙ୍କାନାଳ, ସୋମବାର, ଡିସେମ୍ବର ୭/୨୦୨୦ (୧୨ ପୃଷ୍ଠା) | Dhenkanal, Monday, December 7/2020 | ★★★★★

୧୬ଶ ଭାଗ ୨୨୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-





**ବୋର୍ଗେସଙ୍କ ଗୋଲରେ ମୁମ୍ବାଇ ସିଟି ବିଜୟୀ**
ଇଣ୍ଡିଆନ ସୁପରଲିଗ୍‌ର ରବିବାର ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ଏଫ୍‌ସି ବିପକ୍ଷରେ ମୁମ୍ବାଇ ସିଟି ଏଫ୍‌ସିକୁ ବିଜୟୀ କରାଇଛନ୍ତି ରୋଲିନ ବୋର୍ଗେସ। **୦୯**

**୧୦** **ଚର୍ଚ୍ଚାରେ ନୋରାଙ୍କ ବୋଲ୍ଡ ଫଟୋ**
ବଲିଉଡ ଅଭିନେତ୍ରୀ ନୋରା ଫତେହି ତାଙ୍କର କିଛି ବୋଲ୍ଡ ଫଟୋ ଶେୟାର କରିଛନ୍ତି। ଏହାକୁ ଫ୍ୟାନ୍‌ମାନେ ବେଶ୍ ପସନ୍ଦ କରିଛନ୍ତି।




# ଦାବି ସହ ସାଲିସ ନାହିଁ

- ଚାଷୀଙ୍କ ଭାରତ ବନ୍ଦକୁ ୧୦ ବିରୋଧୀ ଦଳର ସମର୍ଥନ
- ୯ରେ ରାଷ୍ଟ୍ରପତିଙ୍କୁ ଭେଟିବେ ବିପକ୍ଷ ନେତା

**ନୂଆଦିଲ୍ଲୀ,୬।୧୨**

କେନ୍ଦ୍ର ସରକାର ଯେତେ ଭୁଆଁ ବୁଲାଇଲେ ବି ଦାବି ସହ ସାଲିସ କରାଯିବ ନାହିଁ ବୋଲି ରବିବାର ସ୍ପଷ୍ଟ କରିଛନ୍ତି ଆନ୍ଦୋଳନରତ କୃଷକ। ଆସନ୍ତା ୯ ତାରିଖରେ କୃଷକ-କେନ୍ଦ୍ର ମଧ୍ୟରେ ଷଷ୍ଠ ପର୍ଯ୍ୟାୟ ଆଲୋଚନା ହେବାକୁ ଥିବାବେଳେ ସରକାର ଏହି ଆଇନରେ ସଂଶୋଧନ ଆଣିବାକୁ ସଙ୍କେତ ଦେଇଛନ୍ତି। ତେବେ ବିବାଦୀୟ କୃଷି ଆଇନ ସମ୍ପୂର୍ଣ୍ଣ ପ୍ରତ୍ୟାହାର ଦାବିରେ କୃଷକମାନେ ଅଡ଼ିବସିଛନ୍ତି। ଇତିମଧ୍ୟରେ ଚାଷୀଙ୍କ ପକ୍ଷରୁ ୮ରେ ହେବାକୁ ଥିବା ଭାରତ ବନ୍ଦକୁ ୧୦ ବିରୋଧୀ ଦଳର ସମର୍ଥନ ମିଳିଛି। ୯ରେ ଜାତୀୟବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ମୁଖ୍ୟ ଶରଦ ପାୱାରଙ୍କ ନେତୃତ୍ୱରେ ବିରୋଧୀ ନେତାମାନେ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ଭେଟି ହସ୍ତକ୍ଷେପ ଲୋଡ଼ିବେ।

କୃଷକ ଆନ୍ଦୋଳନକୁ ନେଇ ଅଚଳାବସ୍ଥା ଜାରି ରହିଥିବାବେଳେ ରବିବାର ଡିଏମ୍‌କେ ଏବଂ ଏହାର ୯ ସହଯୋଗୀ ଦଳ ଏମ୍‌ଡିଏମ୍‌କେ, ସିପିଆଇ, ସିପିଏମ୍, ସିଭିକେ, ଆଇୟୁଏମ୍‌ଏଲ୍, କଂଗ୍ରେସ, ଏମ୍‌ଏମ୍‌କେ, ଆଇଜେକେ ଏବଂ କେଏନ୍‌ଏମ୍‌ଏନ୍‌କେ ଭାରତ ବନ୍ଦ ଡାକରାକୁ ସମର୍ଥନ ଘୋଷଣା କରିଛନ୍ତି। ତାମିଲନାଡୁରେ କୃଷକ, ବ୍ୟବସାୟୀ, ଟ୍ରେଡ୍ ୟୁନିୟନ, ସରକାରୀ କର୍ମଚାରୀ ଓ ଅନ୍ୟ ସଙ୍ଗଠନଗୁଡ଼ିକ ଏହି ଆନ୍ଦୋଳନରେ ସାମିଲ ହୁଅନ୍ତୁ ବୋଲି ୧୦ ଦଳ ପକ୍ଷରୁ ଏକ ମିଳିତ ବିବୃତିରେ ଆହ୍ୱାନ ଦିଆଯାଇଛି। କମଲ ହାସନଙ୍କ ଏମ୍‌ଏନ୍‌ଏମ୍ ମଧ୍ୟ କୃଷକ ଆନ୍ଦୋଳନ ସପକ୍ଷରେ ଦିଲ୍ଲୀକୁ ଏକ ପ୍ରତିନିଧି ଦଳ ପଠାଇଛି। ସେହିପରି ଭାଜପା ଶାସିତ କର୍ଣ୍ଣାଟକର ଚାଷୀମାନେ ମଧ୍ୟ ଏହି ଆନ୍ଦୋଳନରେ ସାମିଲ ହେବାକୁ ଯାଉଛନ୍ତି। ମହାରାଷ୍ଟ୍ରରୁ ନେଇ ଗୁଜରାଟ ପର୍ଯ୍ୟନ୍ତ ଛାତ୍ର ସଙ୍ଗଠନ ଓ ଟ୍ରେଡର୍ସ ୟୁନିୟନ୍ ଏହାକୁ ସମର୍ଥନ ଦେଇଛନ୍ତି। ☞ପୃଷ୍ଠା-୪



ଦିଲ୍ଲୀ ଚଲୋ: ସିଙ୍ଘୁ ସୀମାରେ ଆନ୍ଦୋଳନରତ କୃଷକ।



**ହାର୍ଦ୍ଦିକ ପାଣ୍ଡ୍ୟା**
**୨୨ ବଲ୍ ୪୨* ରନ୍**
**୩ ଚୌକା, ୨ ଛକା**

# ଭାରତ ଜିତିଲା ଟି୨୦ ସିରିଜ

- ଦ୍ୱିତୀୟ ଟି୨୦ରେ ଅଷ୍ଟ୍ରେଲିଆକୁ ୬ ଉଇକେଟରେ ହରାଇଲା
- ହାର୍ଦ୍ଦିକ ପାଣ୍ଡ୍ୟା ମ୍ୟାନ୍ ଅଫ୍ ଦି ମ୍ୟାଚ

**ସିଡ୍‌ନୀ, ୬।୧୨**

ସମ୍ପ୍ରତି ଅଷ୍ଟ୍ରେଲିଆ ଗସ୍ତରେ ଥିବା ଭାରତୀୟ କ୍ରିକେଟ ଦଳ ଟି୨୦ ସିରିଜ ବିଜୟୀ ହୋଇଛି। ପ୍ରଥମ ମ୍ୟାଚକୁ ୧୧ ରନରେ ଜିତିଥିବା ବିରାଟ କୋହଲିଙ୍କ ଟିମ୍ ଇଣ୍ଡିଆ ରବିବାର ଦ୍ୱିତୀୟ ମ୍ୟାଚରେ ୬ ଉଇକେଟରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଛି। ଅଷ୍ଟ୍ରେଲିଆ ପକ୍ଷରୁ ଧାର୍ଯ୍ୟ ୧୯୫ ରନର ବିଜୟ ଲକ୍ଷ୍ୟକୁ ଭାରତ ୧୯.୪ ଓଭରରେ ୪ ଉଇକେଟ ହରାଇ ହାସଲ କରି ନେଇଛି। ଟପ୍ ଅର୍ଡରରେ ଶିଖର ଧାୱନ ଓ କୋହଲିଙ୍କ ପରେ ମିଡିଲ ଅର୍ଡରରେ ହାର୍ଦ୍ଦିକ ପାଣ୍ଡ୍ୟା ବିସ୍ଫୋରକ ବ୍ୟାଟିଂ କରି ୨ଟି ବଲ୍ ବାକିଥାଇ ଭାରତକୁ ବିଜୟୀ କରାଇଛନ୍ତି। ୨୨ ବଲ୍‌ରୁ ଦ୍ରୁତ ୪୨ (୩ ଚୌକା, ୨ ଛକା) ରନ କରି ଅପରାଜିତ ରହିଥିବା ହାର୍ଦ୍ଦିକ ପାଣ୍ଡ୍ୟା ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ୩ ମ୍ୟାଚ ବିଶିଷ୍ଟ ସିରିଜର ପ୍ରଥମ ୨ଟି ମ୍ୟାଚ ଭାରତ ଜିତିଥିବାରୁ ତୃତୀୟ ଟି୨୦ ଗୁରୁତ୍ୱ ହରାଇଛି। ବିଦେଶ ମାଟିରେ ଭାରତର ଏହା କ୍ରମାଗତ ୧୦ମ ଟି୨୦ ବିଜୟ। ୱେଷ୍ଟଇଣ୍ଡିଜରେ ୩ ଏବଂ ନ୍ୟୁଜିଲାଣ୍ଡରେ ୫ଟି ମ୍ୟାଚ ଜିତିଥିବା ଭାରତ ଏବେ ଅଷ୍ଟ୍ରେଲିଆରେ କ୍ରମାଗତ ୨ଟିଟି୨୦ ଜିତି ରେକର୍ଡକୁ ଆଗକୁ ବଢ଼ାଇଛି। ୨୦୧୮-୧୯ରେ ଆଫଗାନିସ୍ତାନ ସର୍ବାଧିକ ୧୨ଟି ମ୍ୟାଚ ଜିତି ଏହି ତାଲିକାର ଶୀର୍ଷରେ ରହିଛି। ଟି୨୦ରେ ୧୯୫ ରନ ଅଷ୍ଟ୍ରେଲିଆ ମାଟିରେ ଦ୍ୱିତୀୟ ସର୍ବାଧିକ ରନ ଚେଜ୍। ୨୦୧୬ରେ ସିଡ୍‌ନୀରେ ସର୍ବାଧିକ ୧୯୮ ରନ ଚେଜ୍ କରିବାର ରେକର୍ଡ ମଧ୍ୟ ଭାରତ ନାମରେ ରହିଛି। ଭାରତର ଏହି ବିଜୟକୁ ଦଳଗତ ପ୍ରଦର୍ଶନର ଫଳ ବୋଲି କହିଛନ୍ତି ଅଧିନାୟକ ବିରାଟ। ଟି୨୦ ଫର୍ମାଟରେ ଭାରତର ଦୁଇ ଶ୍ରେଷ୍ଠ ଖେଳାଳି ରୋହିତ ଶର୍ମା ଓ ଯଶପ୍ରୀତ୍ ବୁମ୍‌ରାଙ୍କ ଅନୁପସ୍ଥିତି ସତ୍ତ୍ୱେ ଏହି ବିଜୟ ମୋତେ ବହୁତ ଆନନ୍ଦ ଦେଇଛି। ପାଣ୍ଡ୍ୟା ଫିନିସିଂ ଭୂମିକାକୁ ଅତି ଦାୟିତ୍ୱର ସହ ତୁଲାଇଛନ୍ତି ବୋଲି କୋହଲି ପ୍ରକାଶ କରିଛନ୍ତି।

**ଆଜିର ସମ୍ପାଦକୀୟ**
**ଚାଣ୍ଟି ନେବେ**

# ୭.୬ ଡିଗ୍ରୀରେ ସୋନପୁର

**୧୯ ଡିଗ୍ରୀ ତଳେ ସାରା ରାଜ୍ୟ**

**ଭୁବନେଶ୍ୱର, ୬।୧୨(ବ୍ୟୁରୋ)**

ସାରା ରାଜ୍ୟରେ ଶୀତ ଲହରି ଜାରି ରହିଛି। ଧୀରେ ଧୀରେ ପାରଦ ଖସୁଥିବାରୁ ରାତି ଅପେକ୍ଷା ଭୋର ସମୟରେ ଥଣ୍ଡାର ପ୍ରକୋପ ଅଧିକ ରହୁଛି। ଶୀତ ସହ ଘନ କୁହୁଡ଼ି ଯୋଗୁ ଯାତାୟାତ ବାଧାପ୍ରାପ୍ତ ହେଉଛି। ବିଶେଷକରି ସୋନପୁରରେ ପ୍ରବଳ ଥଣ୍ଡା ଅନୁଭୂତ ହେଉଛି। ରବିବାର ସୋନପୁରରେ ସର୍ବନିମ୍ନ ୭.୬ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ସେହିପରି ଫୁଲବାଣୀରେ ୮.୩, ଦାରିଙ୍ଗବାଡ଼ି ୯.୦, ଅନୁଗୋଳ ୧୦, ଭବାନୀପାଟଣା ୧୦.୨, କୋରାପୁଟ ୧୧.୬, ତାଳଚେର ୧୧.୯, ବଲାଙ୍ଗୀର ୧୨.୮, କେନ୍ଦୁଝରଗଡ଼ ୧୨.୪, ସୁନ୍ଦରଗଡ଼ ୧୨, ଝାରସୁଗୁଡ଼ା ୧୩, ବାରିପଦା ୧୩.୪, ହୀରାକୁଦ ୧୩.୬, ସମ୍ବଲପୁର ୧୩.୭, ଟିଟିଲାଗଡ଼ ୧୪, ମାଲାକାନଗିରି ଓ ବୌଦ୍ଧରେ ୧୫ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଥିବାବେଳେ ବାକି ସବୁଠି ତାପମାତ୍ରା ୧୯ ଡିଗ୍ରୀ ତଳକୁ ରହିଛି। ଆସନ୍ତା ୫ଦିନ ପର୍ଯ୍ୟନ୍ତ ରାଜ୍ୟରେ ରାତିର ସର୍ବନିମ୍ନ ତାପମାତ୍ରାରେ ସେଭଳି କୌଣସି ବଡ଼ ପରିବର୍ତ୍ତନ ହେବ ନାହିଁ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଆକଳନ କରିଛି।

ସେପଟେ ରାଜ୍ୟର ବିଭିନ୍ନ ସହରରେ ଘନକୁହୁଡ଼ି ପରିଲକ୍ଷିତ ହୋଇଥିଲା। ଭଦ୍ରକ, ଯାଜପୁର, କନ୍ଧମାଳ, ଜଗତ୍‌ସିଂହପୁର, କଟକ, ପୁରୀ, ☞ପୃଷ୍ଠା-୪

# ପେଟ୍ରୋଲ ୮୪, ଡିଜେଲ ଟପିଲା ୮୦

**୧୭ଦିନରେ ୧୪ଥର ବୃଦ୍ଧି**

**ନୂଆଦିଲ୍ଲୀ,୬।୧୨**

ଗତ ୧୭ଦିନ ମଧ୍ୟରେ ୧୪ଥର ତେଲ ଦର ବୃଦ୍ଧି ପାଇ ପେଟ୍ରୋଲ୍ ୮୪ଟଙ୍କା ଟପିଥିବାବେଳେ ଡିଜେଲ ୮୦ଟଙ୍କା ଡେଇଁଛି। କ୍ରମାଗତ ୫ଦିନ ହେଲା ତେଲ ଦର ଉଚ୍ଚ ହାରରେ ବୃଦ୍ଧି ପାଉଛି। ଏହି ବୃଦ୍ଧି ଫଳରେ ରବିବାର ଭୁବନେଶ୍ୱରରେ ପେଟ୍ରୋଲ ଦର ଲିଟର ପିଛା ୨୯ ପଇସା ବଢ଼ି ୮୪.୦୪ ଟଙ୍କାରେ ପହଞ୍ଚିଥିବାବେଳେ ଡିଜେଲ ଦର ମଧ୍ୟ ୩୧ ପଇସା ବୃଦ୍ଧି ପାଇ ୮୦.୧୭ ଟଙ୍କା ହୋଇଛି। ଦେଶର ପ୍ରମୁଖ ତୈଳ ବିପଣନ କମ୍ପାନୀର ସୂଚନା ଅନୁସାରେ, ରାଜଧାନୀ ଦିଲ୍ଲୀ ସମେତ ଅନ୍ୟ ପ୍ରମୁଖ ମେଟ୍ରୋ ସହରଗୁଡିକରେ ମଧ୍ୟ ପେଟ୍ରୋଲ ଲିଟର ପିଛା ୨୫ ରୁ ୨୮ପଇସା ବଢ଼ିଥିବା ବେଳେ ଡିଜେଲ ଲିଟର ପିଛା ୨୯ରୁ ୩୦ ପଇସା ବୃଦ୍ଧି ପାଇଛି। ଏହି ଦର ବୃଦ୍ଧି ଫଳରେ ନୂଆଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ଦର ୮୩.୪୧ ଟଙ୍କା ରହିଥିବା ବେଳେ ଡିଜେଲ ଦର ୭୩.୬୧ ଟଙ୍କାରେ ରହିଛି। ଦିଲ୍ଲୀରେ ଏହି ଦର ବୃଦ୍ଧି ଫଳରେ ୨ବର୍ଷ ପରେ ଏହା ସର୍ବାଧିକ ଦର ବୋଲି ☞ପୃଷ୍ଠା-୪



# ଫାଇଜର ଲୋଡ଼ିଲା ଅନୁମତି

**ନୂଆଦିଲ୍ଲୀ, ୬।୧୨(ପି.ଟି.)**

ଦେଶରେ କୋଭିଡ୍ ଟିକାର ଜରୁରୀ ବ୍ୟବହାର ଲାଗି ଆମେରିକୀୟ ଔଷଧ କମ୍ପାନୀ ଫାଇଜର ଭାରତର ମଞ୍ଜୁରୀ ଲୋଡ଼ିଛି। ଫାଇଜର ଇଣ୍ଡିଆ ପକ୍ଷରୁ ଭାରତର ଡ୍ରଗ୍ସ କଣ୍ଟ୍ରୋଲର ଜେନେରାଲ (ଡିସିଜିଆଇ) ନିକଟରେ ଆବେଦନ କରାଯାଇଛି। ଟିକା ବ୍ୟବହାର ପାଇଁ ଡିସିଜିଆଇର ଅନୁମତି ଲୋଡ଼ିବାରେ ଫାଇଜର ପ୍ରଥମ କମ୍ପାନୀ। ପୂର୍ବରୁ ବ୍ରିଟେନ ଏବଂ ବାହାରିନ୍ ଉକ୍ତ ଟିକାକୁ ଅନୁମୋଦନ କରିସାରିଛନ୍ତି।

ଭାରତରେ ଟିକାର ବିକ୍ରି ଓ ବଣ୍ଟନ ନିମନ୍ତେ ଆମଦାନି ଅନୁମତି ପାଇଁ ଆମେରିକା କମ୍ପାନୀ ଆବେଦନ କରିଛି। ତେବେ ନୂତନ ଔଷଧ ଓ କ୍ଲିନିକାଲ ପରୀକ୍ଷା ନିୟମାବଳୀ, ୨୦୧୯ର ସ୍ୱତନ୍ତ୍ର ବ୍ୟବସ୍ଥା ଅନୁଯାୟୀ ଭାରତୀୟଙ୍କଠାରେ ଏହାର ପରୀକ୍ଷାକୁ ବାଦ୍ ଦେବା ପାଇଁ ଆବେଦନରେ କୁହାଯାଇଛି। ଫାଇଜର ଏବଂ ବାୟୋଏନ୍‌ଟେକ୍ ଦ୍ୱାରା ପ୍ରସ୍ତୁତ ଟିକା ୯୫ ପ୍ରତିଶତ ଫଳପ୍ରଦ ବୋଲି କମ୍ପାନୀ ପକ୍ଷରୁ ଦାବି କରାଯାଇଥିଲା। ଟିକାକରଣ ପାଇଁ ଏହା ନିରାପଦ ବୋଲି ବ୍ରିଟେନ ଟିକାକୁ ମଞ୍ଜୁରୀ ଦେବା ଅବସରରେ ଘୋଷଣା କରିଥିଲା।






## ଏହା କଣ ଆମର ଦୋଷ କି ?

ସାହାରା ଇଣ୍ଡିଆ ପରିବାର ବିରୁଦ୍ଧରେ ଏକମାତ୍ର ଆରୋପ ଏହା କି ସମ୍ମାନିତ ନିବେଶକମାନଙ୍କୁ ପରିଶୋଧ ବିଳମ୍ବରେ ହେଉଅଛି । ନିଶ୍ଚିତ ଭାବରେ ଆମେ ବିଳମ୍ବିତ ସମୟର ସୁଧ ମଧ୍ୟ ପରିଶୋଧ କରୁଅଛୁ ।

ବିଳମ୍ବର କାରଣ କେହି ବି ଲେଖୁ ନାହାନ୍ତି

କାରଣ ଏହି କି ଯେ -

ମାନନୀୟ ସର୍ବୋଚ୍ଚ ନ୍ୟାୟାଳୟ ଦ୍ୱାରା ବିଗତ **8** ବର୍ଷ ହେଲା ଲଗାଯାଇଥିବା ପ୍ରତିବନ୍ଧଗୁଡିକ କାରଣରୁ ସାହାରା ଇଣ୍ଡିଆ ସମୂହ (କୋଅପରେଟିଭ୍ ସମେତ) ର ପରିସଂପତ୍ତିଗୁଡିକୁ ବିକ୍ରି କରି, ବନ୍ଧକ ରଖି କିମ୍ବା ସଂଯୁକ୍ତ ଉଦ୍ୟମ ମାଧ୍ୟମରେ ଯେ କୌଣସି ଉପାୟରେ ଧନ ସଂଚୟ କରାଯାଏ ତେବେ ମାନନୀୟ ସର୍ବୋଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶାନୁସାରେ ଏହି ସମସ୍ତ ଧନ ସାହାରା-ସେବି ଖାତାରେ ଜମା କରାଯିବ । ଆମେ ଏଥିରୁ ସଂସ୍ଥାଗତ କାର୍ଯ୍ୟ ପାଇଁ ଗୋଟିଏ ଟଙ୍କା ମଧ୍ୟ ବ୍ୟବହାର କରିପାରିବୁ ନାହିଁ, ଏପରିକି ସମ୍ମାନିତ ନିବେଶକମାନଙ୍କୁ ପରିଶୋଧ ପାଇଁ ମଧ୍ୟ ନୁହେଁ ।

ଅନ୍ୟ ପକ୍ଷରେ, ଏ ପର୍ଯ୍ୟନ୍ତ ପ୍ରାୟ **₹22,500** କୋଟି ସୁଧ ସମେତ (ଯାହା ସାହାରା-ସେବି ଖାତାରେ ଜମା କରାଯାଇଅଛି, ତାହା ନିଶ୍ଚିତ ଭାବରେ ଉଚ୍ଚତମ ନ୍ୟାୟାଳୟର ଆଦେଶ ଅନୁସାରେ ଆମକୁ ଫେରସ୍ତ ମିଳିବ) ଯେତେବେଳେ କି ବିଗତ **8** ବର୍ଷରେ ସାରା ଦେଶର **154** ଖବରକାଗଜରେ ଚାରି ଥର ବିଜ୍ଞାପନ ଦେବା ପରେ ମଧ୍ୟ ସେବି ଦ୍ୱାରା ସମ୍ମାନିତ ନିବେଶକମାନଙ୍କୁ କେବଳ **₹106.10** କୋଟି ହିଁ ପରିଶୋଧ କରାଯାଇଅଛି (ଅର୍ଥାତ୍ କେବଳ **0.5%** ହିଁ ପରିଶୋଧ ହୋଇଛି) ଏବଂ ଏବେ କୌଣସି ଦାବି କରିବା ଭଳି ବ୍ୟକ୍ତି ନାହାନ୍ତି ।

ବର୍ତ୍ତମାନ ସାହାରାକୁ ସାହାରା-ସେବି ଖାତାରେ ଆହୁରି ଟଙ୍କା ଜମା କରିବାର ଆବଶ୍ୟକତା କଣ ଅଛି! ଏବେ ଆମ ଉପରୁ ପ୍ରତିବନ୍ଧ (ଏମ୍ବାର୍ଗୋ) ହଟିବା ଦରକାର ଏବଂ ଯାଞ୍ଚ (ଭେରିଫିକେସନ) ର ଆଦେଶ ମିଳିଯିବା ଆବଶ୍ୟକ, କିନ୍ତୁ ଏହି ସମସ୍ତ ନିର୍ଣ୍ଣୟ ମାନନୀୟ ଉଚ୍ଚତମ ନ୍ୟାୟାଳୟ ନେବେ । ଅନ୍ୟ ପକ୍ଷରେ କୋଭିଡ୍-**19** କାରଣରୁ ବିଗତ **10** ମାସରୁ ଆମେ ମାନନୀୟ ଉଚ୍ଚତମ ନ୍ୟାୟାଳୟଠାରୁ କୌଣସି ତାରିଖ ଧାର୍ଯ୍ୟ ହେଇ ନାହିଁ ।

ଆଶା କରୁଛୁ କି ଶୀଘ୍ର ତାରିଖ ମିଳିବ ଏବଂ ସବୁ କିଛି ଭଲ ହେବ ।

ଧନର ଅନେକ ଉତ୍ସରେ ଆମେ କାର୍ଯ୍ୟ କରୁଛୁ । ସମସ୍ତଙ୍କ ପଇସା ସଂପୂର୍ଣ୍ଣ ସୁରକ୍ଷିତ ଅଛି । ଆପଣମାନଙ୍କୁ ପରିଶୋଧରେ ବିଳମ୍ବିତ ସମୟର ସୁଧ ମଧ୍ୟ ମିଳୁଅଛି ।

ଦୟାପୂର୍ବକ ଧୈର୍ଯ୍ୟ ରକ୍ଷା କରନ୍ତୁ, ଆମେ ସମସ୍ତେ **31** ମାର୍ଚ୍ଚ **2021** ମଧ୍ୟରେ ନିଶ୍ଚିତ୍ ବିଜୟୀ ହେବା ।

SAHARA INDIA PARIWAR

CHHABI2020-12-33/CORP-All





ରେମ୍‌ଡେସିଭିର୍*
ଇଂଜେକ୍ସନ୍ ପାଇଁ 100 ମିଗ୍ରା/ ଭାୟଲ୍ ଆଇଭି ଇନ୍‌ଫ୍ୟୁଜନ୍ ନିମନ୍ତେ ଇଂଜେକ୍ସନ୍ ପାଇଁ ଲିଓଫିଲାଇଜଡ ପାଉଡର୍

ଆସନ୍ତୁ ଏକାଠି
କୋଭିଡ୍-19 ସହ ଲଢ଼ିବା

ରେମଡେସିଭିର ର ଉପଲବ୍ଧତା ସମ୍ପର୍କରେ ସୂଚନା ପାଇଁ
ଆପଣ 24x7 ଆମ ପାଖରେ ପହଞ୍ଚିପାରିବେ

78299 80066

ଯେ କୌଣସି ପ୍ରକାର ସହାୟତା ପାଇଁ ଆପଣ ଆମକୁ **info@mylanremdesivir.co.in** ରେ ଲେଖିପାରିବେ ।

*ମଧ୍ୟମ ଏବଂ ଗୁରୁତର ରୋଗରେ ଡାକ୍ତରଖାନାରେରେ ରହି ଚିକିତ୍ସିତ ହେଉଥିବା ପ୍ରାପ୍ତ ବୟସ୍କ ଏବଂ ପିଲାମାନଙ୍କ ଠାରେ ସନ୍ଦେହ କରାଯାଉଥିବା କିମ୍ବା ଲାବୋରେଟୋରିରେ ନିଶ୍ଚିତ ହୋଇଥିବା କରୋନା ଭୂତାଣୁ ରୋଗ 2019 (କୋଭିଡ୍ -19)ର ଚିକିତ୍ସା ନିମନ୍ତେ ।

ଅସ୍ୱୀକାରୋକ୍ତି: ଏହି ହେଲ୍ପଲାଇନ କେବଳ ଔଷଧର ଉପଲବ୍ଧତା ସମ୍ପର୍କରେ ସୂଚନା ଜାଣିବା ପାଇଁ ରୋଗୀମାନଙ୍କୁ ସହଯୋଗ ଦେବା ଉଦ୍ଦେଶ୍ୟରେ ଏବଂ ଏହା ଏକ ଔଷଧ ବିତରଣ କରିବା ଏବଂ ଫର୍ମାସୀ ସେବା ପାଇଁ ଉଦ୍ଦିଷ୍ଟ ନୁହେଁ । କୌଣସି ଚିକିତ୍ସୀୟ ଅବସ୍ଥାର ପରିଚାଳନା ନିମନ୍ତେ, ଦୟାକରି ଜଣେ ଚିକିତ୍ସକଙ୍କ ପରାମର୍ଶ ନିଅନ୍ତୁ । ଏହି ଔଷଧ କେବଳ ଡାକ୍ତରଖାନା/ ଆନୁଷ୍ଠାନିକ ବ୍ୟବସ୍ଥାରେ ଥିବା ଜଣେ ବିଶେଷଜ୍ଞଙ୍କ ଅନୁମୋଦନ କ୍ରମେ ବିତରଣ କରାଯାଇପାରିବ ।

ମାଇଲାନ୍, ଏକ ଭିଏଟ୍ରିସ୍ କମ୍ପାନୀ

VIATRIS

ଧରିତ୍ରୀ
DHARITRI
ସୋମବାର, ୭ ଡିସେମ୍ବର, ୨୦୨୦



ବ୍ରିଟେନରେ ମଙ୍ଗଳବାର ହେବାକୁ ଥିବା ଟିକାକରଣ କାର୍ଯ୍ୟକ୍ରମରେ ପ୍ରଥମେ ରାଣୀ ଏଲିଜାବେଥ୍(୯୪)ଓ ପ୍ରିନ୍ସ ଫିଲିପ୍ସଙ୍କୁ ଟିକା ଦିଆଯିବ। ଏହା ଦ୍ୱାରା ଜନସାଧାରଣଙ୍କ ଚିନ୍ତା ଦୂର ହୋଇପାରିବ ବୋଲି ଆଶା କରାଯାଇଛି। ଫାଇଜର ଟିକା ପହଞ୍ଚି ସାରିଥିବାବେଳେ ପ୍ରଥମେ ୮୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କଙ୍କୁ ଟିକାକରଣ କରାଯିବ।




## ସଂକ୍ଷେପରେ

### ଆନ୍ଧ୍ରରେ ଅଜଣା ରୋଗ: ୨୦୦ ଆକ୍ରାନ୍ତ

**ଏଲୁର, ୬।୧୨:** ଆନ୍ଧ୍ର ପ୍ରଦେଶର ଏଲୁରୁ ସହରର ବିଭିନ୍ନ ସ୍ଥାନରୁ ଶତାଧିକ ବ୍ୟକ୍ତି ଏକ ଅଜଣା ରୋଗରେ ଆକ୍ରାନ୍ତ ହୋଇଛନ୍ତି। ଆକ୍ରାନ୍ତଙ୍କ ସଂଖ୍ୟା ଧୀରେ ଧୀରେ ବଢୁଥିବାବେଳେ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ରୋଗକୁ ଚିହ୍ନଟ କରିପାରିନାହାନ୍ତି। ରିପୋର୍ଟ ମୁତାବକ, ଏଥିରେ ଅପସ୍ମାର ଭଳି ରୋଗର ଲକ୍ଷଣ ଦେଖିବାକୁ ମିଳିଛି। ୨୨୮ ଆକ୍ରାନ୍ତଙ୍କୁ ଡାକ୍ତରଖାନାରେ ଭର୍ତ୍ତି ହେବାକୁ ପଡିଥିଲା। ସେମାନଙ୍କ ମଧ୍ୟରୁ ୭୦ ଜଣଙ୍କୁ ଚିକିତ୍ସା ପରେ ଡିସ୍‌ଚାର୍ଜ କରାଯାଇଛି। ଯାଞ୍ଚ ପାଇଁ ମେଡିକାଲ ଟିମ୍ ଏଲୁରୁର ବିଭିନ୍ନ ସ୍ଥାନକୁ ଯାଇ ରକ୍ତ ନମୁନା ସଂଗ୍ରହ କରିଛନ୍ତି। ତେବେ ଆକ୍ରାନ୍ତଙ୍କ କୋଭିଡ୍-୧୯ ଟେଷ୍ଟ କରାଯାଇଥିଲେ ମଧ୍ୟ ତାହା ନେଗେଟିଭ୍ ଥିବା ଜଣାପଡିଛି।

### ଅଭିନେତା ରବି ପଟବର୍ଦ୍ଧନଙ୍କ ପରଲୋକ



**ମୁମ୍ବାଇ, ୬।୧୨:** ବିଶିଷ୍ଟ ମରାଠୀ ଅଭିନେତା ରବି ପଟବର୍ଦ୍ଧନ(୮୪)ଙ୍କ ଶନିବାର ପରଲୋକ ଘଟିଛି। ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ କରିବାରୁ ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାଯାଇଛି। ମରାଠୀ ଶୋ ଅଗାବାଇ ଶଶୁବାଇରେ ବେଶ ଲୋକପ୍ରିୟତା ଅର୍ଜନ କରିଥିବା ପଟବର୍ଦ୍ଧନ ୮୦ ଦଶକର ଫିଲ୍ମ 'ତେଜାବ', 'ଅଙ୍କୁଶ' ଭଳି ଚଳଚ୍ଚିତ୍ରରେ ମଧ୍ୟ ଅଭିନୟ କରିଥିଲେ। ୪ ଦଶନ୍ଧିର କ୍ୟାରିୟରରେ ସେ ଅନେକ ନାଟକ ସହ ପ୍ରାୟ ୨ଶହରୁ ଊର୍ଦ୍ଧ୍ୱ ଚଳଚ୍ଚିତ୍ରରେ ଅଭିନୟର ଯାଦୁ ଦେଖାଇଛନ୍ତି।

### ପିଓକେରୁ ଭାରତକୁ ପଶିଆସିଲେ ୨ ନାବାଳିକା

**ପୁଞ୍ଚ, ୬।୧୨:** ପାକିସ୍ତାନ ଅଧିକୃତ କଶ୍ମୀର(ପିଓକେ)ରୁ ୨ ନାବାଳିକା ସୀମାରେଖା ଡେଇଁ ଜମ୍ମୁ କଶ୍ମୀରର ପୁଞ୍ଚ ଅଞ୍ଚଳକୁ ପଶି ଆସିଛନ୍ତି। ରବିବାର ସକାଳେ ସେମାନେ ଭାରତ ସୀମା ମଧ୍ୟକୁ ଚାଲିଆସିଥିବା ନେଇ ଲାଇନ ଅଫ୍ କଣ୍ଟ୍ରୋଲ (ଏଲ୍‌ଓସି)ଠାରେ ନିୟୋଜିତ ସେନାବାହିନୀ ଚିହ୍ନଟ କରିଥିଲେ। ସେମାନଙ୍କ ନାମ ଲାଇବା ଜବେର(୧୭) ଓ ସନା ଜବେର(୧୩) ହୋଇଥିବାବେଳେ ଘର ଅବାସପୁର ଗ୍ରାମରେ ବୋଲି ଜଣାପଡିଛି। ଉଭୟେ ଅଜାଣତରେ ସୀମା ଡେଇଁ ଆସିଥିବା କୁହାଯାଉଛି। ସୁରକ୍ଷିତ ଭାବେ ସେମାନଙ୍କୁ ଘରକୁ ଫେରାଯିବା ପାଇଁ ଭାରତ ପକ୍ଷରୁ ବ୍ୟବସ୍ଥା କରାଯାଉଥିବା ପ୍ରତିରକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।



ସଂଗ୍ରହାଳୟ ପାଲଟିଛି ନାରାୟଣହିଟି ପ୍ୟାଲେସ।

**ପୃଷ୍ଠଭୂମି:** ୨୦୦୧ ଜୁନ ୧ରେ ରାଜକୀୟ ରାତ୍ରିଭୋଜନ ବେଳେ ରାଜା ବୀରେନ୍ଦ୍ର ବୀର ବିକ୍ରମ ଶାହା ଓ ରାଣୀ ଐଶ୍ୱର୍ଯ୍ୟାଙ୍କ ସମେତ ପରିବାରର ୧୦ ସଦସ୍ୟଙ୍କୁ ହତ୍ୟା କରି ନିଜକୁ ରାଜା ଘୋଷଣା କରିଥିଲେ ରାଜକୁମାର ଦୀପେନ୍ଦ୍ର। କିନ୍ତୁ ସେହି ସଂହାରଲୀଳା ରଚିବାବେଳେ ସେ ନିଜକୁ ମଧ୍ୟ ଗୁଳି କରିଦେଇଥିଲେ। ଆତ୍ମଘୋଷିତ ଶାସକ ଦୀପେନ୍ଦ୍ର କୋମାରେ ଥାଇ ୩ ଦିନ ପାଇଁ ରାଜା ହୋଇଥିଲେ। ୪ ତାରିଖରେ ତାଙ୍କର ମୃତ୍ୟୁ ଘଟିଥିଲା। ବୀରେନ୍ଦ୍ରଙ୍କ ସାନଭାଇ ଜ୍ଞାନେନ୍ଦ୍ର ବୀର ବିକ୍ରମ ଶାହାଙ୍କୁ ନେପାଳର ରାଜା କରାଯାଇଥିଲା। ଏହି ବହୁଚର୍ଚ୍ଚିତ ତଥା ହାଇପ୍ରୋଫାଇଲ୍ ହତ୍ୟାକାଣ୍ଡର ପୁଙ୍ଖାନୁପୁଙ୍ଖ ତଦନ୍ତ ଏଯାଏ ହୋଇପାରି ନାହିଁ। କାରଣ ହତ୍ୟା ଘଟାଯାଇଥିବା ନାରାୟଣହିଟି ରୟାଲ ପ୍ୟାଲେସ୍‌ର ତ୍ରିଭୁବନ ସଦନକୁ ଜ୍ଞାନେନ୍ଦ୍ର ସରକାର ଧ୍ୱସ୍ତବିଧ୍ୱସ୍ତ କରିଦେଇଥିଲେ। ଏହି କାର୍ଯ୍ୟାନୁଷ୍ଠାନ ତାଙ୍କୁ ବିଶେଷ ଲୋକପ୍ରିୟତା ଆଣିଦେଇଥିଲା।



ପୂର୍ବ ରାଜା ଜ୍ଞାନେନ୍ଦ୍ର ବୀର ବିକ୍ରମ ଶାହା

# ରାଜା ଆସନ୍ତୁ, ଦେଶ ବଞ୍ଚାନ୍ତୁ

## ନେପାଳରେ ରାଜତନ୍ତ୍ର ପୁନଃ ପ୍ରତିଷ୍ଠା ଦାବିରେ ମୁଣ୍ଡ ଟେକିଲା ଆନ୍ଦୋଳନ

ହେ ରାଜା, ଦୟାକରି ଫେରିଆସନ୍ତୁ ଏବଂ ଏ ଦେଶକୁ ରକ୍ଷା କରନ୍ତୁ। ରାଜତନ୍ତ୍ର ପୁନଃ ସ୍ଥାପନ ସକାଶେ ନେପାଳ ରାଜଧାନୀ କାଠମାଣ୍ଡୁ ରାଜରାସ୍ତାରେ ଆଜିକାଲି ଏହି ସ୍ଲୋଗାନ ଶୁଣିବାକୁ ମିଳୁଛି। ପୂର୍ବ ହିନ୍ଦୁରାଷ୍ଟ୍ରରେ ଏବେ ରାଜତନ୍ତ୍ର ସପକ୍ଷବାଦୀ ଭାବାବେଗ ଉଚ୍ଛୁଳିବାରେ ଲାଗିଛି। ହଜାର ହଜାର ଲୋକ ବିକ୍ଷୋଭ ଶୋଭାଯାତ୍ରାରେ ସାମିଲ ହେଉଛନ୍ତି। ଦେଶରେ ରାଜନୈତିକ ଅସ୍ଥିରତାକୁ ଏହାର ପ୍ରମୁଖ କାରଣ କୁହାଯାଉଛି। ୨୪୦ ବର୍ଷ ପୁରୁଣା ରାଜତନ୍ତ୍ର ୨୦୦୮ ମେ ୨୮ରେ ଉଚ୍ଛେଦ ହୋଇଥିଲା। ୨୦୧୫ରେ ନୂଆ ସମ୍ବିଧାନ ପ୍ରଣୟନ କରି ନେପାଳ ପାଲଟିଥିଲା ଫେଡେରାଲ୍ ଡେମୋକ୍ରାଟିକ୍ ରିପବ୍ଲିକ୍ ବା ସଙ୍ଘୀୟ ଗଣତାନ୍ତ୍ରିକ ସାଧାରଣତନ୍ତ୍ର।

**କାଠମାଣ୍ଡୁ,୬।୧୨**

ଅଢ଼େଇ ବର୍ଷ ପୂର୍ବେ ଦୁଇଜଣ ନେପାଳୀ ଯୁବକ ହିମାଳୟ ରାଷ୍ଟ୍ରର ପୁରୁଣା ଜାତୀୟ ସଙ୍ଗୀତ ଗାଇ ଗିରଫ ହୋଇଥିଲେ। ପରେ ସେମାନଙ୍କ ସାଥୀମାନେ ଦେଶବ୍ୟାପୀ ପୁରୁଣା ଜାତୀୟ ସଙ୍ଗୀତ ଅଭିଯାନର ଘୋଷଣା କାଠମାଣ୍ଡୁରେ କରିଥିଲେ। ସେମାନଙ୍କ ଦାବି ଥିଲା ନେପାଳରେ ପୁନର୍ବାର ସାମ୍ବିଧାନିକ ରାଜତନ୍ତ୍ର ପ୍ରତିଷ୍ଠା ହେଉ। ରାଜା ଜ୍ଞାନେନ୍ଦ୍ର ଓ ରାଣୀ କୋମଳଙ୍କ ଫଟୋ ଥିବା ଟି-ଶାର୍ଟ ବାଣ୍ଟୁ ବାଣ୍ଟୁ ଏହି ଦକ୍ଷିଣପନ୍ଥୀ ଯୁବ ସଙ୍ଗଠନ 'ବୀର ଗୋର୍ଖାଲୀ ଅଭିଯାନ' ନାମରେ ପରିଚିତି ପାଇଲା। ଏଥିରେ ସାମିଲ ଥିଲେ ଅଧିକାଂଶ କମଲ ଥାପାଙ୍କ ନେତୃତ୍ୱାଧୀନ ରାଷ୍ଟ୍ରୀୟ ପ୍ରଜାତାନ୍ତ୍ରିକ ପାର୍ଟିର ଅସନ୍ତୁଷ୍ଟ ସଦସ୍ୟ। ପୂର୍ବର ଜାତୀୟ ସଙ୍ଗୀତ ଗାନ ଓ ଟି-ଶାର୍ଟ ବଣ୍ଟନରୁ ଅଗ୍ରସର ହୋଇଥିବା ଏହି ବିକ୍ଷୋଭ ଏବେ ଆନ୍ଦୋଳନ ଭାବେ ଦାନା ବାନ୍ଧୁଛି। ନଭେମ୍ବର ୩୦ରେ ରାଷ୍ଟ୍ର ଶକ୍ତି ନେପାଳ (ଆର୍‌ଏସ୍‌ଏନ୍) ଶାନ୍ତିପୂର୍ଣ୍ଣ ଉପାୟରେ ହିନ୍ଦୁରାଷ୍ଟ୍ର ମାନ୍ୟତା ଫେରାଇ ଆଣିବାକୁ ଚେତାବନୀ ଦେଇଥିଲା। ଆର୍‌ଏସ୍‌ଏନ୍ ନେତା କେଶର ବାହାଦୁର ବିଷ୍ଟ କହିଥିଲେ, ଗଣତନ୍ତ୍ର ପତନ ପରଠାରୁ ନେପାଳ ଅନେକ ରାଜାଙ୍କ ଦେଶ ପାଲଟିଯାଇଛି। ପୃଥିବୀ ଇତିହାସରେ ରାଜା ଜ୍ଞାନେନ୍ଦ୍ରଙ୍କ କେହି ବିକଳ୍ପ ନାହାନ୍ତି। ସେ ଏପରି ଜଣେ ରାଜା, ଯିଏକି ନେତାଙ୍କୁ ସୁଯୋଗ ଦେବା ପାଇଁ ରାଜପଦ ତ୍ୟାଗ କରିଛନ୍ତି। କିନ୍ତୁ ସେମାନେ ବିଗତ ୧୪ ବର୍ଷ ଧରି ଭ୍ରଷ୍ଟାଚାରରେ ବୁଡ଼ିରହି ଲୋକଙ୍କୁ ଲୁଟିବାରେ ଲାଗିଛନ୍ତି। ଇତିମଧ୍ୟରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏହି ଆନ୍ଦୋଳନକୁ ଚପାଇଦେବା ପାଇଁ ଆବଶ୍ୟକ ହେଲେ ବଳ ପ୍ରୟୋଗ କରିବାକୁ ୭୭ ଜିଲାକୁ ନିର୍ଦ୍ଦେଶ ଦେଇଛି। ସରକାର ବଳ ଖଟାଇଲେ ଆମେ ତା'ର ଜବାବ ଦେବୁ ବୋଲି ରାଷ୍ଟ୍ରୀୟ ପ୍ରଜାତନ୍ତ୍ର ପାର୍ଟି ଯୁବ ସଙ୍ଗଠକ ବାଗମତି ଚେତାବନୀ ଦେଇଛନ୍ତି। ବିକ୍ଷୋଭକାରୀଙ୍କ ହାତରେ ଥିବା ଫ୍ଲାଗ୍ ଓ ପ୍ଲାକାର୍ଡରେ ଆଧୁନିକ ନେପାଳର ନିର୍ମାତା ପୃଥ୍ୱୀନାରାୟଣ ଶାହାଙ୍କ ଛବି ରହିଛି।

**ଆନ୍ଦୋଳନର ନେତୃତ୍ୱ:** ୨୦୦୬ରେ ଶାନ୍ତି ପ୍ରକ୍ରିୟା ପରଠୁ ନେପାଳ ରାଜନୈତିକ ଅସ୍ଥିରତା ଦେଇ ଗତି କରୁଛି। ଅନେକଙ୍କ ମତରେ ଗଣତନ୍ତ୍ର ପ୍ରୟୋଗର ଅଦ୍ୟାବଧି ପରିଣାମ ରାଜନୈତିକ ବିଫଳତାର ସ୍ୱାଦ ଚଖାଇଛି। ରାଜତନ୍ତ୍ର ସପକ୍ଷବାଦୀ ଆନ୍ଦୋଳନରେ ଅନେକ ଅଣସ୍ୱୀକୃତିପ୍ରାପ୍ତ ଦଳ ଉତ୍ସାହର ସହ ଭାଗନେଉଛନ୍ତି। ଏପରି ଦଳ ଓ ସଙ୍ଗଠନଗୁଡ଼ିକ ମଧ୍ୟରେ ନ୍ୟାଶନାଲିଷ୍ଟ ସିଭିଲ୍ ସୋସାଇଟି, ନେପାଳ ସ୍କୋଲାର୍ସ କାଉନ୍‌ସିଲ, ଇଣ୍ଡିପେଣ୍ଡେଣ୍ଟ ପାଟ୍ରିଓଟିକ୍ ନେପାଳୀ ସିଟିଜେନ୍, ୱେଷ୍ଟର୍ନ ନେପାଳୀ ପିପୁଲ୍ସ, ନେପାଳ ନ୍ୟାଶନାଲିଷ୍ଟ ଗ୍ରୁପ୍ ଓ ରାଷ୍ଟ୍ର ଶକ୍ତି ନେପାଳ ପ୍ରମୁଖ ଅଛନ୍ତି। ରାଷ୍ଟ୍ରୀୟ ନାଗରିକ ଆନ୍ଦୋଳନ ପକ୍ଷରୁ ଶନିବାର କାଠମାଣ୍ଡୁରେ ବିକ୍ଷୋଭ କରାଯାଇଥିଲା। ଅନ୍ୟ କିଛି ଗୋଷ୍ଠୀ ଦେଶର ବିଭିନ୍ନ ଭାଗରେ ଧାରଣା ଦେଇଥିଲେ। ବିକ୍ଷୋଭକାରୀଙ୍କ କହିବା ହେଲା, ସେମାନଙ୍କ ଆନ୍ଦୋଳନର କେହି ଜଣେ ହେଲେ ନେତା ନାହାନ୍ତି କି କୌଣସି ଗୋଟିଏ ଶକ୍ତି ଏହାର ନେତୃତ୍ୱ ନେଉନାହିଁ।

**କ'ଣ ଚାହୁଁଛନ୍ତି:** ୨୦୦୮ ମେ'ରେ ରାଜା ଜ୍ଞାନେନ୍ଦ୍ରଙ୍କୁ ରାଜପ୍ରାସାଦ ଖାଲି କରିବାକୁ କୁହାଯାଇ ତାକୁ ସଂଗ୍ରହାଳୟରେ ସଜାଗଲା। ଏବେ ହିନ୍ଦୁବାଦୀ ସଙ୍ଗଠନ ରାଜମହଲରେ ରାଜାଙ୍କୁ ପୁଣି ଦେଖିବାକୁ ଚାହାନ୍ତି। ରାଜତନ୍ତ୍ର ପୁନଃ ଅବସ୍ଥାପିତ ହେବା ଦେଶବାସୀଙ୍କ ଏକତା, ମଙ୍ଗଳ ଓ ଐତିହ୍ୟର ପ୍ରତୀକ ବୋଲି ବିଭିନ୍ନ ବର୍ଗ କହୁଛନ୍ତି। ରାଜତନ୍ତ୍ର ସପକ୍ଷରେ ଓକିଲାତି କରୁଥିବା ଲୋକଙ୍କ ସ୍ୱର ତେଜିବାରେ ଲାଗିଛି। ବିଶେଷକରି ବଡ଼ ସହରଗୁଡ଼ିକରେ ବାଇକ୍ ରାଲି କରି ଯୁବକମାନେ 'ରାଜା ହିଁ ନେପାଳକୁ ବଞ୍ଚାଇ ପାରିବେ' ଏବଂ 'ଦଳ ଊର୍ଦ୍ଧ୍ୱରେ ଦେଶ' ନାରା ଦେଉଛନ୍ତି। ସୋସିଆଲ ମିଡିଆରେ ସେହି ଦୃଶ୍ୟର ବହୁଳ ପ୍ରସାର ସାମ୍ପ୍ରତିକ ସରକାର ପ୍ରତି ପୁଞ୍ଜିଭୂତ ଜନଅସନ୍ତୋଷର ବିସ୍ଫୋରକ ରୂପକୁ ବୟାନ କରୁଛି। କିନ୍ତୁ ଦୀର୍ଘ ସମୟ ଧରି ରାଜକୀୟ ଶାସନ ବିରୋଧରେ ଲଢ଼େଇ କରିଥିବା ବାମପନ୍ଥୀଙ୍କ ମତରେ ଦେଶକୁ ରାଜତନ୍ତ୍ର ଫେରିବା ଅସମ୍ଭବ।

**କାରଣ:** ଜାତୀୟ ସ୍ୱାର୍ଥ ଆଳରେ ନେପାଳ ବିଦେଶୀ ଓ ନେତାଙ୍କ କ୍ରୀଡ଼ନକ ସାଜିବାରେ ଲାଗିଥିବାରୁ ଯୁବଗୋଷ୍ଠୀ ଅସନ୍ତୁଷ୍ଟ। ଐତିହାସିକ ମହେଶ ରାଜ ପନ୍ଥଙ୍କ ମତରେ ଦେଶରେ ପ୍ରଥମ ଥର ମନ୍ଦିରଗୁଡ଼ିକୁ ବନ୍ଦ କରି ଦିଆଗଲା। କରୋନା ଭାଇରସ୍ ସଂକ୍ରମଣ ଏଡ଼ାଇବା ପାଇଁ ପଶୁପତିନାଥ ମନ୍ଦିର ବନ୍ଦ କରାଯିବା ନିଷ୍ପତ୍ତି ହିନ୍ଦୁମାନଙ୍କୁ କ୍ଷୁବ୍ଧ କରିଛି। ନଭେମ୍ବର ୨୬ରେ ଜନକପୁରରେ ନେପାଳ ନ୍ୟାଶନାଲିଷ୍ଟ ଗ୍ରୁପ୍ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମର ପରିଚାଳନା ମନ୍ଦିର ପୂଜାରୀମାନେ କରିଥିଲେ। ଦେଶର ସଂସ୍କୃତିକୁ ବଦଳାଇବା ପାଇଁ ଉଦ୍ୟମ ହେଉଥିବା ଦର୍ଶାଇ ଅନେକ ଧାର୍ମିକ ଗୋଷ୍ଠୀ ଆନ୍ଦୋଳନରେ ସାମିଲ ହେଉଛନ୍ତି।

**ସରକାର କହୁଛନ୍ତି:** ମହାମାରୀ କରୋନା ଯୋଗୁ ସବୁକିଛି ବନ୍ଦ ଥିବାବେଳେ ବିକ୍ଷୋଭ ପ୍ରଦର୍ଶନ ପାଇଁ ସ୍ଥାନୀୟ ପ୍ରଶାସନର ଅନୁମତି ନିଆଯାଇ ନ ଥିବା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ କହିଛି। ପ୍ରଦର୍ଶନ ବନ୍ଦ ନ ହେଲେ ବିକ୍ଷୋଭକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମନ୍ତ୍ରଣାଳୟର ମୁଖପାତ୍ର ଚକ୍ର ବାହାଦୁର ବୁଦ୍ଧ ଚେତାବନୀ ଦେଇଛନ୍ତି। କ୍ଷମତାସୀନ ନେତାଙ୍କ ମତରେ ଗଣତନ୍ତ୍ର, ସଂଘବାଦ ଓ ଧର୍ମନିରପେକ୍ଷତା ବିରୋଧରେ ଚାଲିଥିବା ଆନ୍ଦୋଳନ ଫସର ଫାଟିବ। ପ୍ରତିକ୍ରିୟାବାଦୀମାନେ ଦିବାସ୍ୱପ୍ନ ଦେଖୁଛନ୍ତି।




> ଆନ୍ଦୋଳନରେ ରାଜାଙ୍କ କୌଣସି ଭୂମିକା ନାହିଁ। ଆମର କିଛି ଯାଏଆସେ ନାହିଁ। କିନ୍ତୁ ଆନ୍ଦୋଳନ ଉପରେ ଆମର ନଜର ରହିଛି।
> –ସାଗର ତିମିଲସିନିଆ, ପ୍ରାକ୍ତନ ରାଜା ଜ୍ଞାନେନ୍ଦ୍ରଙ୍କ ବ୍ୟକ୍ତିଗତ ସଚିବ

### ଭାରତର ଭୂମିକା

ପଡ଼ୋଶୀ ନେପାଳକୁ ନେଇ ଭାରତର ଭୂମିକା ବିବାଦୀୟ ରହିଆସିଛି। ଭାରତ-ନେପାଳ ସୀମାନ୍ତ ତରାଇ ଅଞ୍ଚଳରେ ୨୦୦୭ରେ ମାଧେସୀ ଆନ୍ଦୋଳନ ଆରମ୍ଭ ହୋଇଥିଲା। ୨୦୧୫ରେ ନୂଆ ସମ୍ବିଧାନ ପ୍ରଣୟନ କରାଯିବା ପରଠୁ ଏହି ଅଧିବାସୀ ଆନ୍ଦୋଳନକୁ ଜୋର୍‌ଦାର କରିଥିଲେ। ସେମାନେ ନାଗରିକତ୍ୱ, ଉଚ୍ଚ ସଦନରେ ପ୍ରତିନିଧିତ୍ୱ, ସଂଯୁକ୍ତ ତରାଇ ପ୍ରଦେଶ ପ୍ରତିଷ୍ଠା ଏବଂ ଦେଶର ବିଭିନ୍ନ ଭାଗରେ ପ୍ରଚଳିତ କଥିତ ଭାଷାକୁ ମାନ୍ୟତା ଆଦି ୧୧ଟି ପ୍ରସଙ୍ଗରେ ସମ୍ବିଧାନ ସଂଶୋଧନ ପାଇଁ ଦାବି କରିଥିଲେ। ୨୦୧୬-୧୭ରେ ମାଧେସୀ ଅର୍ଥନୈତିକ ଅବରୋଧ କରିବା ପରେ ଆନ୍ଦୋଳନ ଉଗ୍ରରୂପ ଧାରଣ କରିଥିଲା। ସେତେବେଳେ ଭାରତ ମାଧେସୀଙ୍କୁ ପାଣି ଯୋଗାଇ ନିଆଁରେ ଘିଅ ଢାଳିଥିବା ଅଭିଯୋଗ ହୋଇଥିଲା। ଏହି କାରଣରୁ ଭାରତର ସବୁଦିନିଆ ବନ୍ଧୁରାଷ୍ଟ୍ର ନେପାଳ ଚାଇନାମୁହାଁ ହେବା ଆରମ୍ଭ କରିଥିଲା। ଏପରି କି ଗତ ମେ' ୧୯ରେ କାଠମାଣ୍ଡୁ ଜାରି କରିଥିବା ନୂଆ ମାନଚିତ୍ରରେ ଲିପୁଲେଖ, କାଲାପାନି ଓ ଲିମ୍ପିୟାଧୁରାକୁ ନେପାଳରେ ସାମିଲ କରିଥିଲା, ଯାହାକୁ ଭାରତ ନିଜର ବୋଲି ଦାବି କରିଆସୁଛି। ମାଧେସୀ ସମୁଦାୟ ଏବେ ଗଣତନ୍ତ୍ରକୁ ବିରୋଧ ଓ ରାଜତନ୍ତ୍ରକୁ ସମର୍ଥନ କରୁଥିବାରୁ ଭାରତର ଭୂମିକା ସନ୍ଦେହ ଘେରକୁ ଟାଣି ହୋଇଯାଇଛି।

## ଟିଏମ୍‌ସି ଖରାପ, ଭାଜପା ତା'ଠୁ ୧୦୦୦ ଗୁଣ

**କୋଲକାତା, ୬।୧୨**

ଦୀର୍ଘ ୯ ବର୍ଷର ନିର୍ବାଚନ ପରେ ଘର ତଥା ନିଜର ରାଜନୈତିକ ଗଡ଼ ପଶ୍ଚିମବଙ୍ଗର ପଶ୍ଚିମ ମିଦନାପୁର ଫେରିଥିବା ସିପିଆଇଏମ୍‌ର ହେଭିୱେଟ୍ ନେତା ସୁଶାନ୍ତ ଘୋଷ ଟିଏମ୍‌ସି ଓ ଭାଜପା ଉପରେ ବର୍ଷିଛନ୍ତି। ୨୦୦୨ରେ ସୁଶାନ୍ତଙ୍କ ପୈତୃକ ଘର ନିକଟରୁ ୭ଟି ମଣିଷ କଙ୍କାଳ ଉଦ୍ଧାର ହୋଇଥିଲା। ୭ ଜଣଙ୍କୁ ହତ୍ୟା ମାମଲାରେ ସମ୍ପୃକ୍ତି ନେଇ ୨୦୧୧ରେ ସୁଶାନ୍ତ ଦୋଷୀସାବ୍ୟସ୍ତ ହୋଇଥିଲେ। ୨୦୧୨ରେ ଜାମିନ ମିଳିବା ସତ୍ତ୍ୱେ ତାଙ୍କୁ ପଶ୍ଚିମ ମିଦନାପୁରରେ ପ୍ରବେଶ ଲାଗି କୋର୍ଟ ଅନୁମତି ଦେଇ ନ ଥିଲେ। ସୁପ୍ରିମକୋର୍ଟ ଉକ୍ତ ସର୍ତ୍ତକୁ ରଦ୍ଦ କରିବା ପରେ ସେ ପଶ୍ଚିମ ମିଦନାପୁର ଫେରିଛନ୍ତି। ଉକ୍ତ ଜିଲାର ଚନ୍ଦ୍ରକୋଣଠାରେ ଏକ ର୍‍ୟାଲି କରି ସେ ଟିଏମ୍‌ସି ଓ ଭାଜପା ଉପରେ ବର୍ଷିଥିଲେ।

ସେ କୌଣସି ଅପରାଧ କରି ନ ଥିଲେ। ଯେଉଁମାନେ ଅପରାଧକୁ ପ୍ରୋତ୍ସାହିତ କରିଥିଲେ, ସେମାନେ ବର୍ତ୍ତମାନ ସରକାରରେ ବିଧାୟକ ଓ ମନ୍ତ୍ରୀ ବୋଲି ସିପିଆଇଏମ୍ ନେତା କହିଛନ୍ତି। ଜୋଙ୍ଗୋଲମୋହଲ ଅଞ୍ଚଳର ସମସ୍ତ ନାଗରିକ ଟିଏମ୍‌ସି ସରକାରକୁ ଫିଙ୍ଗିଦେବା ପାଇଁ ପ୍ରସ୍ତୁତ, ଯାହା ନଭେମ୍ବର ୨୬ ଦେଶବ୍ୟାପୀ ଧର୍ମଘଟରୁ ସ୍ପଷ୍ଟ ହୋଇଛି। ତେବେ ଟିଏମ୍‌ସିଠାରୁ ଭାଜପା ୧୦୦୦ ଗୁଣ ଖରାପ। ଟିଏମ୍‌ସିରୁ ମୁକ୍ତି ପାଇବା ପାଇଁ ଭାଜପା ପତାକା ଧରିବା ଅଧିକ ବିପଜ୍ଜନକ ହେବ। ଏହା ରାଜ୍ୟ ପାଇଁ ବଡ଼ ବିପଦ ହୋଇଥିବାରୁ ଜନସାଧାରଣ ଗୈରିକ ଦଳ ପ୍ରତି ସତର୍କ ରହିବାକୁ ସୁଶାନ୍ତ କହିଛନ୍ତି। ପଶ୍ଚିମବଙ୍ଗରେ ମିଛର ଶାସନ ଚାଲିଥିବାବେଳେ କେନ୍ଦ୍ର କେବଳ ମିଥ୍ୟାରେ ଚାଲିଥିବା ସେ ଅଭିଯୋଗ କରିଥିଲେ।



ଦୁଇ ଦଳ ଉପରେ ବର୍ଷିଲେ ସିପିଆଇଏମ୍ ନେତା ସୁଶାନ୍ତ ଘୋଷ

## ୨,୫୦୦ କୋର୍ଟରେ ରହିବ ଭିଡିଓ କନ୍‌ଫରେନ୍ସ କ୍ୟାବିନ୍

**ନୂଆଦିଲ୍ଲୀ, ୬।୧୨(ପି.ଟି.)**

ତଳ କୋର୍ଟଗୁଡ଼ିକରେ ଅନ୍‌ଲାଇନ ଶୁଣାଣି ସାମର୍ଥ୍ୟ ବଢ଼ାଇବା ଲାଗି ଦେଶର ୨,୫୦୬ କୋର୍ଟ କମ୍ପ୍ଲେକ୍ସରେ ଭିଡିଓ କନ୍‌ଫରେନ୍ସ କ୍ୟାବିନ୍ ପ୍ରତିଷ୍ଠା କରାଯିବ। ଏଥିପାଇଁ ପାଣ୍ଠି ବ୍ୟବସ୍ଥା କରାଯାଇଥିବା ଆଇନ ମନ୍ତ୍ରଣାଳୟ କହିଛି। ସେପ୍ଟେମ୍ବରରେ ୫.୨୧ କୋଟି ଟଙ୍କା ଦିଆଯାଇଥିବାବେଳେ ଅକ୍ଟୋବରରେ ହାର୍ଡୱେର, କେବଲ୍, ମନିଟର ଆଦି ଅତିରିକ୍ତ ଭିଡିଓ କନ୍‌ଫରେନ୍ସ ଉପକରଣ କ୍ରୟ ଲାଗି ଆଉ ୨୮.୮୬ କୋଟି ଟଙ୍କା ଦିଆଯାଇଛି। ସୁପ୍ରିମକୋର୍ଟର ଇ-କମିଟି ଏବଂ ଆଇନ ମନ୍ତ୍ରଣାଳୟର ନ୍ୟାୟ ବିଭାଗ ଏହି ଅର୍ଥ ପ୍ରଦାନ କରିଛନ୍ତି।

ଭାରତରେ ୩,୨୮୮ କୋର୍ଟ କମ୍ପ୍ଲେକ୍ସ ମଧ୍ୟରୁ ୨,୫୦୬ଟିରେ ଭିଡିଓ କନ୍‌ଫରେନ୍ସ କ୍ୟାବିନ ପ୍ରତିଷ୍ଠା ହେବାକୁ ଯାଉଛି। ଅଧିକ ସଂଖ୍ୟାରେ କୋର୍ଟ ପ୍ରକୋଷ୍ଠ ଥିବା ବୃହତ୍ କମ୍ପ୍ଲେକ୍ସଗୁଡ଼ିକରେ ଏକାଧିକ କ୍ୟାବିନ ପ୍ରତିଷ୍ଠା କରାଯିବ। କରୋନା ଯୋଗୁ ଅନ୍‌ଲାଇନରେ ଶୁଣାଣି ହେଉଛି। ଆଗକୁ ଏହା ଜାରି ରହିବ। ଏଥିପାଇଁ ସରକାର ୯ କୋଟି ବ୍ୟୟରେ ୧,୫୦୦ ଅତିରିକ୍ତ ଭିଡିଓ କନ୍‌ଫରେନ୍ସ ଲାଇସେନ୍ସ ସଂଗ୍ରହ କରିଛନ୍ତି। ହାଇକୋର୍ଟ ଏବଂ ଜିଲା କୋର୍ଟଗୁଡ଼ିକୁ ଏହା ଯୋଗାଇଦିଆଯିବ। ଲକ୍‌ଡାଉନ ପରଠୁ ଅକ୍ଟୋବର ୨୮ ମଧ୍ୟରେ ବିଭିନ୍ନ ହାଇକୋର୍ଟ ଓ ଜିଲା କୋର୍ଟରେ ୪୯.୬୭ ଲକ୍ଷରୁ ଅଧିକ ମାମଲା ଭର୍ଚୁଆଲି ଶୁଣାଣି ହୋଇଛି।

## ଅରୁଣାଚଳ ନିକଟରେ ଚାଇନାର ୩ ଗାଁ

**ନୂଆଦିଲ୍ଲୀ, ୬।୧୨(ପି.ଟି.)**

ବୁମ୍ ଲା ପାସ୍‌ଠାରୁ ପ୍ରାୟ ୫ କିମି ଦୂରରେ ଚାଇନା ୩ଟି ଗାଁ ସ୍ଥାପନ କରିଛି। ଅରୁଣାଚଳ ପ୍ରଦେଶରେ ଭାରତ-ଚାଇନା ଓ ଭୁଟାନର ସୀମାଠାରୁ ଅଳ୍ପଦୂରରେ ଏହି ଗାଁ ନିର୍ମାଣ କରାଯାଇଛି। ଅରୁଣାଚଳରେ ବେଜିଂ ସୀମା ବିବାଦ ବଢ଼ାଉଥିବାବେଳେ ଉକ୍ତ ଅଞ୍ଚଳକୁ ନିଜର ଦାବି କରିବା ପାଇଁ ନୂତନ ନିର୍ମାଣ ଉଲ୍ଲେଖନୀୟ ପଦକ୍ଷେପ ହୋଇପାରେ ବୋଲି କୁହାଯାଉଛି। ସୀମା ଦାବିକୁ ମଜଭୁତ୍ କରିବା ସହ ଅନୁପ୍ରବେଶ ବଢ଼ାଇବା ପାଇଁ ବେଜିଂ ଉକ୍ତ ଅଞ୍ଚଳରେ ହାନ୍ ଚାଇନିଜ ଏବଂ କମ୍ୟୁନିଷ୍ଟ ପାର୍ଟିର ତିବ୍ବତୀୟ ସଦସ୍ୟମାନଙ୍କୁ ଥଇଥାନ କରୁଛି। ଦକ୍ଷିଣ ଚାଇନା ସାଗର ଅଞ୍ଚଳରେ ନିଜର ଦାବିକୁ ସୁଦୃଢ଼ କରିବା ପାଇଁ ବେଜିଂ ସେଠାରେ ମତ୍ସ୍ୟଜୀବୀମାନଙ୍କୁ ବ୍ୟବହାର କରିଥିଲା। ଠିକ୍ ସେହିପରି ହିମାଳୟ ଅଞ୍ଚଳରେ ଚାଇନା ଗୋପାଳକଙ୍କୁ ବ୍ୟବହାର କରୁଥିବା ଜଣାପଡିଛି। ଭୁଟାନ ଭୂଖଣ୍ଡରେ ଚାଇନା ଗାଁ ପ୍ରତିଷ୍ଠା କରିଥିବା ସାଟେଲାଇଟ ଚିତ୍ରରୁ ଜଣାପଡ଼ିଥିଲା। ୨୦୧୭ରେ ଡୋକଲାମର ଯେଉଁ ସ୍ଥାନରେ ଭାରତ- ଚାଇନା ମୁହାଁମୁହିଁ ହୋଇଥିଲେ ସେଠାରୁ ମାତ୍ର ୭ କିମି ଦୂରରେ ଏହି ଗାଁ ଅବସ୍ଥିତ। ଏହାର ସପ୍ତାହେ ପରେ ନୂତନ ସାଟେଲାଇଟ୍ ଫଟୋରୁ ଅରୁଣାଚଳ ସୀମାରେ ଚାଇନା ଗ୍ରାମ ନିର୍ମାଣ ହୋଇଥିବା ଜଣାପଡିଛି।



ବୁମ୍ ଲା ପାସ୍‌ରୁ ୫ କିମି ଦୂରରେ ସ୍ଥାପନ କରିଛି

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬,୭୧,୦୫,୬୦୨ | ୧୫,୩୮,୧୫୩ | ୪,୬୪,୨୨,୩୮୨ |
| ଭାରତ | ୯୬,୬୭,୦୮୪ | ୧,୪୦,୪୮୧ | ୯୧,୨୬,୨୩୩ |
| ଓଡ଼ିଶା | ୩,୨୧,୧୯୬ | ୧୭୭୧(+୫୩) | ୩,୧୫,୮୪୦ |

ରବିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

# ପାଣି ନ ଛାଡ଼ିବାକୁ ଜଳ ସତ୍ୟାଗ୍ରହ


ମହିଳାମାନେ ଖରସ୍ରୋତା ନଦୀରେ ପଶି ଜଳ ସତ୍ୟାଗ୍ରହ କରୁଛନ୍ତି।

**ଖରସ୍ରୋତାରୁ ଭଦ୍ରକକୁ ପାଣିଦେବା ବିବାଦ**

**କେନ୍ଦ୍ରାପଡ଼ା ଅଫିସ/ରାଜକନିକା, ୬ା୧୨ (ଡି.ଏନ୍.ଏ.)**

କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ବରୁଣାଡିହାରେ ଖରସ୍ରୋତା ନଦୀରୁ ଭଦ୍ରକ ଜିଲାକୁ ପାଣିଦେବା ବିବାଦ ତୀବ୍ର ହେବାରେ ଲାଗିଛି। ଖରସ୍ରୋତା ବଞ୍ଚାଅ ସଂଗ୍ରାମ ସମିତିର ଶତାଧିକ ମହିଳା ରବିବାର ପୂର୍ବାହ୍ନରେ ହାତରେ ଗରା ଧରି ବରୁଣାଡିହାଠାରେ ନଦୀରେ ପଶି ଜଳ ସତ୍ୟାଗ୍ରହ କରିଛନ୍ତି। ଏଥିସହ କୌଣସି ପରିସ୍ଥିତିରେ ଖରସ୍ରୋତା ନଦୀକୁ ମୃତ ହେବାକୁ ଦିଆଯିବ ନାହିଁ ବୋଲି ଶପଥ ନେଇଛନ୍ତି।

ଭଦ୍ରକ ଜିଲାର ବାସୁଦେବପୁର, ତିହିଡି, ଧାମନଗର ଓ ଚାନ୍ଦବାଲି ବ୍ଲକର ୯୧ ପଞ୍ଚାୟତକୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ ପାଇଁ ବରୁଣାଡିହାଠାରେ ଖରସ୍ରୋତାରେ ମେଗା ପାନୀୟ ଜଳ ପ୍ରକଳ୍ପ ଜାନୁୟାରୀରୁ ନିର୍ମାଣାଧୀନ ଅଛି। ୮୯୨ କୋଟି ଟଙ୍କା ବ୍ୟୟରେ ଏହି ପ୍ରକଳ୍ପ ପାଇଁ ଚାନ୍ଦବାଲି ବ୍ଲକ ନୂଆହାଟଠାରେ ଜଳ ବିଶୋଧନାଗାର ନିର୍ମାଣ ଚାଲିଛି। ସ୍ଥାନୀୟ ଅଞ୍ଚଳରେ ପାଇପ୍ ବିଛା ଯାଉଛି। ନଦୀରୁ ପାଣି ଉଠାଗଲେ ଲୁଣା ମାଡ଼ିଯିବା, ସ୍ଥାନୀୟ ଅଞ୍ଚଳର କୃଷି ଓ ଜାତୀୟ ଉଦ୍ୟାନ ଭିତରକନିକା ପ୍ରଭାବିତ କରିବ ବୋଲି ଆଶଙ୍କା କରି ସମିତି ପକ୍ଷରୁ ପ୍ରକଳ୍ପ ନିର୍ମାଣ ଆରମ୍ଭରୁ ବିରୋଧ କରାଯାଉଛି। ଇତିମଧ୍ୟରେ ଶାସକ ଓ ପ୍ରଶାସକ ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ପ୍ରୟାସ ଚଳାଇଛନ୍ତି। ଏପରି କି ବିରୋଧୀ ଓ ପ୍ରଶାସକଙ୍କ ପକ୍ଷରୁ ଦୁଇଥର ସଭା ଓ ଆଲୋଚନା ହୋଇଥିଲେ ମଧ୍ୟ ତାହା ନିଷ୍ଫଳ ହୋଇଯାଇଛି। ଜଳ ସତ୍ୟାଗ୍ରହ ସମ୍ପର୍କରେ ଆନ୍ଦୋଳନକାରୀ କବିତା ବେହେରା କହିଛନ୍ତି, ଖରସ୍ରୋତା ନଦୀରେ ଆଗ ପରି ସ୍ରୋତ ରହୁନାହିଁ। ନଦୀ ଜଳ ସଂରକ୍ଷଣ ପାଇଁ ଯୋଜନା ଅଭାବରୁ ସ୍ଥାନୀୟ କୃଷି ପାଇଁ ପାଣି ନିଅଣ୍ଟ ହେଉଛି। ସେହିପରି ହେନ୍ତାଳବଣ ପାଇଁ ସମୁଦ୍ରର ଲୁଣି ପାଣି ସହ ମଧୁର ଜଳର ସମ୍ମିଶ୍ରଣ ଆବଶ୍ୟକ। ନଦୀର ତଳମୁଣ୍ଡରେ ସମୁଦ୍ରକୁ କେତେ ପରିମାଣରେ ମଧୁର ପାଣି ନିଷ୍କାସିତ ହେଉଛି, ତାହାର ତର୍ଜମା ହୋଇନାହିଁ। ଏପରିସ୍ଥଳେ ମେଗା ପାନୀୟ ଜଳ ପ୍ରକଳ୍ପରେ ଦୈନିକ ୧୪୮ ମିଲିଅନ ଲିଟର ପାଣି ଉଠାଗଲେ ସମୁଦ୍ରର ଲୁଣାଜଳ ଭିତରକୁ ମାଡିଆସିବ। ପାଣିଉଠା ସ୍ଥାନ ଓ ବିଶୋଧନାଗାର ମଧ୍ୟରେ ବହି ଯାଇଥିବା ବୈତରଣୀରେ ଲୁଣି ପାଣି ଆସିବା ପରି ଖରସ୍ରୋତା ଅଗାମୀଦିନରେ ମଧ୍ୟ ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ମୃତା ନଦୀ ହୋଇଯିବ। କୃଷି ଓ ଭିତରକନିକାର ଜୈବ ବିବିଧତା ନଷ୍ଟ ସହ ସୁନାମି ଆସି କେନ୍ଦ୍ରାପଡାର ପ୍ରଭୂତ କ୍ଷତି ଘଟାଇବ। ତୁରନ୍ତ ଏହି ପ୍ରକଳ୍ପ ବନ୍ଦ କରିବାକୁ ଆନ୍ଦୋଳନକାରୀ ବେହେରା ରାଜ୍ୟ ସରକାରଙ୍କୁ ନିବେଦନ କରିଛନ୍ତି। ସଂଗ୍ରାମ ସମିତିର ମୋନାଲିସା ବେହେରା, ଅପର୍ଣ୍ଣା ମହାନ୍ତି, ସରସ୍ୱତୀ ରାଉତ, ସଂଯୁକ୍ତା ବେହେରା ଓ ଉର୍ମିଳା ବେହେରା ପ୍ରମୁଖ ଜଳ ସତ୍ୟାଗ୍ରହର ନେତୃତ୍ୱ ନେଇଥିଲେ।

## ଚାଷୀଙ୍କୁ ହାଣି ହତ୍ୟା

**ଛତ୍ରପୁର,୬ା୧୨(ଡି.ଏନ୍.ଏ.):** ଗଞ୍ଜାମ ଜିଲା ଛତ୍ରପୁର ବ୍ଲକ ଚମାଖଣ୍ଡି ଥାନା ରଘୁନାଥପୁର ଗାଁରେ ଜଣେ ଚାଷୀଙ୍କୁ କୋଡିରେ ହାଣି ହତ୍ୟା କରାଯାଇଛି। ସେ ହେଲେ ବି. ଲିଙ୍ଗରାଜ ରେଡ୍ଡୀ। ଲିଙ୍ଗରାଜଙ୍କ ଭଉଣୀ ରବିବାର ସନ୍ଧ୍ୟାରେ ଭାଇ ଘରକୁ ଆସିଥିବା ବେଳେ ଘର ଭିତରେ ଲିଙ୍ଗରାଜଙ୍କ ରକ୍ତଜୁଡୁବୁଡୁ ମୃତଦେହ ଚଟାଣରେ ପଡିଥିବା ଦେଖିଥିଲେ। ଘଟଣାସ୍ଥଳରେ ଚମାଖଣ୍ଡି ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି। ମୃତଦେହ ନିକଟରେ ଏକ ରକ୍ତଭିଜା କୋଡ଼ି ପଡ଼ିଥିବାରୁ ତାଙ୍କୁ କେହି ହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି।

# ନୂଆବର୍ଷରୁ ଗାଡ଼ି ଯାଞ୍ଚ କଡ଼ାକଡ଼ି

- କରୋନା ପାଇଁ କୋହଳ ହୋଇଥିଲା
- ଉଲ୍ଲଂଘନ କଲେ ୩ ମାସ ଲାଇସେନ୍ସ ବାତିଲ

**ଭୁବନେଶ୍ୱର, ୬ା୧୨(ବ୍ୟୁରୋ)**

ବେପରୁଆ ଗାଡ଼ି ଚାଳକ ସାବଧାନ। ଏଣିକି ନିୟମ ଉଲ୍ଲଂଘନ କଲେ ଆଉ ନିସ୍ତାର ନାହିଁ। ଆସନ୍ତା ଜାନୁୟାରୀରୁ ରାଜ୍ୟରେ ଗାଡ଼ି ଯାଞ୍ଚକୁ ଜୋରଦାର କରାଯିବ। ନିୟମ ନ ମାନିଲେ ଦଣ୍ଡ ଗଣିବାକୁ ପଡ଼ିବ। ହେଲମେଟ୍, ସିଟ୍ ବେଲ୍ଟ ଓ ପରିବହନ ଆଇନକୁ କଡ଼ାକଡ଼ି ଲାଗୁ କରାଯିବ ବୋଲି ରବିବାର ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା କହିଛନ୍ତି। ଦ୍ରୁତ ବେଗରେ ଗାଡ଼ି ଚଲାଇଲେ, ମଦ୍ୟ ପାନ କରି ଗାଡ଼ି ଚାଳନା କଲେ, ଗାଡ଼ି ଚଲାଇବାବେଳେ ମୋବାଇଲରେ କଥା ହେଉଥିଲେ, ଦୁଇ ଚକିଆ ଯାନରେ ବିନା ହେଲ୍‌ମେଟ୍‌ରେ ଯାଉଥିଲେ, ଟ୍ରାଫିକ୍‌ରେ ରେଡ୍ ଲାଇଟ୍ ଅତିକ୍ରମ କଲେ, ମାଲ୍‌ବାହୀ ଗାଡ଼ିରେ ଯାତ୍ରୀ ବୁହା ହେଲେ ତିନି ମାସ ପାଇଁ ଡ୍ରାଇଭିଂ ଲାଇସେନ୍ସ ବାତିଲ ହେବ। ଏ ସଂକ୍ରାନ୍ତରେ ରାଜ୍ୟ ପରିବହନ କର୍ତ୍ତୃପକ୍ଷ(ଏସ୍‌ଟିଏ) ଟୁଇଟ୍ କରି ସୂଚନା ଦେଇଥିବାବେଳେ ମନ୍ତ୍ରୀ କହିଛନ୍ତି ଯେ, ନୂଆବର୍ଷରୁ ନୂଆ ନିୟମ ଲାଗୁ ହେବ। ବର୍ତ୍ତମାନ ଯାଞ୍ଚ ସହ ଲୋକଙ୍କୁ ସଚେତନ କରାଯାଉଛି। ୨୦୧୯ରୁ କେନ୍ଦ୍ର ସରକାର ଏହି ଆଇନ ଆଣିଛନ୍ତି। କରୋନା ପାଇଁ ଏହାକୁ କୋହଳ କରାଯାଇଥିଲା। ମାତ୍ର ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ଏହି ନିଷ୍ପତ୍ତି ନିଆଯାଇଛି।

ସୂଚନାଯୋଗ୍ୟ, ରାଜ୍ୟରେ ଦୁର୍ଘଟଣା ସହ ଏଥିଜନିତ ମୃତ୍ୟୁ ବଢୁଛି। ଏହାକୁ ହ୍ରାସ କରିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ସମୟରେ ନୂଆ ନୂଆ ଆଇନ ଲାଗୁ କରୁଛନ୍ତି। ସଡ଼କ ସୁରକ୍ଷାକୁ ନେଇ ସଚେତନତା କାର୍ଯ୍ୟକ୍ରମମାନ କରାଯାଉଥିଲେ ମଧ୍ୟ ଅମାନିଆଙ୍କ ପାଇଁ ସେତେଟା ସୁଫଳ ମିଳୁନି। ତେଣୁ ଅମାନିଆଙ୍କୁ ସାବାଡ଼ କରିବା ପାଇଁ ପରିବହନ ବିଭାଗ ଏଣିକି କଡ଼ା ଆଭିମୁଖ୍ୟ ଗ୍ରହଣ କରିବାକୁ ନିଷ୍ପତ୍ତି ନେଇଛି। ଦୁଇଚକିଆ ଯାନ ଚଳାଉଥିବା ଓ ପଛରେ ବସିଥିବା ବ୍ୟକ୍ତିଙ୍କ ପାଇଁ ହେଲ୍‌ମେଟ୍ ବାଧ୍ୟତାମୂଳକ କରାଯାଇଛି। ଶନିବାର ବିଭାଗ ପକ୍ଷରୁ ଏ ସଂକ୍ରାନ୍ତରେ ସୂଚନା ଦିଆଯାଇଥିବାବେଳେ ଏହାସହ ସମସ୍ତ ନିୟମକୁ ଜାନୁୟାରୀରୁ କଡ଼ାକଡ଼ି ଲାଗୁ କରାଯିବ ବୋଲି କୁହାଯାଇଛି।

# ୧୭ ସ୍ୱେଚ୍ଛାସେବୀ ନେଲେ ସ୍ପୁଟନିକ ଭି ଟିକା

**ପୁଣେ, ୬ା୧୨:** ପୁଣେ ହସ୍ପିଟାଲରେ ରବିବାର ରୁଷ ପ୍ରସ୍ତୁତ ସ୍ପୁଟନିକ ଭି ଟିକାର ଦ୍ୱିତୀୟ ପର୍ଯ୍ୟାୟ ତଥା ମାନବ ପରୀକ୍ଷଣ ଆରମ୍ଭ ହୋଇଛି। ପ୍ରଥମ କରି ୧୭ ଜଣ ସ୍ୱେଚ୍ଛାସେବୀଙ୍କୁ ଏହି ଟିକା ଦିଆଯାଇଛି। ଟିକା ନେଇଥିବା ସମସ୍ତ ବ୍ୟକ୍ତିଙ୍କୁ ନିରୀକ୍ଷଣରେ ରଖାଯାଇଥିବା ହସ୍ପିଟାଲ ପକ୍ଷରୁ କୁହାଯାଇଛି। ସ୍ପୁଟନିକ ଭି ଟିକାକୁ ହାଇଦ୍ରାବାଦ ସ୍ଥିତ ଡ. ରେଡ୍ଡି ଲାବୋରେଟୋରୀ ଉତ୍ପାଦନ କରାଯାଉଛି।


JDCA
JD Centre of Art

**ACCOUNTANT**

- **Experience:** 5-8 years of experience of preparation of accounts independently, preferably at public institutions or NGOs.
- **Skills:** Tally, MS Excel, MS Word knowledge of PFMs is beneficial
- **Language:** Odia and English
- **Joining Date**: On immediate basis

Apply only by email with CV & covering letter to contact@jdcentreofart.org

A20 VIP Colony, Nayapalli, Bhubaneswar 751015
For queries: 0674 254195, 2555077
www.jdcentreofart.org







# ପ୍ରଦୀପ-ପାଠକ ପରିବାର ଗୁମର ଖୋଲିଲେ ପିଟର

- ଆକାଶଙ୍କ ପିଏଙ୍କୁ ଭିଜିଲାନ୍ସର ମାରାଥନ ଜେରା
- ପ୍ରଦୀପଙ୍କ ୩ ସମ୍ପର୍କୀୟଙ୍କୁ ଇଡିର ପଚରାଉଚରା, ୫ଜଣଙ୍କୁ ନୋଟିସ

**ଭୁବନେଶ୍ୱର,୬ା୧୨(ବ୍ୟୁରୋ):** ଟାଟା ମୋଟର୍ସ କମ୍ପାନୀରେ ଚାକିରି ଦେବା ଆଳରେ ଠକେଇ କରି ଜେଲ ଯାଇଥିବା ଆକାଶ ପାଠକଙ୍କ ବ୍ୟକ୍ତିଗତ ସହାୟକ (ପିଏ) ଡେଭିଡ୍ ପିଟରଙ୍କୁ ୩ଦିନ ଧରି ମାରାଥନ ଜେରା ଚାଲିଛି। ପୁଣେରୁ ଉଠାଇ ଆଣି ଭୁବନେଶ୍ୱରର ଏକ ଅଜ୍ଞାତ ସ୍ଥାନରେ ରଖି ପଚରାଉଚରା କରୁଛି ଭିଜିଲାନ୍ସ। ଏଥିସହ ଆୟ ବହିର୍ଭୂତ ସମ୍ପତ୍ତି ଓ ଠକେଇ ମାମଲାରେ ଜେଲ୍‌ରେ ଥିବା ବାପା ନିଲମ୍ବିତ ଆଇଏଫ୍‌ଏସ୍ ଅଫିସର ଅଭୟକାନ୍ତ ଓ ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କ ଲିଙ୍କ୍ ରହିଥିବାରୁ ତଦନ୍ତରେ କମିଶନରେଟ ପୋଲିସ ଓ ଅନ୍ୟ ତଦନ୍ତକାରୀ ଟିମ୍ ମଧ୍ୟ ସାମିଲ ରହିଛି। ଜେରାବେଳେ ପାଠକ ଓ ପ୍ରଦୀପଙ୍କ ପରିବାରର ଭିତିରି ଗୁମର ଖୋଲିଛନ୍ତି ପିଟର। ପୁଣେସ୍ଥିତ ଫାର୍ମ ହାଉସ୍‌କୁ ଦୁଇ ପରିବାର ସଦସ୍ୟଙ୍କ ସମେତ ଅନ୍ୟ କେଉଁମାନେ ଯାଉଥିଲେ, ସେମାନଙ୍କ କଳାକାରନାମାରେ କେଉଁମାନେ ସାମିଲ୍ ଅଛନ୍ତି, ତାହା ଜାଣିବାକୁ ପିଟରଙ୍କୁ ଭିଜିଲାନ୍ସ ପକ୍ଷରୁ ନାନା ପ୍ରଶ୍ନ କରାଯାଇଥିଲା। ତେବେ ତାଙ୍କଠାରୁ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହସ୍ତଗତ ହୋଇଥିଲେ ମଧ୍ୟ ତଦନ୍ତରେ ବାଧାସୃଷ୍ଟି ଆଶଙ୍କାରେ ଭିଜିଲାନ୍ସ ସୂଚନା ଦେବାକୁ ଉଚିତ ମଣିନି। ତେବେ ଅଭୟକାନ୍ତ ଓ ପୁଅ ଆକାଶଙ୍କ କଳାକାରନାମାର ଅଧିକରୁ ଅଧିକ ପ୍ରମାଣ ପାଇବା ପାଇଁ ଓଡ଼ିଶା ବାହାରେ ଭିଜିଲାନ୍ସର ସ୍ୱତନ୍ତ୍ର ଟିମ୍ ତଦନ୍ତ ଜାରି ରଖିଛି। ବିହାର ପାଟଣାରେ ପାଠକ ବାପ ପୁଅଙ୍କ ଘର ସମେତ ସମ୍ପର୍କୀୟଙ୍କ ଘରେ ଭିଜିଲାନ୍ସ ଟିମ ୨ ଦିନ ଧରି ଯାଞ୍ଚ ଚଳାଇଛି। ସେପଟେ ଟାଟା ନାଁରେ ଠକେଇ ଓ ଜାଲିଆତି ନେଇ ଗୋପଳପୁର ବିଧାୟକ ପ୍ରଦୀପ ପାଣିଗ୍ରହୀଙ୍କ ନାମରେ ବ୍ରହ୍ମପୁର ଅଞ୍ଚଳରେ ଅଭିଯୋଗ ସଂଖ୍ୟା ବଢିବାରେ ଲାଗିଛି। ଗତ ୬ ମାସ ମଧ୍ୟରେ ତାଙ୍କ ଆକାଉଣ୍ଟରେ କାରବାର ହୋଇଥିବା ୨.୪୮ କୋଟି ଟଙ୍କାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଖାଲତାଡ଼ ଚଳାଇଛି। ଇତି ମଧ୍ୟରେ ନିର୍ଦ୍ଦିଷ୍ଟ ଭାବେ ପ୍ରଦୀପଙ୍କ ଆକାଉଣ୍ଟରେ ଟଙ୍କା ଡିପୋଜିଟ୍ କରିଥିବା ନିର୍ଦ୍ଦିଷ୍ଟ ସଂସ୍ଥାକୁ ତଦନ୍ତ ପରିସରଭୁକ୍ତ କରାଯାଇଛି। ଏ ସଂକ୍ରାନ୍ତରେ ୩ଜଣଙ୍କୁ ଇଡି ପଚରାଉଚରା ଆରମ୍ଭ କରିଥିବାବେଳେ ପ୍ରଦୀପଙ୍କ ୫ଜଣ ସମ୍ପର୍କୀୟଙ୍କୁ ନୋଟିସ କରାଯାଇଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଦୁର୍ଘଟଣାରେ ଶାଶୁ, ଆଶାକର୍ମୀ ମୃତ



ଦୁର୍ଘଟଣାଗ୍ରସ୍ତ କାର୍

■ ବୋହୂଙ୍କ ଅଲ୍ଟ୍ରାସାଉଣ୍ଡ କରି ଫେରୁଥିଲେ
■ ଭାରସାମ୍ୟ ହରାଇ ବିଲକୁ ଓଲଟିଲା କାର୍

**କାମାକ୍ଷାନଗର, ୬।୧୨(ଡି.ଏନ.ଏ.)**

ଗର୍ଭବତୀ ବୋହୂଙ୍କ ଅଲ୍ଟ୍ରାସାଉଣ୍ଡ କରାଇବାକୁ ଯାଇଥିଲେ। ଘରକୁ ଫେରିବା ବାଟରେ ଜଗିଥିଲା ଯମ। ଭାରସାମ୍ୟ ହରାଇ ଓଲଟି ପଡ଼ିଲା କାର୍। ଏଥିରେ ଶାଶୁ ଏବଂ ତାଙ୍କ ସହିତ ଯାଇଥିବା ଆଶାକର୍ମୀଙ୍କ ମୃତ୍ୟୁ ଘଟିଛି। ଗୁରୁତର ଅବସ୍ଥାରେ ବୋହୂ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ପଣ୍ଡୁଆ ଫାଣ୍ଡି ଅଧୀନ ଖଟୁଆହତା ନିକଟରେ ରବିବାର ଘଟିଥିବା ଏଭଳି ଦୁଃଖଦ ଦୁର୍ଘଟଣା ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି।

ପୋଲିସ ସୂଚନା ଅନୁଯାୟୀ, ଭୁବନ ଥାନା ଅଧୀନ ମଠକରଗୋଳା ଗ୍ରାମ ବାଲିସାହିର ସୁଶାନ୍ତ ଦାସଙ୍କ ଗର୍ଭବତୀ ସ୍ତ୍ରୀ ପୁଷ୍ପାଞ୍ଜଳି ବେହେରା (୩୫), ମା' ନୀରେଇ ଦାସ (୬୫) ଏବଂ ଆଶାକର୍ମୀ ଲକ୍ଷ୍ମୀ ନାୟକ ସକାଳେ ଅଲ୍ଟ୍ରାସାଉଣ୍ଡ କରିବାକୁ କାର୍ (ନଂ. ଓଡି ୦୯ ବି ୪୦୮୯)ରେ ଢେଙ୍କାନାଳ ଆସିଥିଲେ। ଡାକ୍ତର ପରାମର୍ଶ ପରେ ସେ ଘରକୁ ଫେରୁଥିଲେ। ଖଟୁଆହତା ପାଖରେ କାର୍‌ଟି ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱ ବିଲକୁ ଓଲଟି ପଡ଼ିଥିଲା। ଗୁରୁତର ଅବସ୍ଥାରେ ନୀରେଇ ଏବଂ ଲକ୍ଷ୍ମୀଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ପୁଷ୍ପାଞ୍ଜଳିଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ଘଟାଇ କାର୍ ଡ୍ରାଇଭର ଫେରାର ହୋଇଯାଇଛନ୍ତି। ଏ ନେଇ ଡୁମୁସିଂହା ଥାନାରେ ନଂ. ୧୭୧/୨୦ରେ ମାମଲା ରୁଜୁ ହୋଇଛି।

# ଅତି ଦରିଦ୍ରଙ୍କ ସଂଖ୍ୟା ୧୦୦ କୋଟି ଟପିବ

## କରୋନାର ଦୀର୍ଘମିଆଦୀ ପ୍ରଭାବ

**ଜାତିସଂଘ, ୬।୧୨(ପି.ଟି.)**

କରୋନା ମହାମାରୀର ଦୀର୍ଘମିଆଦୀ ପ୍ରଭାବ ୨୦୩୦ ସୁଦ୍ଧା ଆଉ ୨୦.୭୦ କୋଟି ଲୋକଙ୍କୁ ଅତ୍ୟଧିକ ଦାରିଦ୍ର୍ୟ ମଧ୍ୟକୁ ଠେଲିଦେବ। ଏମାନଙ୍କୁ ମିଶାଇ ବିଶ୍ୱରେ ଅତ୍ୟଧିକ ଦରିଦ୍ରଙ୍କ ସଂଖ୍ୟା ୧୦୦ କୋଟି ଟପିଯିବ ବୋଲି ଜାତିସଂଘ ଉନ୍ନୟନ କାର୍ଯ୍ୟକ୍ରମ (ୟୁଏନ୍‌ଡିପି) ପକ୍ଷରୁ କରାଯାଇଥିବା ନୂତନ ଅଧ୍ୟୟନରୁ ଜଣାପଡ଼ିଛି। ଏକ ଦଶନ୍ଧିରୁ ଅଧିକ ସମୟ କରୋନାର ବହୁମୁଖୀ ପ୍ରଭାବ ଅନୁଭୂତ ହେବ। ଏହି ପ୍ରଭାବଗୁଡ଼ିକୁ ଆକଳନ କରି ୟୁଏନ୍‌ଡିପି ଉପରୋକ୍ତ ପୂର୍ବାନୁମାନ କରିଛି।

ବର୍ତ୍ତମାନର କରୋନା ମୃତ୍ୟୁହାର ଏବଂ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି ନିକଟରେ କରିଥିବା ଅଭିବୃଦ୍ଧି ପୂର୍ବାନୁମାନ ଆଧାରରେ ପ୍ରସ୍ତୁତ 'ବେସ୍‌ଲାଇନ କୋଭିଡ୍' ଦୃଶ୍ୟପଟରେ କୁହାଯାଇଛି, ୨୦୩୦ ବେଳକୁ ଅଧିକ ୪.୪୦ କୋଟି ଲୋକ ଅତ୍ୟନ୍ତ ଦାରିଦ୍ର୍ୟ ମଧ୍ୟକୁ ଚାଲିଯିବେ। ତେବେ ଏକ 'ହାଇ ଡ୍ୟାମେଜ୍' ଦୃଶ୍ୟପଟ ଅନୁଯାୟୀ ଏହି ସମୟ ସୁଦ୍ଧା ଅଧିକ ୨୦.୭୦ କୋଟି ଲୋକ ଅତ୍ୟନ୍ତ ଦରିଦ୍ର ହୋଇଯିବେ। ୨୦୩୦ ସୁଦ୍ଧା ଅତ୍ୟନ୍ତ ଦାରିଦ୍ର୍ୟ ତାଲିକାରେ ଅଧିକ ୧୦.୨ କୋଟି ମହିଳା ସାମିଲ ହେବେ ବୋଲି ରିପୋର୍ଟରେ କୁହାଯାଇଛି। ଉତ୍ପାଦନ କ୍ଷତିଗ୍ରସ୍ତ ହୋଇଥିବାରୁ କୋଭିଡ୍ ଜନିତ ଆର୍ଥିକ ସଙ୍କଟର ୮୦ ପ୍ରତିଶତ ୧୦ ବର୍ଷ ପର୍ଯ୍ୟନ୍ତ ଅନୁଭୂତ ହେବ ବୋଲି ପୂର୍ବାନୁମାନ କରାଯାଇଛି। ମହାମାରୀ ପୂର୍ବରୁ ଥିବା ଅଭିବୃଦ୍ଧି ହାର ଫେରାଇଆଣିବାରେ ଏହା ବାଧକ ହେବ। ତେବେ ଦୀର୍ଘମିଆଦୀ ବିକାଶ ଲକ୍ଷ୍ୟ (ଏସ୍‌ଡିଜି)ରେ ଆଗାମୀ ଦଶକରେ ଯଦି ସାମାଜିକ ସୁରକ୍ଷା/କଲ୍ୟାଣକାରୀ କାର୍ଯ୍ୟକ୍ରମ, ଶାସନ, ଡିଜିଟାଲାଇଜେଶନ ଏବଂ ସବୁଜ ଅର୍ଥନୀତିରେ ଅଧିକ ନିବେଶ କରାଯାଏ ତେବେ ଏହା କେବଳ ଅତ୍ୟନ୍ତ ଦାରିଦ୍ର୍ୟ ବୃଦ୍ଧିକୁ ରୋକିବ ନାହିଁ, ମହାମାରୀ ପୂର୍ବରୁ ଅଭିବୃଦ୍ଧି ହାରକୁ ମଧ୍ୟ ଟପିଯାଇପାରିବ ବୋଲି ଅଧ୍ୟୟନରେ କୁହାଯାଇଛି। ଏସ୍‌ଡିଜି ନିବେଶ ଦ୍ୱାରା ଅତିରିକ୍ତ ୧୪.୬ କୋଟି ଲୋକଙ୍କୁ ଅତ୍ୟନ୍ତ ଦାରିଦ୍ର୍ୟରୁ ମୁକୁଳାଇ ହେବ ଏବଂ ଲିଙ୍ଗଗତ ଦାରିଦ୍ର୍ୟ ଅସମାନତା ବ୍ୟବଧାନ ହ୍ରାସ ପାଇପାରିବ। ମହିଳା ଦାରିଦ୍ର୍ୟ ସଂଖ୍ୟା ୭.୪ କୋଟି କମିପାରିବ ବୋଲି ୟୁଏନ୍‌ଡିପି କହିଛି।

# ମହାକାଶକୁ ସାଟେଲାଇଟ ପଠାଇବ ଡ୍ରୋନ

**ନୂଆଦିଲ୍ଲୀ, ୬।୧୨**

ଏଣିକି ବିନା ପାଇଲଟ ଓ ଲଞ୍ଚପ୍ୟାଡ୍ ନ ଥିଲେ ବି ମହାକାଶକୁ ପଠାଯାଇପାରିବ ସାଟେଲାଇଟ। ଆମେରିକାସ୍ଥିତ ଏଭମ ଏରୋସ୍ପେସ୍ ଷ୍ଟାର୍ଟଅପ୍ ପକ୍ଷରୁ ଦୁନିଆର ପ୍ରଥମକରି ଏଭଳି ଏକ ରକେଟ୍ ଲଞ୍ଚିଂ ଡ୍ରୋନ (ଆର୍‌ଏଭିଏନ୍-ଏକ୍ସ) ପ୍ରସ୍ତୁତ କରାଯାଇଛି। ଏହା ସମ୍ପୂର୍ଣ୍ଣ ଭାବେ ସ୍ୱୟଂଚାଳିତ। ଏହି ଡ୍ରୋନ ଦ୍ୱାରା ଛୋଟ ଛୋଟ କୃତ୍ରିମ ଉପଗ୍ରହଗୁଡ଼ିକୁ ମାତ୍ର ୧୮୦ ମିନିଟ୍‌ରେ କକ୍ଷପଥକୁ ପଠାଯାଇପାରିବ। ଡ୍ରୋନର ଲମ୍ବ ୮୦ ଫୁଟ୍ ଏବଂ ଓଜନ ୫୫ ହଜାର ଏଲ୍‌ବିଏସ୍ ରହିଛି। ଏହାର ୭୦ ପ୍ରତିଶତ ପୁନଃ ବ୍ୟବହାରଯୋଗ୍ୟ ବୋଲି କମ୍ପାନୀର ସିଇଓ ଜେ ସ୍କାଇଲସ୍ କହିଛନ୍ତି। ସବୁଠାରୁ ବଡ଼ କଥା ଯେ, ଉପଗ୍ରହ ଉତ୍କ୍ଷେପଣ ପାଇଁ ଲଞ୍ଚପ୍ୟାଡ୍ ଭଳି ବ୍ୟୟବହୁଳ ଭିତ୍ତିଭୂମି ଏହା ଆବଶ୍ୟକ କରେ ନାହିଁ। ପାରମ୍ପରିକ ଜେଟ୍ ଇଞ୍ଜିନ ଏଥିରେ ବ୍ୟବହାର କରାଯାଇଛି। ପ୍ରତିକୂଳ ପାଣିପାଗରେ ମଧ୍ୟ ଏହି ଡ୍ରୋନ ସହଜରେ ଉଡାଣ ଓ ଲ୍ୟାଣ୍ଡିଂ କରିପାରିବ।



# 'ଜାନୁୟାରୀରେ ଲାଗୁ ହୋଇପାରେ ସିଏଏ'

**ବାରାସାତ୍, ୬।୧୨(ପି.ଟି.)**

ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ଆସନ୍ତା ବର୍ଷ ଜାନୁୟାରୀରୁ ଲାଗୁ ହୋଇପାରେ ବୋଲି ବରିଷ୍ଠ ଭାଜପା ନେତା କୈଳାସ ବିଜୟବର୍ଗୀୟ ଶନିବାର କହିଛନ୍ତି। ପଶ୍ଚିମବଙ୍ଗରେ ରହିଥିବା ଶରଣାର୍ଥୀମାନଙ୍କୁ ନାଗରିକତ୍ୱ ପ୍ରଦାନ କରିବା ଲାଗି କେନ୍ଦ୍ର ସରକାର ଓ ଭାଜପା ଆଗ୍ରହ ପ୍ରକାଶ କରିଛନ୍ତି। ତେବେ ଟିଏମ୍‌ସି ସରକାରଙ୍କର ଶରଣାର୍ଥୀମାନଙ୍କ ପ୍ରତି ଆଦୌ ଅନୁକମ୍ପା ନାହିଁ ବୋଲି ଭାଜପା ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଅଭିଯୋଗ କରିଛନ୍ତି। ଉତ୍ତର ୨୪ ପ୍ରଗଣା ଜିଲାରେ ଭାଜପା ପକ୍ଷରୁ ଆୟୋଜିତ 'ଆଉ ଅନ୍ୟାୟ ନୁହେଁ' ଅଭିଯାନ ଅବସରରେ ବିଜୟବର୍ଗୀୟ କହିଥିଲେ, ଆଗାମୀ ଜାନୁୟାରୀରୁ ଶରଣାର୍ଥୀମାନଙ୍କୁ ନାଗରିକତ୍ୱ ପ୍ରଦାନ ଲାଗି ଦଳ ଆଶାବାଦୀ ରହିଛି। ପଡୋଶୀ ଦେଶରୁ ଆସିଥିବା ଶରଣାର୍ଥୀମାନଙ୍କୁ ନାଗରିକତ୍ୱ ପ୍ରଦାନ ମହତ ଲକ୍ଷ୍ୟ ନେଇ କେନ୍ଦ୍ର ସରକାର ସିଏଏ ଗୃହୀତ କରାଇଥିଲେ। ବିଜୟବର୍ଗୀୟଙ୍କ ମନ୍ତବ୍ୟ ଉପରେ ପ୍ରତିକ୍ରିୟା ରଖି ଟିଏମ୍‌ସି ନେତା ତଥା ମନ୍ତ୍ରୀ ଫିର୍‌ହାଦ ହାକିମ୍ କହିଛନ୍ତି, ଭାଜପା ପଶ୍ଚିମବଙ୍ଗ ଜନସାଧାରଣଙ୍କୁ ବୋକା ବନାଇବାକୁ ଉଦ୍ୟମ କରୁଛି।



କୈଳାସ ବିଜୟବର୍ଗୀୟ

# ହରିୟାଣା ଉପମୁଖ୍ୟମନ୍ତ୍ରୀଙ୍କୁ ବାସନ୍ଦ କଲା ଖାପ୍

ଜିନ୍ଦ, ୬।୧୨: କେନ୍ଦ୍ର ସରକାରଙ୍କ ୩ଟି କୃଷି ଆଇନକୁ ସମର୍ଥନ କରୁଥିବା ହରିୟାଣା ଉପମୁଖ୍ୟମନ୍ତ୍ରୀ ଦୁଷ୍ୟନ୍ତ ଚୌଟାଲା ଏବଂ ହିସାରର ଭାଜପା ଏମ୍‌ପି ବ୍ରିଜେନ୍ଦ୍ର ସିଂଙ୍କୁ ଜିନ୍ଦ ଜିଲା ବାଙ୍ଗର ଅଞ୍ଚଳର ଖାପ୍ ପଞ୍ଚାୟତଗୁଡ଼ିକ ସାମାଜିକ ବାସନ୍ଦ କରିଛନ୍ତି। ଉକ୍ତ ଖାପ୍ ପଞ୍ଚାୟତରେ ଉଭୟଙ୍କ ବିରୋଧରେ 'ହୁକ୍କା ପାନି ବନ୍ଦ' ପ୍ରସ୍ତାବ ଗୃହୀତ ହୋଇଛି। ସେହିପରି ବ୍ରିଜେନ୍ଦ୍ରଙ୍କ ବାପା ପୂର୍ବତନ କେନ୍ଦ୍ରମନ୍ତ୍ରୀ ବୀରେନ୍ଦ୍ର ସିଂଙ୍କ ବିରୋଧରେ ମଧ୍ୟ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ଭାଜପାକୁ ସମର୍ଥନ କରୁଥିବା ବାଙ୍ଗର ଅଞ୍ଚଳର ଯେକୌଣସି ନେତା ସେମାନଙ୍କର ଶତ୍ରୁ ବୋଲି ଖାପ୍ ପକ୍ଷରୁ କୁହାଯାଇଛି।



ଦୁଷ୍ୟନ୍ତ ଚୌଟାଲା

## ପ୍ରଥମ ପୃଷ୍ଠାରୁ...

### ଦାବି ସହ ସାଲିସ ...

ଭାରତୀୟ କିଷାନ ୟୁନିୟନ୍ ଲୋକ ଶକ୍ତି ନୋଏଡାସ୍ଥିତ ରାଷ୍ଟ୍ରୀୟ ଦଳିତ ପ୍ରେରଣା ସ୍ଥଳରୁ ଦିଲ୍ଲୀ ଅଭିମୁଖେ ବିକ୍ଷୋଭ ଶୋଭାଯାତ୍ରା ଆରମ୍ଭ କରିଛି। ସେପଟେ ୬ ମାସ ପାଇଁ ଖାଦ୍ୟ, ବସ୍ତ୍ର ଓ ଅନ୍ୟ ଜରୁରୀ ସାମଗ୍ରୀ ଧରି ଦିଲ୍ଲୀ ସମେତ ଜାତୀୟ ରାଜଧାନୀର ସୀମା ସଂଲଗ୍ନ ରାସ୍ତାଗୁଡ଼ିକରେ ଡେରା ପକାଇଥିବା ଲକ୍ଷ ଲକ୍ଷ ଚାଷୀ ନିଜ ଜିଦ୍‌ରେ ଅଟଳ ରହିଛନ୍ତି। କୃଷକ ନେତା ଜଗନମୋହନ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ୮ରେ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଅଖଚକ ବନ୍ଦ ରହିବ। ଏପରି କି କ୍ଷୀର ଓ ଗ୍ରସେରି ଦୋକାନ ମଧ୍ୟ ଖୋଲାଯିବ ନାହିଁ। ସ୍ୱରାଜ ଇଣ୍ଡିଆ ଅଧ୍ୟକ୍ଷ ଯୋଗେନ୍ଦ୍ର ଯାଦବ କହିଛନ୍ତି, ସଂଯୁକ୍ତ କିଷାନ ମୋର୍ଚ୍ଚାରେ ସାମିଲ ସମସ୍ତ ସଙ୍ଗଠନ ଗୋଟିଏ ଦାବି ଦୋହରାଉଛନ୍ତି। ତାହା ହେଲା କେନ୍ଦ୍ର ସରକାର ୩ କୃଷି ଆଇନକୁ ପ୍ରତ୍ୟାହାର କରିନିଅନ୍ତୁ। ଏହି ଆନ୍ଦୋଳନକୁ ବଦନାମ କରା ନ ଯାଉ। ଚାଷୀ ନେତା ବଳଦେବ ସିଂ ନିହାଲଗଡ଼ଙ୍କ ମତରେ ଏହି ବିକ୍ଷୋଭ କେବଳ ପଞ୍ଜାବର ନୁହେଁ। ଏଥିରେ ସାରା ଦେଶର ଚାଷୀ ଯୋଗଦେଇଛନ୍ତି। ମଙ୍ଗଳବାର ସକାଳୁ ସନ୍ଧ୍ୟା ଯାଏ ସବୁକିଛି ବନ୍ଦ ରହିବ। ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ବେଳେ ଆମ୍ବୁଲାନ୍ସ ସେବା ଓ ବରଯାତ୍ରୀ ପ୍ରସେଶନ ଗାଡ଼ିକୁ ଛାଡ଼ିଦିଆଯିବ। ଅନ୍ୟପକ୍ଷେ କୃଷକ ଆନ୍ଦୋଳନ ବ୍ୟାପକ ହେବାରେ ଲାଗିଥିବାବେଳେ କୃଷି ଆଇନ ପ୍ରତ୍ୟାହାର ସଂକ୍ରାନ୍ତରେ ଆଲୋଚନା ପାଇଁ ବିରୋଧୀ ଦଳଗୁଡ଼ିକର ବରିଷ୍ଠ ନେତାମାନେ ଭାରତ ବନ୍ଦର ପରଦିନ ଅର୍ଥାତ୍ ୯ରେ ରାଷ୍ଟ୍ରପତିଙ୍କୁ ଭେଟିବେ। ଏନ୍‌ସିପି ମୁଖ୍ୟ ଶରଦ ପାୱାର, ସିପିଆଇଏମ୍ ପଲିଟିବ୍ୟୁରୋ ସୀତାରାମ ୟେଚୁରୀ, ସିପିଆଇ ନେତା ଡି. ରାଜା, ଡିଏମ୍‌କେ ଏମ୍‌ପି ଟିଆର୍ ବାଲୁ, ଆର୍‌ଜେଡିର ମନୋଜ ଝା ପ୍ରମୁଖ ଏନେଇ ରାଷ୍ଟ୍ରପତିଙ୍କ ହସ୍ତକ୍ଷେପ ଲୋଡ଼ିବେ ବୋଲି ଜଣାପଡ଼ିଛି।

### ପେଟ୍ରୋଲ ୮୪, ଡିଜେଲ ...

ଖାଉଟିମାନେ ମତ ଦେଇଛନ୍ତି। ସେହିଭଳି ଅନ୍ୟ ପ୍ରମୁଖ ମେଟ୍ରୋ ସହର ମୁମ୍ବାଇ, କୋଲକାତା ଓ ଚେନ୍ନାଇରେ ପେଟ୍ରୋଲ ଦର ଲିଟର ପ୍ରତି ଯଥାକ୍ରମେ ୯୦.୦୫, ୮୪.୯୦ ଏବଂ ୮୬.୨୫ ଟଙ୍କାରେ ପହଞ୍ଚିଛି। ସେହିପରି ଏହିସବୁ ମେଟ୍ରୋ ସହରରେ ଡିଜେଲ ଦର ମଧ୍ୟ ଯଥାକ୍ରମେ ୮୦.୨୩, ୭୭.୧୮ ଏବଂ ୭୮.୯୭ ଟଙ୍କାରେ ପହଞ୍ଚିଥିବା ତୈଳ କମ୍ପାନୀଗୁଡ଼ିକ ପକ୍ଷରୁ ସୂଚନା ମିଳିଛି। କୋଭିଡ୍-୧୯ କାରଣରୁ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର କମ୍ ରହିଥିବା କାରଣରୁ ତୈଳ କମ୍ପାନୀଗୁଡିକ ମଧ୍ୟ ଇନ୍ଧନ ଦରରେ କୌଣସି ପରିବର୍ତ୍ତନ କରୁ ନ ଥିଲେ। ଫଳରେ ଗତ ୨ମାସ ହେବ ତେଲ ଦର ସ୍ଥିର ରହିଥିଲା। ବର୍ତ୍ତମାନ ସ୍ଥିତିରେ ସାମାନ୍ୟ ପରିବର୍ତ୍ତନ ହେବା ସହ ପୁଣିଥରେ ତୈଳ ଦର ଉଚ୍ଚ ରହୁଛି। ଏଥିସହିତ ରାଜ୍ୟ ସରକାରଙ୍କ ପକ୍ଷରୁ ଲାଗୁ କରାଯାଉଥିବା ଉଚ୍ଚ ଶୁଳ୍କ ଯୋଗୁ ତେଲ ଦର ଅଧିକ ରହୁଥିବା ତୈଳ କମ୍ପାନୀଗୁଡ଼ିକ ମତ ଦେଇଛନ୍ତି।

ଅନୁରୂପଭାବେ ଦେଶରେ ତୈଳଦର ବୃଦ୍ଧି ନେଇ ଜନଅସନ୍ତୋଷ ବଢ଼ିବାରେ ଲାଗିଥିବାବେଳେ ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ବା କ୍ରୁଡ୍ ଅଏଲ ଦର ବୃଦ୍ଧିକୁ ଦାୟୀ କରିଛନ୍ତି। ଏପରି କି ନିକଟରେ ଶେଷ ହୋଇଥିବା ଆମେରିକା ରାଷ୍ଟ୍ରପତି ନିର୍ବାଚନ ଓ କିଛି ଦେଶ ମଧ୍ୟରେ ଲାଗି ରହିଥିବା ଆଭ୍ୟନ୍ତରୀଣ ସଂଘର୍ଷ ଯୋଗୁ ସାରା ବିଶ୍ୱରେ ଅଶୋଧିତ ତୈଳ ମୂଲ୍ୟ ବୃଦ୍ଧି ପାଉଛି। ଏହାର ପ୍ରଭାବ ଭାରତ ଉପରେ ମଧ୍ୟ ପଡୁଛି ବୋଲି ଧର୍ମେନ୍ଦ୍ର କହିଛନ୍ତି। କେନ୍ଦ୍ର ସରକାର ଦେଶରେ ବର୍ତ୍ତମାନ ୫ ହଜାର କମ୍ପ୍ରେସ୍‌ଡ ବାୟୋଗ୍ୟାସ୍ ପ୍ଲାଣ୍ଟ ନିର୍ମାଣ ଲାଗି କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ମଧ୍ୟପ୍ରଦେଶର ମାଲୱା ଅଞ୍ଚଳରେ ଏହି ପ୍ଲାଣ୍ଟ ସ୍ଥାପନ ନେଇ ଯଥେଷ୍ଟ ସମ୍ଭାବନା ରହିଛି ବୋଲି କହିଛନ୍ତି।

### ୭.୬ ଡିଗ୍ରୀରେ ...

ଅନୁଗୋଳ ଓ ଢେଙ୍କାନାଳରେ ଘନ କୁହୁଡ଼ି ଆଚ୍ଛାଦିତ ହୋଇ ରହିଥିଲା। ସୋମବାର ମଧ୍ୟ ରାଜ୍ୟର ବିଭିନ୍ନ ସହରରେ ଘନକୁହୁଡ଼ି ହେବାର ପୂର୍ବାନୁମାନ କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର। ତେବେ ରାଜ୍ୟର ପାଗ ଶୁଖିଲା ରହିବ। କଟକ, ଜଗତ୍‌ସିଂହପୁର, ସୁନ୍ଦରଗଡ଼, କେନ୍ଦୁଝର, ଅନୁଗୋଳ, ଝାରସୁଗୁଡ଼ା, ସୋନପୁର, ବୌଦ୍ଧ, ପୁରୀ, ନୟାଗଡ଼, କନ୍ଧମାଳ ଓ ଖୋର୍ଦ୍ଧାରେ ଘନକୁହୁଡି ହେବ ବୋଲି ପାଣିପାଗ କେନ୍ଦ୍ର ଆଶଙ୍କା କରିଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
କାର୍ଯ୍ୟ ହାସଲ ସକାଶେ ବିଶେଷ କିଛି ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିବ। ଦ୍ୱିଜା ନକ୍ଷତ୍ରର ସମସ୍ତ କାମ ଝିନ୍‌ଝଟ୍ ମଧ୍ୟରେ ଚାଲିବ । ସାମାନ୍ୟ ବିଳମ୍ବିତ ସମୟରେ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବ। ସବୁ ସୁବିଧା ଥିଲେ ମଧ୍ୟ ବିଚଳିତ ରହିବା କାରଣରୁ ଅଶାନ୍ତି ଅନୁଭବ କରିବେ।

**ବୃଷ**
ଏକାଧିକ କାମ ହାତକୁ ନେଇ ବ୍ୟସ୍ତ ବିବ୍ରତ ହୋଇପାରନ୍ତି । ବନ୍ଧୁମାନେ ଆବଶ୍ୟକୀୟ ସହଯୋଗ କରିବେ । ପାରିବାରିକ କ୍ଷେତ୍ରରେ ସେପରି କିଛି ବିଶେଷ ଅସୁବିଧା ହେବନାହିଁ । ବିନା କାରଣରେ ଅନ୍ୟମାନଙ୍କ ରୋଷର କାରଣ ବନିଯିବେ ।

**ମିଥୁନ**
ପ୍ରତେକ କ୍ଷେତ୍ରରେ କୌଶଳରେ କାର୍ଯ୍ୟ ହାସଲ କରିନେବେ । ସ୍ଥିର ମନ ନେଇ କାମ କଲେ ସମସ୍ୟାର ସରଳ ସମାଧାନ ହେବ । ସାମାଜିକ ସ୍ତରରେ ହସ ଖୁସିର ବାତାବରଣରୁ ମନ ପ୍ରଫୁଲ୍ଲ ରହିବ । ଯେଉଁ ଜିନିଷଟିକୁ ପାଇବାକୁ ଆଶା କରିଛନ୍ତି ତାହା ସାମାନ୍ୟ ବିଳମ୍ବରେ ପାଇବେ ।

**କର୍କଟ**
ପ୍ରତ୍ୟେକ ପରିସ୍ଥିତିରେ ଦୃଢ ପଦକ୍ଷେପ ନେଇ ସମସ୍ୟାକୁ ସୁଧାରି ନେବେ । ଆଜି କେବଳ ହାତରୁ ଖାଇ ପର ପାଇଁ ଖଟିବେ। ହଠାତ୍ ବିରୋଧୀ ପକ୍ଷ ସକ୍ରିୟ ହୋଇ ଉଠିବେ, ମାତ୍ର କିଛି ଅନିଷ୍ଟ କରି ପାରିବେ ନାହିଁ । ଯେତେ ଭଲ କାମ କଲେ ମଧ୍ୟ ଆତ୍ମୀୟଙ୍କ କଟୁ ସମାଲୋଚନାର ପାତ୍ର ହେବେ ।

**ସିଂହ**
ମନ କଥାଟିକୁ ଲୁଚାଇରଖି ପ୍ରତ୍ୟକ୍ଷରେ ହସଖୁସିରେ କଥାବାର୍ତ୍ତା କରିବାକୁ ବାଧ ହେବେ । ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଲକ୍ଷ୍ୟସ୍ଥଳରେ ପହଞ୍ଚିବାରେ ବିଳମ୍ବ ଘଟିବ । ଗତକାଲିର ଯୋଜନା ବଦଳାଇବା କଷ୍ଟକର ହୋଇପାରେ । ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିବାର ଆଶଙ୍କା ରହିଛି ।

**କନ୍ୟା**
ଆଜି ଦୂରସ୍ଥାନକୁ ଯାତ୍ରା କରିବା ସମୟରେ ଜିନିଷପତ୍ର ପ୍ରତି ସତର୍କ ରୁହନ୍ତୁ । ଯଥାସମ୍ଭବ କମ୍ କଥାବାର୍ତ୍ତା କଲେ କଳହରୁ ଦୂରେଇ ରହିବାରେ ସମର୍ଥ ହେବେ । ମିଥ୍ୟାଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି । ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିପାରେ ।

**ତୁଳା**
କର୍ମ କ୍ଷେତ୍ରରେ ଯାହା ଓ ଯେମିତି କଲେ ମଧ୍ୟ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ । ପ୍ରକୃତ ଘଟଣା ନ ବୁଝି ପଡ଼ୋଶୀ କ୍ରୋଧ ପ୍ରକାଶ କରିପାରନ୍ତି । ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ । ଆଜି ଦିନଟିରେ ଭ୍ରମଣ, ରାଜନୀତି, ପ୍ରଶାସନ ପାଇଁ ଭଲ ।

**ବିଛା**
ଆଜି କାର୍ଯ୍ୟଦକ୍ଷତା ହେତୁ କର୍ମକ୍ଷେତ୍ରରେ ଅର୍ଥ ଓ ସମ୍ମାନ ପାଇବେ । ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରିବା ଭଲ ହେବ । ଗଠନମୂଳକ କାର୍ଯ୍ୟରେ ନେତୃତ୍ୱ ଗ୍ରହଣ କରି ଉଚ୍ଚ ପ୍ରଶଂସିତ ହେବେ । ଦୀର୍ଘଦିନର ଆଶା ଫଳବତୀ ହେବା ସହ ନୂତନ ସମ୍ପର୍କ ସ୍ଥାପିତ ହୋଇପାରେ ।

**ଧନୁ**
ଦ୍ୱନ୍ଦ୍ୱରେ ପଡି ବନ୍ଧୁଙ୍କର ପ୍ରତ୍ୟେକ କଥାକୁ ଠିକ୍ ଭାବେ ବୁଝିପାରିବେନି । ଅତୀତକୁ ଧରିବସିଲେ ବର୍ତ୍ତମାନକୁ ହରାଇବାକୁ ପଡିପାରେ । ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରିବା ଭଲ ହେବ। ସାଧାରଣ କଥାକୁ ନେଇ କଳହ ସୃଷ୍ଟି ହେବ। ମହିଳାମାନେ ଯାହା ଭାବୁଛନ୍ତି, ତାହା ନିଶ୍ଚିତ ପାଇପାରିବେ।

**ମକର**
ଅତୀତ ଘଟଣାକୁ ମନେପକାଇ ଭାବପ୍ରବଣତାବଶତଃ ମନୋବଳ ହ୍ରାସ ପାଇବ । ସାମାଜିକ ସ୍ତରରେ କିମ୍ବା ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ । ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରହିବ, ମାତ୍ର ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ । ଶତ୍ରୁପୀଡ଼ାଜନିତ ଟେନ୍ସନ ଲାଗି ରହିପାରେ ।

**କୁମ୍ଭ**
ବିଭିନ୍ନ ପ୍ରକାରର ଅସୁବିଧା ଓ ପ୍ରତିବନ୍ଧକ ଭିତରେ ଚଳିବାକୁ ପଡ଼ିବ । ବନ୍ଧୁଙ୍କ ମନରେ ବିଶ୍ୱାସ ହେଲା ଭଳି କାମ କରି ସଫଳତା ହାସଲ କରିବେ। ଛୋଟ କଥାଟିକୁ ବଡ଼ ଆକାରରେ ଚିନ୍ତା କରି ଅସ୍ଥିରତା ଅନୁଭବ କରିପାରନ୍ତି । ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ ।

**ମୀନ**
କାର୍ଯ୍ୟ ହାସଲ ହେବା କାରଣରୁ ମାନସିକ ସ୍ଥିତି ପ୍ରାୟତଃ ଭଲ ରହିବ । ଶିଳ୍ପ, ବାଣିଜ୍ୟ, ରାଜନୀତି, ଓ କୂଟନୈତିକ ଆଲୋଚନା କ୍ଷେତ୍ରରେ ସଫଳତା ହାସଲ କରିବେ । ଅନ୍ୟମାନଙ୍କ ଭଲ ସକାଶେ ନିଜକୁ ଉତ୍ତରଦାୟୀ ହେବାକୁ ପଡିପାରେ । ଅର୍ଥହାନି ଓ ଅଭାବ ଅସୁବିଧା ଯୋଗୁ ଚିନ୍ତିତ ରହିବେ ।

ଆଜି ମାର୍ଗଶିର କୃଷ୍ଣ ସପ୍ତମୀ ସୋମବାର, ଡିସେମ୍ବର ୭ ତାରିଖ, ରାଶିନକ୍ଷତ୍ର-ଦିବା ଘ.୦୨.୩୧ମି. ପର୍ଯ୍ୟନ୍ତ, ମଘା/ସିଂହ, ମିଥୁନ ରାଶିର ଘାତବାର, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ଦିବା ଘ.୦୬.୧୨ମି. ଗତେ ଘ.୦୭.୩୯ମି. ମଧ୍ୟେ, ଘ.୦୯.୦୬ମି. ଗତେ ଘ.୧୧.୧୬ମି. ମଧ୍ୟେ, ରାତ୍ରି ଘ.୦୭.୪୧ମି. ଗତେ ଘ.୧୧.୧୨ମି. ମଧ୍ୟେ ଅମୃତବେଳା। ସକାଳ ଘ.୦୭.୩୪ମି. ଗତେ ଘ.୦୮.୫୫ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




## SALE

ଭୁବନେଶ୍ୱର AIIMS Hospital ନିକଟରେ 30' ରାସ୍ତାଥାଇ plot immediate registration/ possession. 9937819395. D-70117

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,40,000/-, ଅରଗୁଳ IIT ପାଖରେ 1200sqft. 1,44,000/-, 9776974912, 9348232008. D-70119

ଭୁବନେଶ୍ୱର ସୁନ୍ଦରପଦା Indus Engineering College backside ସ୍ଥିତିବାନ ପ୍ଲଟ Sqft.299/- ମିଳୁଅଛି। 7848882166. D-70113

Contact for House Construction (Duplex/ Apartment) and Interior Design from experts. MPlanets-7008550473. D-19153

Flat sale Jagannathdham Puri, AC, LED TV, BED, Matress, Celling, Diningset free. 7978230118, 9348332283. D-69197

1500sqft (12nos) per sqft-1700 main road side plot, infront Tata Arena, Ghatikia, Sankarpur, BBSR. 30'road, electricity supply, water available. Gharabari plot - 8114744495, 8328943165. D-19138

ଭୁବନେଶ୍ୱର ଚନ୍ଦକାଛକରୁ 500mtr. near Nalanda ଓ BCST College ପାଖରେ ଘର ଉପଯୋଗୀ plot ମିଳୁଛି। Immediate registration/ possession. 8895492671, 9348870771. D-70112

## PURCHASE

LAND Requires for Plotting Project in Around, Bhubaneswar. 9937816565, 9937568585. D-19112




Ground floor one roomed independent house, Haladipadia, Laxmisagar, Bhubaneswar, rent-6,000/- Contact: 9625392682, 9437557580. D-69463

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Newly open Saikrupa Panchakarma and Spa. Contact: 8984068077. D-19124

Rejuvenate and Ayurvedic full body massage by smart therapist. 9348123330. D-70038

Refreshing your mind & body with best therapy at Lotus Spa. 8018234866 D-69589

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

## ସଂକ୍ଷେପରେ

### ଦେବାଶିଷ ବିଜେଡି ସାଧାରଣ ସମ୍ପାଦକ



**ଢେଙ୍କାନାଳ ଅଫିସ, ୬।୧୨:** ଢେଙ୍କାନାଳ ଜିଲା ବିଜେଡିର ସାଧାରଣ ସମ୍ପାଦକ ଭାବେ ଆଇନଜୀବୀ ଦେବାଶିଷ ମିଶ୍ର ମନୋନୀତ ହୋଇଛନ୍ତି। ଆଗାମୀ ଦିନରେ ସଙ୍ଗଠନକୁ ଆହୁରି ସୁଦୃଢ଼ କରିବା ଲାଗି ଉଦ୍ୟମ ଜାରି ରହିବ ବୋଲି ସେ ନିଜ ପ୍ରତିକ୍ରିୟାରେ କହିଛନ୍ତି। ଏଥିଲାଗି ଦେବାଶିଷ ଦଳୀୟ ନେତୃବୃନ୍ଦଙ୍କୁ କୃତଜ୍ଞତା ଜଣାଇଛନ୍ତି।

### ଆମ୍ବେଡକରଙ୍କ ମହାପ୍ରୟାଣ ଦିବସ

**ଆଠମଲ୍ଲିକ,୬।୧୨(ଡି.ଏନ.ଏ.):** ଆଠମଲ୍ଲିକ ମାନଜୋର ଛକଠାରେ ବାବା ସାହେବ ଆମ୍ବେଡକରଙ୍କ ଶ୍ରାଦ୍ଧ ବାର୍ଷିକୀ ପାଳିତ ହୋଇଯାଇଛି। ଆମ୍ବେଡକର ଫାଉଣ୍ଡେଶନ ସଭାପତି ଜିତେନ୍ଦ୍ର କୁମାର ମୁଖୀ, କାର୍ଯ୍ୟନିର୍ବାହୀ ଗଜେନ୍ଦ୍ର ବେହେରା, ଶିକ୍ଷକ କାଳୀଦାସ କୁମ୍ଭାର, ବିରଞ୍ଚି ନାଏକ, ଆଇଏଫ୍‌ଟିୟୁ ଜିଲା ସମ୍ପାଦକ ଧର୍ମେନ୍ଦ୍ର ବେହେରା ଏବଂ ସାମାଜିକ କର୍ମୀ ଭୀମସେନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଆୟୋଜିତ ଶୋଭାଯାତ୍ରାରେ ବହୁ ସଂଖ୍ୟାରେ ମହିଳାପୁରୁଷ ଓ ସାମାଜିକ କର୍ମୀମାନେ ଯୋଗଦେଇଥିଲେ। ବରିଷ୍ଠ ଆଇନଜୀବୀ ନାରାୟଣ ପ୍ରଧାନ ବାବା ସାହେବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ସ୍ମୃତିଚାରଣ କରିଥିଲେ। ଆଇନଜୀବୀ ରଞ୍ଜନ କୁମାର ବେହେରା, ଶିକ୍ଷକ ବିରଞ୍ଚି ନାଏକ, ଛବି ନାଏକ, କୁନ୍ତଳା ମୁଣ୍ଡା, ଦୂର ସାହୁ, ଗୀତା ଗୋଛାୟତ ପ୍ରମୁଖ ଉପସ୍ଥିତ ଥିଲେ।

### ଦୋକାନ ଭାଙ୍ଗି ଚୋରି

**ପାଟଣା, ୬।୧୨(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ଥାନା ମୁଖ୍ୟାଳୟ ବଜାରର ଆନନ୍ଦେଶ୍ୱର ମାର୍କେଟ କମ୍ପ୍ଲେକ୍ସ ସମ୍ମୁଖରେ ଥିବା ଏକ ପାନଦୋକାନ କ୍ୟାବିନ ପଛପାର୍ଶ୍ୱରୁ ଭାଙ୍ଗି କେହି ଦୁର୍ବୃତ୍ତ ଶନିବାର ରାତିରେ ୫ହଜାରରୁ ଊର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ଚୋରି କରିନେଇଥିବା ପାଟଣା ଥାନାରେ ଅଭିଯୋଗ ହୋଇଛି। ଉକ୍ତ ପାନଦୋକାନ କ୍ୟାବିନରୁ ପାନ ମସଲା, ବିସ୍କୁଟ, ମିକ୍ସଚର, ଚକୋଲେଟ ସହ ଖୁଚୁରା ଟଙ୍କା ଚୋରି ହୋଇଥିବା ଅଭିଯୋଗ ହୋଇଛି।

# ସଙ୍ଗୀତ ପ୍ରେମରେ ଶାନ୍ତିସ୍ୱରୂପ

**ସଙ୍ଗୀତକୁ ନେଇ ଆଖିରେ ଆଖିଏ ସ୍ୱପ୍ନ। ଆଧୁନିକ ହେଉ କି ଶାସ୍ତ୍ରୀୟ ରାଗ, ତାଙ୍କ କଣ୍ଠରୁ ଝରିପଡୁଥିବା ପ୍ରତିଟି ସ୍ୱର ବିଭୋର କରେ ଶ୍ରୋତାଙ୍କୁ। ମାତ୍ର ୪ ବର୍ଷରୁ ଆରମ୍ଭ ହୋଇଥିବା ସଙ୍ଗୀତ ସାଧନାର ଏହି ଯାତ୍ରା ସମୟର ପ୍ରତିକୂଳ ସ୍ରୋତ ପାର କରି ଏବେ ବେଶ୍ ପରିପକ୍ୱ। ଛୋଟମୋଟ ଷ୍ଟେଜ୍ ଶୋ'ରୁ ୟୁଟ୍ୟୁବ ସେନ୍‌ସେନଶନ ପାଲଟିଥିବା ଏହି କଳାକାର ଜଣକ ହେଉଛନ୍ତି ଶାନ୍ତିସ୍ୱରୂପ ପଟ୍ଟନାୟକ। ସାମାନ୍ୟ ଅନୁକୂଳ ପରିବେଶ ପାଇଲେ ପ୍ରତିଭା ବିକଶିତ ହୁଏ, ଏହାକୁ ପ୍ରମାଣିତ କରି ଦେଖାଇଛନ୍ତି ଏହି ଯୁବ କଣ୍ଠଶିଳ୍ପୀ।**



### ଷ୍ଟେଜ୍ ଶୋ'ରୁ ୟୁଟ୍ୟୁବ୍ ସେନ୍‌ସେଶନ

**ସୁଧୀର କୁମାର ପରିଡ଼ା**
**କାମାକ୍ଷାନଗର, ୬।୧୨**

ମୁଁ ତତେ ଭଲପାଉଛି କାହିଁକି, ସପନ ଦେଖେ ରାତିରେ ଚେଇଁକି...। ପାଞ୍ଚ ଦିନ ତଳେ ୟୁଟ୍ୟୁବରେ ରିଲିଜ୍ ହୋଇଥିବା ଏହି ଗୀତକୁ ନେଇ ସୋସିଆଲ ମିଡିଆରେ ଏବେ ଚର୍ଚ୍ଚା। ଏହି ରୋମାଣ୍ଟିକ୍ ଟ୍ରାକ୍ ଅଦ୍ୟାବଧି ୨୪୦୦ରୁ ଊର୍ଦ୍ଧ୍ୱ ଭିୟୁ ପାଇସାରିଥିବାବେଳେ ଲାଭ କରିଛି ଅନନ୍ୟ ଦର୍ଶକୀୟ ସ୍ୱୀକୃତି। ଏହି ଗୀତ ପଛରେ ଯାହାର ଅବଦାନ ସବୁଠୁ ବେଶି ସେ ହେଉଛନ୍ତି ୧୭ ବର୍ଷୀୟ ଯୁବ କଣ୍ଠଶିଳ୍ପୀ ଶାନ୍ତିସ୍ୱରୂପ। ସାଧନା କଲେ ସଫଳତା ମିଳେ। ଏହା ପ୍ରମାଣ କରି ଦେଖାଇଛନ୍ତି ସେ। ତୁଳସୀ ଦୁଇ ପତ୍ରରୁ ବାସେ, କଠିନ ପରିଶ୍ରମ ଏବଂ ଅଧ୍ୟବସାୟରେ ସବୁକିଛି ସମ୍ଭବ, ଏହା ତାଙ୍କ କ୍ଷେତ୍ରରେ ପ୍ରମାଣିତ ହୋଇଛି।

ଢେଙ୍କାନାଳ ଜିଲା କାମାକ୍ଷାନଗରର ସଞ୍ଜୟ ପଟ୍ଟନାୟକ ଏବଂ ଶୁଶ୍ରୀ ପଟ୍ଟନାୟକଙ୍କ ଏକମାତ୍ର ପୁଅ ହେଉଛନ୍ତି ଶାନ୍ତିସ୍ୱରୂପ। ଜଣେ ସଫଳ କଣ୍ଠଶିଳ୍ପୀ ହେବାର ଜିଦ୍ ତାଙ୍କୁ ସଂଗୀତ ଜଗତରେ ଦେଇଛି ନିଆରା ପରିଚୟ। ମାତ୍ର ୪ ବର୍ଷରୁ ଆରମ୍ଭ ହୋଇଥିଲା ତାଙ୍କର ସଙ୍ଗୀତ ଯାତ୍ରା। ବିଶିଷ୍ଟ ସଂଗୀତ ନିର୍ଦ୍ଦେଶକ ସାରଦା ପ୍ରସନ୍ନ ସାହୁଙ୍କଠାରୁ ସେ ଜାରି ରଖିଛନ୍ତି ସଙ୍ଗୀତ ଶିକ୍ଷା। ବିଦ୍ୟାଳୟ, ଛୋଟ ଛୋଟ ଷ୍ଟେଜ୍ ଶୋ' ଏବଂ ବଡ଼ ବଡ଼ ମଞ୍ଚରେ ଦକ୍ଷତା ଦେଖାଇ ସେ ସାଉଁଟିଛନ୍ତି ଅଜସ୍ର ପ୍ରଶଂସା। ଘରୋଇ ଟିଭି ଚ୍ୟାନେଲରେ ପ୍ରସାରିତ ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମରେ ଅର୍ଜିଛନ୍ତି ଯଶ। ଢେଙ୍କାନାଳ ପଲ୍ଲିଶ୍ରୀ ମେଳା, ବାହୁଡ଼ାଯାତ୍ରା ଭଜନ ସମାରୋହ, ପୁରୀ କାର୍ତ୍ତିକ ପୂର୍ଣ୍ଣିମା ଭଜନ ସମାରୋହ, କଟକ ବାଲିଯାତ୍ରା, କଟକ ଆକାଶବାଣୀରେ ମନଛୁଆଁ ଭଜନ ଗାଇ ଶ୍ରୋତାଙ୍କ ମନରେ ଛାଡ଼ିଛନ୍ତି ସ୍ୱତନ୍ତ୍ର ଛାପ। ଖାଲି ସେତିକି ନୁହେଁ, ଡ୍ରାମାରେ ତାଙ୍କର ଜୀବନ୍ତ ଅଭିନୟ ନାଟ୍ୟପ୍ରେମୀଙ୍କୁ ବାନ୍ଧି ରଖିବାରେ ସମର୍ଥ। କାମାକ୍ଷାନଗର ମହାବିଦ୍ୟାଳୟରେ ଯୁକ୍ତ ଦୁଇ ଦ୍ୱିତୀୟ ବର୍ଷର ଛାତ୍ର ଶାନ୍ତିସ୍ୱରୂପ ସମାନ୍ତରାଳ ଭାବେ ଅଭିନୟ ଏବଂ ସଙ୍ଗୀତ ସାଧନା ଜାରି ରଖିଛନ୍ତି। ନିକଟରେ ୟୁଟ୍ୟୁବ୍ ଚ୍ୟାନେଲ 'ସମୃଦ୍ଧି ମ୍ୟୁଜିକ୍'ରେ ସହ କଳାକାର କଣ୍ଠଶିଳ୍ପୀ ସଲୋନୀଙ୍କ ସହିତ ମୁଁ ତତେ ଭଲପାଉଛି କାହିଁକି, ସପନ ଦେଖେ ରାତିରେ ଚେଇଁକି...ଟ୍ରାକ୍ ଦର୍ଶକୀୟ ଆଦୃତି ଲାଭ କରିଛି।

ପ୍ରତିଯୋଗିତାରେ ହାରିବା ଜିତିବା ବଡ଼କଥା ନୁହେଁ, କଳାକାରଙ୍କ ଗହଣରେ ସାମିଲ ହେଲେ ଶିଖିବାର ସୁଯୋଗ ମିଳିବ। ସାଧନା ହିଁ ସଫଳତାର ମୂଳମନ୍ତ୍ର। ନିରବଚ୍ଛିନ୍ନ ଉଦ୍ୟମ ବଳରେ ଜଣେ ସଫଳତା ଶିଖରରେ ପହଞ୍ଚି ପାରିବ ବୋଲି ଶାନ୍ତିସ୍ୱରୂପ କହିଛନ୍ତି। ଭବିଷ୍ୟତରେ ସଙ୍ଗୀତକୁ ନେଇ କ୍ୟାରିୟର କରିବେ କି ବୋଲି ପ୍ରଶ୍ନରେ ସେ କୁହନ୍ତି, ଏହା ତାଙ୍କ ସ୍ୱପ୍ନ। ଜଣେ ପ୍ରଚ୍ଛଦପଟ ଗାୟକ ଭାବେ ନିଜକୁ ପ୍ରତିଷ୍ଠା କରାଇବା ତାଙ୍କର ଲକ୍ଷ୍ୟ।

## ଏଏପିର କାର୍ଯ୍ୟକାରିଣୀ ବୈଠକ




ବୈଠକରେ ଏଏପିର କର୍ମକର୍ତ୍ତାମାନେ।

**ଢେଙ୍କାନାଳ ଅଫିସ,୬।୧୨**

ଢେଙ୍କାନାଳ ଜିଲା ଆମ୍ ଆଦମୀ ପାର୍ଟି (ଏଏପି)ର ଜିଲା କାର୍ଯ୍ୟକାରିଣୀ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଦଳର ବିଚାରଧାରାକୁ ନେଇ ଜନସାଧାରଣଙ୍କ ସମସ୍ୟା ସମାଧାନ କରିବାକୁ ଜିଲା ଆବାହକ ପଙ୍କଜ ନାୟକ ଆହ୍ୱାନ ଦେଇଥିଲେ। ଦଳୀୟ କର୍ମୀଙ୍କ ଲାଗି ଆସନ୍ତା ୧୩ ତାରିଖରେ ପ୍ରଶିକ୍ଷଣ ଶିବିର ଆୟୋଜିତ ହେବ। ଏଥିରେ ରାଜ୍ୟ ଆବାହକ ନିଶିକାନ୍ତ ମହାପାତ୍ର ଯୋଗଦେବେ ବୋଲି ସୂଚନା ଦିଆଯାଇଥିଲା। ଛାତ୍ରନେତା ବିଶ୍ୱଜିତ ବରାଳ, ଜିଲା ଯୁବ ସଭାପତି ପର୍ଶୁରାମ ମହାଭୋଇ, ସମ୍ପାଦକ ପ୍ରକାଶ ଚନ୍ଦ୍ର ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ କୋଷାଧ୍ୟକ୍ଷ ଭାବେ ଚକ୍ରଧର ତରାଇ, ଜିଲା ଲିଗାଲସେଲ୍ ସଭାପତି ଭାବେ ଆଇନଜୀବୀ ରଞ୍ଜନ ମିଶ୍ର, ସମ୍ପାଦକ ଭାବେ ଶାନ୍ତନୁ ରାଉତ, ଜିଲା ସଂଖ୍ୟାଲଘୁ ସଭାପତି ଭାବେ ସାହିର ଅଲ୍ଲୀ, ମହିଳା ମୋର୍ଚ୍ଚା ସମ୍ପାଦିକା ଭାବେ ରୀନା ମିଶ୍ରଙ୍କୁ ଚୟନ କରାଯାଇଛି। ଚନ୍ଦ୍ରଶେଖର ସାହୁଙ୍କୁ କୃଷକ ମୋର୍ଚ୍ଚା, ବେଣୁଧର ନାୟକଙ୍କୁ ଛଦେଶ ଅଞ୍ଚଳ ଏବଂ ସାଜଦା ପରବିନଙ୍କୁ ସଂଖ୍ୟାଲଘୁ ମହିଳା ମୋର୍ଚ୍ଚା ଦାୟିତ୍ୱ ପ୍ରଦାନ କରାଯାଇଛି।

## ୬ ଆକ୍ରାନ୍ତ ଚିହ୍ନଟ

**ଢେଙ୍କାନାଳ ଅଫିସ, ୬।୧୨**

ଢେଙ୍କାନାଳ ଜିଲାରୁ ରବିବାର ୬ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ୬ଜଣ ଆରୋଗ୍ୟ ହୋଇଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରେ ଢେଙ୍କାନାଳ ପୌରାଞ୍ଚଳ, ଗଁଦିଆ, ପରଜଙ୍ଗ, ଓଡ଼ାପଡ଼ା, କଙ୍କଡ଼ାହାଡ଼ ଏବଂ ଭୁବନ ଏନ୍‌ଏସିରୁ ଜଣେ ଲେଖାଏ ଅଛନ୍ତି। ଏହାକୁ ମିଶାଇ ମୋଟ ଅକ୍ରାନ୍ତଙ୍କ ସଂଖ୍ୟା ୫,୬୪୪ ଏବଂ ଆରୋଗ୍ୟଙ୍କ ସଂଖ୍ୟା ୫,୫୮୬ରେ ପହଞ୍ଚିଛି।

## ପରୀକ୍ଷା ଦେଲେ ୧୭୩ କନଷ୍ଟେବଲ

**ଅନୁଗୋଳ ଅଫିସ, ୬।୧୨**

ରାଜ୍ୟ ପୋଲିସର ବିଭାଗୀୟ ପଦୋନ୍ନତି ପାଇଁ ରବିବାର ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଅନୁଗୋଳ ଜିଲାର ଆଦର୍ଶ ଇଂଜିନିୟରିଂ କଲେଜ ଠାରେ ପରୀକ୍ଷା କେନ୍ଦ୍ର କରାଯାଇଥିଲା। ଏହି ପରୀକ୍ଷା ପାଇଁ ୧୭୩ ଜଣ ଫର୍ମପୂରଣ କରିଥିବାବେଳେ ସମସ୍ତ ପରୀକ୍ଷାର୍ଥୀ ଅଂଶଗ୍ରହଣ କରିଥିବା ଉତ୍ତର-କେନ୍ଦ୍ରାଞ୍ଚଳ ଆଇଜି ତଥା ସେଣ୍ଟର ସୁପରିଣ୍ଟେଣ୍ଡେଣ୍ଟ ନରସିଂହ ଭୋଳ ସୂଚନା ଦେଇଛନ୍ତି। ମୋଟ୍ ୬ଟି ଶ୍ରେଣୀଗୃହରେ ଅନ୍‌ଲାଇନ୍ ମାଧ୍ୟମରେ ଏହି ପରୀକ୍ଷା ଆୟୋଜନ କରାଯାଇଥିଲା। ଏଥିରେ ଢେଙ୍କାନାଳ, ଦେବଗଡ଼ ଓ ସମ୍ବଲପୁର ଡିଭିଜନ୍‌ର କନଷ୍ଟେବଲମାନେ ପରୀକ୍ଷା ଦେଇଥିଲେ। ଅବ୍‌ଜରଭର ଭାବେ ଆଇଜି ପ୍ରୋବିଜନିଂ ଯତୀନ୍ଦ୍ର ନାଥ କୋଏଲ ଥିବାବେଳେ ଅନୁଗୋଳ ଏସ୍‌ପି ଜଗମୋହନ ମୀନା, ଅତିରିକ୍ତ ଏସ୍‌ପି ନୀତେଶ ୱାଧୱାନୀଙ୍କ ସହ ୨୦ ଜଣ ଅଧିକାରୀ ଓ ୩୦ ଜଣ ହାବିଲଦାର/କନଷ୍ଟେବଳ ପରିଚାଳନା ଦାୟିତ୍ୱରେ ଥିଲେ। ସେହିପରି କଟକ ସେକ୍ଟର-୬ ଡିଏଭି ପରୀକ୍ଷା କେନ୍ଦ୍ରରେ ଅନୁଗୋଳ ଜିଲାର ୧୭୭ ଜଣ କନଷ୍ଟେବଳ ପରୀକ୍ଷା ଦେଇଛନ୍ତି। ଏହି ପରୀକ୍ଷା ଫଳ ଆସନ୍ତା ୯ ତାରିଖ ପରେ ପ୍ରକାଶ ପାଇବ ବୋଲି ଆଇଜି ଭୋଳ ସୂଚନା ଦେଇଛନ୍ତି।

## ହାତୀ ଆକ୍ରମଣରେ ଚାଷୀ ଗୁରୁତର

**ପରଜଙ୍ଗ, ୬।୧୨(ଡି.ଏନ.ଏ.)**

ଢେଙ୍କାନାଳ ବନଖଣ୍ଡ ପଶ୍ଚିମାଞ୍ଚଳ ରେଞ୍ଜ ମୁକ୍ତାପଶି ଫରେଷ୍ଟ ସେକ୍ସନ ଅଧୀନ ବସୋଇ ଗ୍ରାମର ଚାଷୀ ଗୁଣନିଧି ସାହୁ ରବିବାର ହାତୀ ଆକ୍ରମଣରେ ଗୁରୁତର ହୋଇଛନ୍ତି। ଗୁଠନାଳୀ ନିକଟରେ ତାଙ୍କର ଚାଷ ଜମି ରହିଛି। ଫସଲ ଜଗିବାକୁ ସେ ଶନିବାର ବିଲରେ କରିଥିବା ମଞ୍ଚାରେ ରାତ୍ରିଯାପନ କରିଥିଲେ। ରବିବାର ଭୋର୍‌ରୁ ଘରକୁ ଫେରୁଥିବାବେଳେ ଏକ ଦନ୍ତା ହାବୁଡ଼ରେ ପଡ଼ିଯାଇଥିଲେ। ମଞ୍ଚାରେ ଥିବା ଅନ୍ୟଜଣେ ପାଟି କରିବାକୁ ପାଖରେ ଥିବା ଚାଷୀ ପହଞ୍ଚି ତାଙ୍କୁ ହାତୀ ମୁହଁରୁ ଉଦ୍ଧାର କରିଥିଲେ। ୧୦୮ ଆମ୍ବୁଲାନ୍ସରେ ତାଙ୍କୁ ପ୍ରଥମେ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଗ୍ରାମ ଆଖପାଖ ଅଞ୍ଚଳରେ ହାତୀ ଆକ୍ରମଣ ବଢୁଥିବାରୁ ଅଞ୍ଚଳବାସୀ ଭୟଭୀତ ଅଛନ୍ତି।



ନୂଆ ଟ୍ରାଫିକ୍ ନିୟମ କଡ଼ାକଡ଼ି ପୂର୍ବରୁ ରବିବାର ଅନୁଗୋଳ ସହର ଡିଆଇସି ଛକରେ ପୋଲିସ ପକ୍ଷରୁ ଗାଡ଼ି ଚେକିଂ କରାଯାଉଛି।

## ରାଧାନାଥଙ୍କ ଆଦର୍ଶ ଜୀବନର ସ୍ମୃତିଚାରଣ

**ଢେଙ୍କାନାଳ ଅଫିସ, ୬।୧୨**

ଢେଙ୍କାନାଳ ସଦର ବ୍ଲକ ଶଙ୍କରପୁର ପଞ୍ଚାୟତ କୋରଙ୍ଗା ଗ୍ରାମରେ ରବିବାର ପଦ୍ମଭୂଷଣ ଡ. ରାଧାନାଥ ରଥଙ୍କ ୧୨୪ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏମ୍‌ପି ମହେଶ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଧାନାଥଙ୍କ ଆଦର୍ଶ ଜୀବନର ସ୍ମୃତିଚାରଣ କରିଥିଲେ। ଶିକ୍ଷିତ, ସଚେତନ ହେଲେ ତାହା ରାଧାନାଥଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି ସେ ମତବ୍ୟକ୍ତ କରିଥିଲେ। କୋରଙ୍ଗା, ସପ୍ତଶଯ୍ୟା ମାଖିସାହିକୁ ଏମ୍‌ପି ଆଦର୍ଶ ଏବଂ ପୋଷ୍ୟଗ୍ରାମ ଭାବେ ଗ୍ରହଣ କରିବାକୁ ଘୋଷଣା କରିଛନ୍ତି। ଜୟନ୍ତୀ କମିଟି ସଭାପତି ପ୍ରଦ୍ୟୁମ୍ନ ରଥଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଅବସରପ୍ରାପ୍ତ କୃଷି ଅଧିକାରୀ ଭଗବାନ ଦାସ, ସାମାଜିକ କର୍ମୀ ମାତୃପ୍ରସାଦ ମିଶ୍ର, ବଂଶୀଧର ସାହୁ, ଗୋକୁଳାନନ୍ଦ ଦେହୁରୀ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯିବା ସହ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ବଣ୍ଟାଯାଇଥିଲା। ଆବାହକ ସୁକାନ୍ତ ମିଶ୍ର ସ୍ୱାଗତ ଭାଷଣ ଏବଂ ଅର୍ଜୁନ ସାହୁ ଧନ୍ୟବାଦ ଦେଇଥିଲେ।

## ଯୁବ ବିଜେଡି କର୍ମକର୍ତ୍ତା ଚୟନ

**ବଇଣ୍ଡା, ୬।୧୨(ଡି.ଏନ.ଏ.):** ଅନୁଗୋଳ ଜିଲା ଆଠମଲ୍ଲିକ ବିଧାନସଭା ନିର୍ବାଚନମଣ୍ଡଳୀର ଯୁବ ବିଜେଡି କର୍ମକର୍ତ୍ତା ରବିବାର ଚୟନ କରାଯାଇଛି। ଉପ ସଭାପତି ଭାବେ ଜିତେନ୍ଦ୍ର ସାହୁ, ସାଧାରଣ ସମ୍ପାଦକ ତାପସ ସାହୁ, ସମ୍ପାଦକ ସୁଶାନ୍ତ କୁମାର ଦାସ, ପୁରନ୍ଦର ମହାକୁଡ଼, ବିଶ୍ୱଜିତ ପ୍ରଧାନ, ସମୀର ରଞ୍ଜନ ଷଣ୍ଢଙ୍କ ନାମ ରାଜ୍ୟ ବିଜୁ ଯୁବ ଜନତା ଦଳ ସଭାପତି ଡ. ବ୍ୟୋମକେଶ ରାୟ ଘୋଷଣା କରିଛନ୍ତି। ତୃଣମୂଳସ୍ତରରୁ ଦଳକୁ ମଜଭୁତ କରାଯିବା ସହ ସରକାରଙ୍କ ଯୋଜନା ଗ୍ରାମାଞ୍ଚଳର ସମସ୍ତ ଲୋକଙ୍କ ନିକଟରେ କିପରି ପହଞ୍ଚିପାରିବ ତାହା ଉପରେ ଗୁରୁତ୍ୱ ଦିଆଯିବ ବୋଲି ଚୟନ ହୋଇଥିବା କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି। ଏଥିସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ଓ ବିଜେଡି ନେତା ନଳିନୀ ପ୍ରଧାନଙ୍କୁ କୃତଜ୍ଞତା ଜଣାଇଛନ୍ତି।



ଜିତେନ୍ଦ୍ର ସାହୁ

DSPL-123

सत्यमेव जयते

**Message of Hon'ble Governor**



The 'Armed Forces Flag Day' on 7th December provides a unique opportunity to the grateful nation and the proud citizens to solemnly reaffirm their obligation towards Armed Forces for their valiant services and supreme sacrifices in the defence of our motherland. It is a day to express our solidarity with the serving as well as retired defence personnel, the martyrs and their dependents. The voluntary donation to the Armed Forces Flag Day Fund is a small token of our gratitude meant for the welfare of these brave soldiers.

On this occasion, I extend my warm greetings to all ranks of the Armed Forces and their families and appeal to all citizens to contribute generously to the Flag Day Fund.

Jai Hind !

(Prof. Ganeshi Lal)
Governor, Odisha

DSPL-123

सत्यमेव जयते

**Message of Hon'ble Chief Minister**



On the occasion of Armed Forces Flag Day-2020, I extend my best wishes and greetings to Armed Forces personnel in Uniform, Ex-servicemen and their families.

The Armed Forces Flag Day offers us an opportunity to express our gratitude to the Armed Forces personnel who have set exemplary standards of dedication, patriotism and courage in protecting the unity and integrity of our country. They not only resolutely defend the borders of our great nation but also render valuable service during natural calamities and combating internal insurgencies.

By donating to the Armed Forces Flag Day Fund and proudly displaying the Flag, the nation expresses support for the gallant Armed Forces personnel of our country.

I appeal to all my fellow citizens to contribute generously to the Armed Forces Flag Day Fund, to support the welfare of Ex-servicemen and their families.

Jai Hind.

(Naveen Patnaik)
Chief Minister, Odisha

ଧରିତ୍ରୀ
DHARITRI
ସୋମବାର, ୭ ଡିସେମ୍ବର, ୨୦୨୦



# ଚାଞ୍ଚି ନେବେ

କୋଭିଡ୍-୧୯ ଟିକାକରଣ ବିଷୟକୁ ନେଇ ଦେଶବ୍ୟାପୀ ଚର୍ଚ୍ଚା ଚାଲିଛି। କେତେବେଳେ କୁହାଯାଉଛି ଟିକା ଆସିଲେ ପ୍ରଥମେ ନିର୍ଦ୍ଦିଷ୍ଟ ବର୍ଗଙ୍କୁ ଦିଆଯିବ। ପୁଣି କୁହାଯାଉଛି ସମସ୍ତେ ଟିକା ପାଇବେ ନାହିଁ। ପୃଥିବୀବ୍ୟାପୀ ଟିକାର ଦେଖାଦର୍ଶନ ନାହିଁ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତାଙ୍କ ସମୟରେ ଟିକା ଆସିବ ବୋଲି କହୁଥିବା ସତ୍ତ୍ୱେ ସେଠାରେ ମଧ୍ୟ କୌଣସି ନିଶ୍ଚିତତା ନାହିଁ। କିନ୍ତୁ କଳ୍ପନାଜଳ୍ପନା ପ୍ରବଳ ମାତ୍ରାରେ ଚାଲିଛି। ନିକଟରେ ଭାରତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବସିଥିବା ସର୍ବଦଳୀୟ ବୈଠକରେ ସୂଚନା ଦିଆଯାଇଛି ଯେ କିଛି ସପ୍ତାହ ଭିତରେ ଏହା ଉପଲବ୍ଧ ହେବ। ଆଶ୍ଚର୍ଯ୍ୟ କଥା ହେଉଛି, ହରିୟାଣାର ମେଣ୍ଟ ସରକାରରେ ଥିବା ଭାଜପାର ସ୍ୱାସ୍ଥ୍ୟମନ୍ତ୍ରୀ ଅନିଲ ଭିଜ୍ କହିଛନ୍ତି ଯେ, ଟିକା ନେବା ପରେ ସେ କୋଭିଡ୍ ପଜିଟିଭ୍ ହୋଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଭାରତୀୟ ଭେଷଜ ଗବେଷଣା ପରିଷଦ (ଆଇସିଏମ୍ଆର୍) ଏବଂ ଭାରତ ବାୟୋଟେକ୍ ଦ୍ୱାରା ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ 'କୋଭାକ୍ସିନ୍' ଟିକାର ତୃତୀୟ ପର୍ଯ୍ୟାୟ ପରୀକ୍ଷଣରେ ନଭେମ୍ବର ୨୦ରେ ଭିଜ୍ଙ୍କୁ ଟିକା ଦିଆଯାଇଥିଲା। ଏବେ ସେ କରୋନା ପଜିଟିଭ୍ ହୋଇଥିବାରୁ ଟିକା ଫଳପ୍ରଦ ହୋଇ ନ ଥିବା ପ୍ରମାଣିତ ହୋଇଛି। ଅର୍ଥାତ୍ ଗବେଷଣା ସମ୍ପୂର୍ଣ୍ଣ କରା ନ ଯାଇ ଖାମଖିଆଲି ଭାବେ ଲୋକଙ୍କ ଉପରେ ପରୀକ୍ଷଣ କରାଯାଉଥିବାରୁ ଏଭଳି ବ୍ୟତିକ୍ରମ ଦେଖାଦେଉଛି। ଅବଶ୍ୟ ସାଧାରଣ ନାଗରିକ ନିଶ୍ଚିତ ଭାବେ ଚାହିଁବେ ଯେ ଏହି ଟିକାର ବଦ୍ ଦିଗ ଜାଣିବା ସକାଶେ ସବୁ ରାଜନେତା ଯଥା ପ୍ରତ୍ୟେକ ରାଜ୍ୟର ବିଧାୟକ, ସାଂସଦଙ୍କଠାରୁ ଆରମ୍ଭ କରି ଆଇଏଏସ୍, ଆଇପିଏସ୍ ଭଳି ଅଫିସରଙ୍କ ସମେତ ଖଣିମାଲିକ ଓ ଶିଳ୍ପପତିମାନଙ୍କୁ ପ୍ରଥମ ପର୍ଯ୍ୟାୟରେ ଟିକା ଦିଆଯାଉ। ତାହା ହେଲେ କୋଭିଡ୍-୧୯ ଟିକାର କାର୍ଯ୍ୟଦକ୍ଷତା ଜଣାପଡ଼ିବ। ଯଦି ଏହି ବର୍ଗବଡ଼ିଆ ସୁସ୍ଥ ରହିଲେ, ତେବେ ଅନ୍ୟ ସାଧାରଣ ନାଗରିକଙ୍କ ଉପରେ ତାହାର ପ୍ରୟୋଗ କରାଯିବା ଉଚିତ। ବର୍ତ୍ତମାନ ଫାଇଜର ଇଣ୍ଡିଆ ପ୍ରଥମ ଔଷଧ କମ୍ପାନୀ ଭାବେ ଭାରତରେ ଲୋକଙ୍କ ଉପରେ ଏହାକୁ ପ୍ରୟୋଗ କରିବା ସକାଶେ ଡ୍ରଗ୍ କଣ୍ଟ୍ରୋଲର ଜେନେରାଲ ଅଫ୍ ଇଣ୍ଡିଆ (ଡିସିଜିଆଇ)ର ଜରୁରିକାଳୀନ ଅନୁମତି ମାଗିଛି। ସ୍ମରଣ କରାଯାଇପାରେ ଯେ, ଫାଇଜର ଇଣ୍ଡିଆର ମୂଳ କମ୍ପାନୀ 'ଫାଇଜର' ଇତିମଧ୍ୟରେ ବ୍ରିଟେନ୍ ଓ ବାହାରିନ୍ଠାରୁ ଜରୁରିକାଳୀନ ବ୍ୟବହାର ଲାଗି ଅନୁମତି ପାଇସାରିଛି। ତଥାପି ପାଶ୍ଚାତ୍ୟ ଦେଶରେ ଫାଇଜରର ଟିକାର ବ୍ୟବହାର ଆଜି ପର୍ଯ୍ୟନ୍ତ ହୋଇନାହିଁ। ତା'ର ମୂଳ କାରଣ ବୁଝିବା କଷ୍ଟକର ନୁହେଁ। ଭାରତୀୟଙ୍କ ଉଚ୍ଚଶ୍ରେଣୀ ସହିତ ସରକାରଙ୍କ ରାଜନୈତିକ ଲାଭ ଉଠାଇବାର ବ୍ୟାକୁଳତା ଯୋଗୁ ଫାଇଜର ଇଣ୍ଡିଆ ଆମ ଦେଶ ଉପରେ ପ୍ରଥମ ପରୀକ୍ଷା କରିବାକୁ ଚାହୁଁଛି। ଯଦି କେଇ ବଳ୍ପା ଭାରତୀୟ ଏହି ଟିକା ନେବା ପରେ କୋଭିଡ୍-୧୯ରୁ ବର୍ତ୍ତିଯିବେ, ତେବେ ତାହାର ପ୍ରୟୋଗ ଆମେରିକା ଭଳି ଦେଶରେ ଆରମ୍ଭ ହେବ।

ଭାରତରେ ଭୌଗୋଳିକ ଓ ଜଳବାୟୁ ସ୍ଥିତି ଦେଖିଲେ ଫାଇଜର ଟିକାକୁ ସାଇତି ରଖିବା ପାଇଁ ବିୟୁଣ୍ଡ ୭୦ ଡିଗ୍ରୀ ସେଲ୍ସିୟସ୍ ତାପମାତ୍ରା ଦରକାର। ଦେଶବ୍ୟାପୀ ସେହି ତାପମାତ୍ରାରେ ଟିକା ପରିବହନ ଓ ଟିକାକରଣ କରିବା ଏକ ବଡ଼ ଆହ୍ୱାନ। ଏଥିସହିତ ଏଠାରେ ଟିକାକରଣ ପ୍ରକ୍ରିୟାରେ ଜଡ଼ିତ ଥିବା ସିରିଞ୍ଜ ତଳ ପାହାଚର ଲୋକମାନେ ପ୍ରାୟ ଅର୍ଦ୍ଧଶିକ୍ଷିତ ଓ ଅସଚେତନ ଥାଆନ୍ତି। ଅତୀତରେ ପୋଲିଓ ଟିକା ଦିଆଯିବା ବେଳେ ନିର୍ଦ୍ଦିଷ୍ଟ ନିୟମାବଳୀ ଅନୁସରଣ କରାଯାଇ ନ ଥିବା ଯୋଗୁ ଅନେକ ଶିଶୁଙ୍କ ଜୀବନ ଯିବାର ପ୍ରମାଣ ରହିଛି। ତାହା କେବଳ ଶିଶୁଙ୍କ ଭିତରେ ସୀମିତ ଥିଲା। କୋଭିଡ୍-୧୯ ଲାଗି ଟିକା ନେବା ପାଇଁ ଦୁନିଆର ସବୁ ଲୋକ ହାଙ୍ଗାପାଇଁ। ତେଣୁ ତାହାକୁ ସୁଗମ କରିବା କଦାପି ସହଜ ହେବ ନାହିଁ। ଜନସଂଖ୍ୟା ବୃଦ୍ଧିରୁ ଭାରତୀୟ ବଜାରକୁ ଆଖିରେ ରଖି ବହୁରାଷ୍ଟ୍ରୀୟ ଔଷଧ କମ୍ପାନୀଗୁଡ଼ିକ ଏଠାରେ ବ୍ୟବସାୟ କରିବାକୁ ଚେଷ୍ଟା କରୁଛନ୍ତି।

ଏବେ କରୋନା ଟିକା ହୋଇଗଲାଣି ପୃଥିବୀର ସର୍ବବୃହତ୍ ବ୍ୟବସାୟ। ଭାରତ ଭଳି ଦେଶରେ କେନ୍ଦ୍ର ସମେତ ସବୁ ରାଜ୍ୟ ସରକାର ଲୋକଙ୍କ ପ୍ରିୟ ହେବା ପାଇଁ ଟିକାକୁ ବ୍ୟବହାର କରିବାର ପନ୍ଥା ଧରିଲେଣି। କୋଭାକ୍ସିନ୍ର ଭାଗ୍ୟ ଖରାପ ଯେ ଆରମ୍ଭରୁ ହରିୟାଣା ମନ୍ତ୍ରୀ ଅନିଲ ଭିଜ୍ଙ୍କ ଘଟଣାରେ ସେହି ଟିକାର ଅସଫଳତା ଧରାପଡ଼ିଗଲା। କିନ୍ତୁ ଫାଇଜର ଓ ଅନ୍ୟ ଟିକା କିଣିବା ପାଇଁ ରାଜ୍ୟ ସରକାରଗୁଡ଼ିକ ଧାଡ଼ିହୋଇ ଠିଆହେବା ସହିତ ନିଜର ଚାହିଦା ଅନୁଯାୟୀ ଆଗୁଆ ଅର୍ଥ ପଇଠ କରିବେ। ଉଦାହରଣ ସ୍ୱରୂପ ଓଡ଼ିଶାର ଜନସଂଖ୍ୟା ସାଢ଼େ ୪ କୋଟି। ହୁଏତ ପ୍ରଥମ ପର୍ଯ୍ୟାୟରେ ରାଜ୍ୟ ସରକାର ଦୁଇ କୋଟି ଲୋକଙ୍କ ପାଇଁ ଟିକା ମଗାଇ ପାରନ୍ତି। ଧରିନିଆଯାଉ ଟିକାର ପ୍ରତି ଡୋଜ୍ ପାଇଁ ୨ ହଜାର ଟଙ୍କା ଖର୍ଚ୍ଚ ହେବ। ତା'ହେଲେ ଆକଳନ କରାଯାଉ ୨ କୋଟି ଡୋଜ୍ ପାଇଁ କେତେ ଖର୍ଚ୍ଚ ହେବ। ସେହିଭଳି ସବୁ ରାଜ୍ୟ ନିଜର ଆବଶ୍ୟକତା ମେଣ୍ଟାଇବା ପାଇଁ ଚେଷ୍ଟା କରିବେ। ଏହାଦ୍ୱାରା ହାତଗଣତି ଔଷଧ କମ୍ପାନୀ ପାଉଥିବା ଟଙ୍କା ରଖିବା ପାଇଁ ଜାଗା ପାଇବେ ନାହିଁ। ଯଦି ହରିୟାଣା ମନ୍ତ୍ରୀଙ୍କ ଉଦାହରଣ ନିଆଯାଏ, ତେବେ ପ୍ରବଳ ମାତ୍ରାରେ ଅର୍ଥ ଖର୍ଚ୍ଚ କରାଯିବା ସତ୍ତ୍ୱେ ଲୋକଙ୍କୁ ସୁରକ୍ଷା ମିଳିବ ନାହିଁ। ଏହାଦ୍ୱାରା ଆକାଶଛୁଆଁ ଦୁର୍ନୀତି ନିଶ୍ଚିତ ହେବ, ଯାହାକୁ ପରବର୍ତ୍ତୀ ସମୟରେ ସମାଲୋଚନା କଲେ ମଧ୍ୟ ଜନସାଧାରଣ ସ୍ୱୀକାର କରିବେ ନାହିଁ। ଅର୍ଥାତ୍ ଲୋକେ ମରନ୍ତୁ ବା ବଞ୍ଚନ୍ତୁ, ଭାରତର ସବୁ ରାଜ୍ୟ ସରକାର ଓ କେନ୍ଦ୍ର ସରକାର ଲୋକଙ୍କ ଆଖିରେ ଆଙ୍ଗୁଠି ଗେଞ୍ଜି ରାଜକୋଷକୁ ଚାଞ୍ଚି ନେବେ। ଏହି ଚାଞ୍ଚିବା ଦିଲ୍ଲୀରୁ ପଲ୍ଲୀ ପର୍ଯ୍ୟନ୍ତ ଆରମ୍ଭ ହେବାକୁ ଯାଉଛି।

# ମା'କୋଳ



ପ୍ର. ରମେଶ ଚନ୍ଦ୍ର ପରିଡ଼ା

ଆମ ପରମ୍ପରାରେ ଶିଶୁକୁ ପାଞ୍ଚବର୍ଷ ବୟସ ପର୍ଯ୍ୟନ୍ତ ସ୍ନେହ-ଶ୍ରଦ୍ଧା ଦେଇ ଲାଳନପାଳନ କରିବାର ବିଧି ରହିଛି (ଲାଳୟେତ୍ ପଞ୍ଚବର୍ଷାଣି...)। ଏହା ତାକୁ ମାତାପିତା ଏବଂ ପରିବାରବର୍ଗଙ୍କ ସହିତ ଭାବପ୍ରବଣତା ସ୍ତରରେ ସମ୍ମିଳିତ ହେବାର ଅବକାଶ ଦିଏ। ଅତଏବ, ସେମାନଙ୍କ ସହିତ ତା'ର ଗଢ଼ିଉଠେ ଏକ ସ୍ୱତନ୍ତ୍ର ସମ୍ପର୍କ, ଯାହା କି ତାକୁ ଜୀବନବ୍ୟାପୀ ଅନୁଭୂତ ହୋଇଥାଏ। ତେବେ ବର୍ତ୍ତମାନ ବିଶେଷକରି ଶିକ୍ଷିତ ଓ ଧନିକ ପରିବାରରେ ଏଥିରେ ଘୋର ବ୍ୟତିକ୍ରମ ଦେଖାଯାଉଛି। ଅନେକ ସ୍ଥଳରେ ଶିଶୁଟିର ବୟସ ୬ ମାସ ଅତିକ୍ରମ କରୁ କରୁ ତାକୁ ଛାଡ଼ିଦିଆଯାଉଛି 'କ୍ରେଚ୍'ରେ। ନାଭିକୀୟ ପରିବାରରେ କର୍ମଜୀବୀ ମା'ମାନଙ୍କ ପାଇଁ ଏହା ଏକ ଆବଶ୍ୟକତା ହେଲାବେଳେ ଧନିକ ମା'ମାନଙ୍କ ପାଇଁ ଏକ ଦାୟିତ୍ୱମୁକ୍ତ ବିଳାସରେ ପରିଣତ ହୋଇଛି। କୋମଳମତି ଶିଶୁ ଉପରେ ତା'ର ନକାରାତ୍ମକ ମନସ୍ତାତ୍ତ୍ୱିକ ପ୍ରଭାବ ପଡୁଛି ଅତି ଗଭୀର ଭାବେ; ଯାହା କି ତାକୁ ଭାବପ୍ରବଣ, ସ୍ନେହୀ ତଥା ଦରଦୀ ମଣିଷଟିଏ ହେବାର ଅବକାଶ ଦେଉନାହିଁ। ସେ ଅନୁଭବ କରିପାରୁ ନାହିଁ ସମ୍ପର୍କର ମହତ୍ତ୍ୱ। ଅତଏବ ଏ କ୍ଷେତ୍ରରେ ଉପୁଜିଛି ସଙ୍କଟ ଏବଂ ଆମ ପାରିବାରିକ ତଥା ସାମାଜିକ ଜୀବନରୁ ହଜି ହଜି ଚାଲିଛି ମାନବିକତା।

ଶିଶୁ ପାଇଁ ମା'କୋଳ ସର୍ବୋତ୍ତମ ସ୍ଥାନ ଉଭୟ ମାନସିକ ଏବଂ ଶାରୀରିକ ବିକାଶ ଲାଗି। ବୟସ ଅତି କମ୍‌ରେ ୬ ମାସରୁ ୨ ବର୍ଷ ହେଲା ପର୍ଯ୍ୟନ୍ତ ତାକୁ ସ୍ତନ୍ୟପାନ ସହିତ ଯଥାସମ୍ଭବ ଆଲିଙ୍ଗନ କରିବା ଏବଂ କୋଳରେ ଧରି ଶୋଇବା ତା'ର ବୋଧଶକ୍ତିକୁ ସୁଦୃଢ଼ କରିଥାଏ। ଏହା ତା'ମନକୁ ଚାପମୁକ୍ତ ଏବଂ ଶରୀରକୁ ରୋଗମୁକ୍ତ ରଖେ। ବିଶେଷକରି ଜନ୍ମକାଳରେ କମ୍ ଓଜନର ହୋଇଥିବା (୨ କେଜିରୁ କମ୍) ଶିଶୁଙ୍କୁ ମା' ଅଧିକ ସମୟ କୋଳରେ ଧରିରଖିଲେ ତା'ର ବଞ୍ଚିବାର ସମ୍ଭାବନା ଏବଂ ରୋଗ ପ୍ରତିରୋଧକଶକ୍ତି ବୃଦ୍ଧି ପାଏ। ଶିଶୁ ବିଜ୍ଞାନୀମାନେ ଏହାର ନାମ ଦେଇଛନ୍ତି 'କଙ୍ଗାରୁ ମଦର୍ କେୟାର୍' ବା କଙ୍ଗାରୁ ମା'ର ଯତ୍ନ। ଏହି ଜୀବଟି ତା'ର ଶିଶୁକୁ ସଦାସର୍ବଦା ପେଟତଳର ମୁଣାରେ ଧରି ରଖିଥାଏ। ମା'ମାନେ ସେମାନଙ୍କ ସନ୍ତାନସନ୍ତତିଙ୍କୁ ସେହିପରି କରିବାଲାଗି ଏଥିରେ ପରାମର୍ଶ ଦିଆଯାଇଛି। ଏହା ଫଳରେ ସଦ୍ୟଜାତ ଶିଶୁ ମୃତ୍ୟୁହାର ୨୫ରୁ ୩୦ ପ୍ରତିଶତ ହ୍ରାସ ପାଏ ବୋଲି ନିକଟରେ ସୁପ୍ରସିଦ୍ଧ ସ୍ୱାସ୍ଥ୍ୟ ଗବେଷଣା ପତ୍ରିକା 'ଲାନସେଟ୍' (ଜାନୁୟାରୀ ୨୦୨୦)ରେ ସୂଚନା ଦେଇଛନ୍ତି ଦିଲ୍ଲୀର ସେଣ୍ଟର ଫର ହେଲ୍ଥ ରିସର୍ଚ୍ଚ ଆଣ୍ଡ ଡେଭଲପମେଣ୍ଟ ସୋସାଇଟି ଫର ଆପ୍ଲାଏଡ ଷ୍ଟଡିଜର ନିର୍ଦ୍ଦେଶିକା ନୀତା ଭଣ୍ଡାରୀ।

ପୃଥିବୀର ୯୭ପ୍ରତିଶତ କମ୍ ଓଜନର ଶିଶୁ (୨ରୁ ୨.୫କେଜି) ଜନ୍ମ ନେଇଥାନ୍ତି ବିକାଶଶୀଳ ଦେଶରେ। ଆମଦେଶରେ ଏହା ୪୦ ପ୍ରତିଶତ। ପୁନଶ୍ଚ ବିକାଶଶୀଳ ଦେଶଗୁଡ଼ିକରେ ଅଧିକାଂଶ ମା' ପ୍ରସବ କରିଥାନ୍ତି ନିଜ ନିଜ ଘରେ। ଯଦିବି ତାହା ଡାକ୍ତରଖାନାରେ କରାଯାଏ, ତଥାପି ଖୁବ୍‌ଶୀଘ୍ର ସେମାନଙ୍କୁ ଘରକୁ ବିଦା କରାଯାଏ। ପରିବାର ମଧ୍ୟରେ ମା' ଓ ଶିଶୁ ଅଧିକ ସମୟ ପରସ୍ପର ସହିତ ନିବିଡ ଭାବେ ସଂପୃକ୍ତ ହୋଇରହିବାର, ଅର୍ଥାତ ତଥାକଥିତ କଙ୍ଗାରୁ ମା' ପାଇଁ ସୁବିଧା କମ୍। କାରଣ ଏଠାରେ ମା'କୁ ଅନ୍ୟାନ୍ୟ ଘର କାମରେ ବ୍ୟସ୍ତ ରହିବାକୁ ପଡେ। ପୁନଶ୍ଚ ପରିବାରର ଅନ୍ୟମାନେ ମଧ୍ୟ ଶିଶୁକୁ ଆପଣାଇବାକୁ ଭଲ ପାଆନ୍ତି। ଫଳରେ ଶିଶୁଟି ମା' କୋଳରୁ ବଞ୍ଚିତ ହୁଏ। ତାହା ତା'ର ସ୍ୱାସ୍ଥ୍ୟ ଏବଂ ବଞ୍ଚି ରହିବାର ସମ୍ଭାବନା ଉପରେ ନକାରାତ୍ମକ ପ୍ରଭାବ ପକାଏ। ଏସବୁ ଦେଶରେ ଶିଶୁ ମୃତ୍ୟୁ ହାର ଅଧିକ ହେବାର ଏହା ଅନ୍ୟତମ କାରଣ ହୋଇପାରେ।

ଦିଲ୍ଲୀର ଉପରୋକ୍ତ ସଂସ୍ଥା ହରିୟାଣାଠାରେ ଏଥିସମ୍ପର୍କରେ ଚଳାଇଥିଲା ଏକ ଅଧ୍ୟୟନ(୨୦୧୫-୨୦୧୮)। ତହିଁରେ ଘରେ ଜନ୍ମ ହୋଇଥିବାର ମାତ୍ର କେତେ ଘଣ୍ଟା ପରଠାରୁ ଶିଶୁମାନଙ୍କୁ ୧ରୁ ୬ମାସ ପର୍ଯ୍ୟନ୍ତ ପରିସରଭୁକ୍ତ କରାଯାଇଥିଲା। ସେମାନଙ୍କୁ କିପରି ଅଧିକ ସମୟ ମା'ର ଯତ୍ନ ଏବଂ ମା' ସଂସ୍ପର୍ଶରେ ଆସିବାର ସୁଯୋଗ ମିଳିବ ତା'ର ବ୍ୟବସ୍ଥା କରାଯାଇଥିଲା (କଙ୍ଗାରୁ ମା' ଯତ୍ନ ମାନକ ଅନୁସାରେ)। ଗବେଷକମାନଙ୍କ ଲକ୍ଷ୍ୟ ଥିଲା ଶିଶୁମାନଙ୍କଠାରେ ଅଳ୍ପତପ୍ତତା (ହାଇପୋଥରମିଆ) ପ୍ରତିହତ କରିବାର ଏହାର ଭୂମିକା ନିରୂପଣ। ତେବେ ତହିଁରୁ ଜଣାପଡିଥିଲା ଯେ, ଏଥିସହିତ ଏହା ମା'ଠାରେ ସ୍ତନ୍ୟପାନ କରାଇବାର ପ୍ରବୃତ୍ତି ବୃଦ୍ଧିଠାରୁ ଆରମ୍ଭ କରି ଶିଶୁକୁ ବହୁବିଧ ସଂକ୍ରମଣରୁ ରକ୍ଷା କରେ। ପୁନଶ୍ଚ ଶିଶୁର ଶାରୀରିକ ତଥା ମାନସିକ ବିକାଶ, ମା'-ଶିଶୁର ସମ୍ପର୍କ ଦୃଢ ହେବା ଏବଂ ସେ ଉଭୟଙ୍କର ମାନସିକ ଚାପ ହ୍ରାସ କରିବାରେ ମଧ୍ୟ ଏହା ସହାୟକ ହୋଇଥାଏ।

ଏ ପରୀକ୍ଷାରେ ମା' ତା'ର ସଦ୍ୟଜାତ ଶିଶୁକୁ ଅତିକମ୍‌ରେ ୨୮ଦିନ ପର୍ଯ୍ୟନ୍ତ ଦିନକୁ ୨୨ରୁ ୨୪ଘଣ୍ଟା କୋଳରେ ଧରି ରଖିବାକୁ ଏବଂ ତହିଁରୁ ଅତି କମ୍‌ରେ ୧୧ଘଣ୍ଟା ଚର୍ମ ସହିତ ଚର୍ମ ସ୍ପର୍ଶ ଅବସ୍ଥାରେ ରହିବା ଲାଗି ଉପଦେଶ ଦିଆଯାଇଥିଲା।

ତେବେ ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥାର ପରାମର୍ଶ ଅନୁସାରେ ଏହାର ଏକ ସମୟସୀମା ରହିବା ଉଚିତ ନୁହେଁ। ଶିଶୁଟିର ଓଜନ ୨.୫ ରୁ ୩ କିଲୋଗ୍ରାମ ହେଲା ପର୍ଯ୍ୟନ୍ତ ଏହା ଚାଲୁ ରଖାଯିବା ଦରକାର। ଇତିମଧ୍ୟରେ ହରିୟାଣା ସରକାର ଏହି ମାର୍ଗଦର୍ଶନ ଅନୁସରଣ କରି 'କଙ୍ଗାରୁ ମା' ଯତ୍ନ' ଯୋଜନାଟିଏ ଆରମ୍ଭ କରିଛନ୍ତି। ଏହା ଫଳରେ ସେଠାରେ ଜନ୍ମ ନେଉଥିବା ହଜାର ହଜାର କମ୍ ଓଜନର ଏବଂ ନିର୍ଦ୍ଧାରିତ ସମୟ ପୂର୍ବରୁ ଜନ୍ମିତ ଶିଶୁମାନଙ୍କ ମଧ୍ୟରୁ ୯୦ ପ୍ରତିଶତଙ୍କର ଜୀବନ ରକ୍ଷା ହୋଇପାରିବ ବୋଲି ଆଶା କରାଯାଉଛି।

ମା' ଓ ଶିଶୁଙ୍କ ଭାବପ୍ରବଣ ସମ୍ପର୍କ ସବୁଠାରୁ ନିବିଡ ଏବଂ ଦୀର୍ଘସ୍ଥାୟୀ। ତେବେ, ଶୈଶବ କାଳରେ ତାହା ଅଧିକ। ଶିଶୁ ମା' କୋଳକୁ ଗଲେ ସେମାନଙ୍କ ସମ୍ପର୍କକୁ ସୁଦୃଢ଼ କରେ ସେ ଉଭୟଙ୍କଠାରେ 'ଅକ୍ସିଟୋସିନ୍' ନାମକ ହର୍‌ମୋନର କ୍ଷରଣ। ଏହା ଚାପ ହରମୋନ୍ କୋର୍ଟିସଲ୍‌ର ମାତ୍ରା ହ୍ରାସ କରିବା ଫଳରେ ମନ ହାଲୁକା ଓ ଚାପମୁକ୍ତ ହୋଇଯାଏ ଏବଂ ରକ୍ତଚାପ ହ୍ରାସ ପାଏ। ଅତଏବ ହୃଦ୍‌ରୋଗଠାରୁ ମଧୁମେହ ପର୍ଯ୍ୟନ୍ତ ଅନେକ ରୋଗ ପ୍ରଭାବ ପ୍ରତିହିତ ହୁଏ। ଅବଶ୍ୟ ବାପା, ଜେଜେମା', ଜେଜେବାପା ତଥା ଅନ୍ୟ କେହି ଶ୍ରଦ୍ଧାକାରୀଙ୍କ କୋଳାଗ୍ରତ ବା ଆଲିଂଗନ ଶରୀରରେ ଏହାର ଜୈବରାସାୟନିକ ପରିବର୍ତ୍ତନ କିଛି ମାତ୍ରାରେ ଆଣେ। କିନ୍ତୁ ମା' ଓ ଶିଶୁ କ୍ଷେତ୍ରରେ ଏହା ସର୍ବାଧିକ।

ଅନ୍ୟ ଏକ ଗବେଷଣାରୁ ଜଣାପଡିଛି ଯେ, ଆଲିଙ୍ଗନ ଅବସରରେ ଆମ କେନ୍ଦ୍ରୀୟ ସ୍ନାୟୁ ବ୍ୟବସ୍ଥାର ତଥାକଥିତ 'ପୁରସ୍କାର କେନ୍ଦ୍ର' ସକ୍ରିୟ ହୋଇଥାଏ। ଆମ ମନସ୍ତତ୍ତ୍ୱ ଉପରେ ଏହାର ପ୍ରତ୍ୟକ୍ଷ ପ୍ରଭାବ ରହିଛି। ତାହା ଆମକୁ ଆନନ୍ଦ ଦିଏ। ତେଣୁ ତୁମେ ଯଦି ତୁମର ପୁତ୍ରକନ୍ୟା କିମ୍ବା ସେହିଭଳି ସମ୍ପର୍କୀୟଙ୍କର ଶାରୀରିକ ତଥା ମାନସିକ ସ୍ୱାସ୍ଥ୍ୟ ଚାହୁଁଛ ତେବେ ତାଙ୍କୁ ଆଲିଙ୍ଗନ କର। ଏହା ତାଙ୍କୁ ଆନନ୍ଦ ଦେବ ଏବଂ ତାଙ୍କ ମାନସିକ ଚାପ ହ୍ରାସ କରିବ ବୋଲି ମତ ଦେଇଛନ୍ତି ଏହା ଚଳାଇଥିବା ଗବେଷକମାନେ।

ଆଲିଙ୍ଗନ ସମୟରେ ଆମ ଶରୀରରେ ବହୁ ଜୈବ ରାସାୟନିକ ପରିବର୍ତ୍ତନ ଆସେ। ତହିଁରେ ଅକ୍ସିଟୋସିନ୍ ସାଥେ ସାଥେ ଡୋପାମିନ୍ ଏବଂ ସେରୋଟୋନିନ୍ ଭଳି ହର୍‌ମୋନ୍‌ର ମଧ୍ୟ କ୍ଷରଣ ଘଟେ। ତନ୍ମଧ୍ୟରୁ ଡୋପାମିନ୍ ଆମକୁ ଉତ୍ତମ ଅନୁଭବ ଦେଲାବେଳେ ସେରୋଟୋନିନ୍ ଯନ୍ତ୍ରଣା ହ୍ରାସ କରିବା ସହିତ ଉତ୍ତମ ମାନସିକତାକୁ ଉତ୍ତୋଳିତ କରେ। ସେହିପରି ଅକ୍ସିଟୋସିନ୍ ଆମକୁ ଶାନ୍ତ ଅନୁଭବ କରିବାକୁ ଏବଂ ସନ୍ତୋଷ ଲାଭ କରିବାକୁ ଦିଏ। ଅନ୍ୟ ସହିତ ସମ୍ପର୍କର ରଜ୍ଜୁକୁ ଶକ୍ତ କରେ। ପୁନଶ୍ଚ ଆମ ଶରୀରରେ ହର୍‌ମୋନଗୁଡିକର ସନ୍ତୁଳନ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ। ଫଳରେ ଆମେ ନୀରୋଗ ଏବଂ ଦୀର୍ଘଜୀବୀ ହେଉ। କେବଳ ମଣିଷ କାହିଁକି କୁକୁର ବା ବିରାଡ଼ି ଭଳି ପୋଷା ଜୀବଙ୍କୁ ଆଲିଙ୍ଗନ କଲେ ଏହି ଅନୁଭୂତି ଏବଂ ପ୍ରଭାବମାନ କିଛି ମାତ୍ରାରେ ପରିଲକ୍ଷିତ ହୁଏ। ସେହିପରି ନିଜେ ଯତ୍ନରେ ବଢ଼ାଇଥିବା ଗଛକୁ ମଧ୍ୟ ଆଲିଙ୍ଗନ ସୁଫଳ ଦାୟୀ ବୋଲି କୁହାଯାଉଛି। ଏଠାରେ ସୂଚନାଯୋଗ୍ୟ ଯେ, ଆଜିକାଲି ଜାପାନ, ଚାଇନା ଭଳି କେତେକ ଦେଶର ଅନେକ ଲୋକ ଅବିବାହିତ ରହି ବିନା ପରିବାରରେ ନିଃସଙ୍ଗ ଜୀବନଯାପନକୁ ପସନ୍ଦ କରୁଛନ୍ତି। ସେମାନେ ଏହି ନିଃସଙ୍ଗତାକୁ ଦୂର କରିବାକୁ ସହଚର ବା ସହଚରୀ ରୂପେ ରୋବଟ୍‌ମାନ ରଖିଲେଣି। ଏହାକୁ ଆଲିଙ୍ଗନ କରିବା ଏହା ସହିତ ଏକତ୍ର ନିଦ୍ରାଯିବା ଏବଂ ଏଥିପ୍ରତି ସ୍ନେହ ଆଦର ପ୍ରକଟ ଆଦି କରୁଛନ୍ତି। ଫଳରେ ସେମାନଙ୍କ ମାନସିକ ଚାପ ହ୍ରାସ ପାଇବା ସଙ୍ଗେସଙ୍ଗେ ତାଙ୍କଠାରେ ଉତ୍ତମ ଅନୁଭବ ମଧ୍ୟ ଜାତ ହେଉଛି।

ସ୍ପର୍ଶ ଏକ ସାର୍ବଜନୀନ ଭାଷା। ସାରା ଦୁନିଆରେ ଏହା ପ୍ରେମ ଓ ଭାବପ୍ରବଣତା ଆଦାନ ପ୍ରଦାନର ଏକ ମାଧ୍ୟମ। ଅତଏବ ଆମ ମାନସିକ ଚାପ ହ୍ରାସ ଏବଂ ସୁସ୍ୱାସ୍ଥ୍ୟ ପାଇଁ ଏହାକୁ ବିନିଯୋଗ ନ କରିବା କାହିଁକି? ଏଣୁ ଚାଲନ୍ତୁ ଆମେ ଆମ ମାତାପିତା, ସନ୍ତାନ ସନ୍ତତି, ସ୍ୱାମୀ ବା ସ୍ତ୍ରୀ, ବନ୍ଧୁ ଏବଂ ଭଲ ପାଉଥିବା ଲୋକଙ୍କୁ ଆଲିଙ୍ଗନ କରିବା (ଅବଶ୍ୟ ବର୍ତ୍ତମାନର କରୋନା ସମୟରେ ନୁହେଁ)। ଏହା କେବଳ ଆମ ପାଇଁ ନୁହେଁ ସେମାନଙ୍କ ପାଇଁ ମଧ୍ୟ ଶୁଭଙ୍କର। ତେବେ, ମା'ର ଶିଶୁକୁ କୋଳରେ ନେବା ଏବଂ ଆଲିଙ୍ଗନ କରିବାର ପ୍ରଭାବ ଏସବୁଠାରୁ ଅଧିକ ଫଳପ୍ରଦ। ଅତଏବ ମା' କୋଳ ଏ ଦୃଷ୍ଟିରୁ ଅନନ୍ୟ।

ଉଷାନିବାସ, ୧୨୪/୨୪୪୫
ଖଣ୍ଡଗିରି ବିହାର, ଭୁବନେଶ୍ୱର
ମୋ: ୯୯୩୭୯୮୫୭୬୭

# ଭକ୍ତିର ଋତୁ



ଦ୍ୟୁତି ଚନ୍ଦ୍ର ସାହୁ

ପ୍ରକୃତି ପିଠିରେ ଲାଉ ହୋଇ ଆସିବ କୁହୁଡି। ପାହାଡ଼ର ମଥା ଛୁଇଁ ହାତଠାରି ଚାଲି ଯାଉଥିବ ପାହାଡି ମେଘ। ମାଛକାଟିଆ ଆକାଶରେ ନୀଳ କିଏ ଢାଳି ଦେଇଥିବା। ଧଳା ଓ ନୀଳର ମିଶ୍ରଣରେ ଚିତ୍ରକରଟିଏ ଆଙ୍କିଥିବ ଆକାଶର ସର୍ବକାଳୀନ ସୁନ୍ଦର ଚିତ୍ର ଯେମିତି। ଯାତ୍ରାକୁ ଯାଉଥିବା ଧାଙ୍ଗଡା ପରି ସଜବାଜ ହୋଇ ଠିଆହୋଇଥିବା ପାହାଡ ତଳେ ହସୁଥିବ ସବୁଜ କ୍ଷେତ। ନହ ନହକା ଧାନ କ୍ଷେତର କଷ୍ଟ ସମୟ। ପୋଖତି ସ୍ତ୍ରୀ ଲୋକଟି ପରି ଭାରି କଷ୍ଟରେ ଠିଆ ହୋଇଥିବ ଧାନ ଫସଲ ନିର୍ମଳ ଆକାଶକୁ ପ୍ରାର୍ଥନା କରି। ସବୁଜ ଓ କଳାର ଫେଣ୍ଟାଫେଣ୍ଟି ରଙ୍ଗରେ ଗାଧୋଇଥିବା ଧାନ ଗଛରେ ଗର୍ଭ ଫିଟିବାର ବେଳ। ପବନକୁ ଡରୁଥିବ ସେ। ତାକୁ ସାହସ ଦେବାକୁ ଧଳା ଚାଦର ଘୋଡେଇ ନିତି ସକାଳୁ ସକାଳୁ ଭେଟ ପଡୁଥିବ କୁହୁଡି। ପହିଲି କାକରକୁ ଧରି ଧାନ ପତ୍ର ଚଞ୍ଚଳ ପିଲାଟେ ପରି ଏପଟ ସେପଟ ହଲୁଥିବ। ସରୁ ପାଦଚଲା ରାସ୍ତା ଉପରକୁ ଲୋଟି ଆସିଥିବ ଚେରୁଆ ଘାସ। ଭୋକ ବିକଳରେ ବିଲ ହୁଡାରେ ତୁନିହୋଇ ଅପେକ୍ଷା କରିଥିବ ସାପ। ଧାନ ଗଛର ଗହଳି ଭିତରୁ ବେଙ୍ଗଟି ପଦାକୁ ଆସୁ ଆସୁ ଖପ୍‌କରି ଧରି ଦେଉଥିବ ସାପ। ପକ୍ଷୀର କାକଳିକୁ ଅତିକ୍ରମ କରି ଶୁଭୁଥିବ ସାପ ଗିଳୁଥିବା ବେଙ୍ଗର କରୁଣ ରାଗ। ହିଡ଼ରେ ଲାଗିଥିବ ଜହ୍ନି ଓ ବୋଇତାଳୁ ଫୁଲ ଲୋଭ ବଢଉଥିବ ଚାଷୀକୁ। ହିଡ଼ରୁ ହିଡ଼ ଭିତର ଦେଇ ସକାଳୁ ସକାଳୁ କଙ୍କଡା ଓ ସାପ ଗାତର ଗଳିଆକୁ ସଜାଡୁଥିବ ଚାଷୀ। ମଝିରେ ମଝିରେ ଠିଆ ହୋଇ ତୃପ୍ତିରେ ଦେଖୁଥିବ ନିଜର ସବୁଜ କ୍ଷେତକୁ। ନ ହସି ବାହାରିଥିବା ଧାନ କେଣ୍ଡାକୁ ନିରେଖି ଦେଖୁଥିବ ଚାଷୀ। ଘରକୁ ଫେରିଲା ବେଳେ ଗାମୁଛାରେ ସାଉଣ୍ଟିବ ବିଲ ହୁଡାରେ ଲଗେଇଥିବା ଗଛର ପରିବା ଓ ଛତୁ। କେବେ କେବେ ବାଟରୁ ଗୋଟେଇ ନେବ ଘରକୁ କେଉଁଟଠାରୁ ଚୂନାମାଛ।

ସ୍ୱାମୀର ଗାମୁଛା ପୁଟୁଳି ଦେଖି ଅପେକ୍ଷାରତ ଘରଣୀ ଆଖିରେ ଚମକ। ମୁହଁରେ ଉଜ୍ଜ୍ୱଳ ଭାବ। ଚରମତୃପ୍ତିରେ ଆଖି ମୁଦି ଚାଷବାସ ପରେ ଗୁହାଳରେ ଆରାମ କରୁଥିବା ଗୋରୁ ସଦ୍ୟ କାଟି ଆଣିଥିବା ଛନଛନିଆ କଅଁଳ ଘାସ ପାଟିରେ ପାକୁଳେଇ ଚାଲିବ। ଗାଁ ସ୍କୁଲରେ ପଢୁଥିବା ପିଲାଙ୍କ ମନ ଉଚ୍ଛନ୍ନ ହେଉଥିବ ଆସୁଥିବା ଆଗାମୀ ଛୁଟିକୁ। ପରସ୍ପର ଭିତରେ ଅନେକ ସ୍ୱପ୍ନର ଦିଆନିଆ। ଗାଁକୁ ଯିବାକୁ ସଜବାଜ ହେଉଥିବ ସହରରେ ଚାକିରି କରୁଥିବା ଗାଁର ଶିକ୍ଷିତ। ଘରର ଅନ୍ୟ ସଦସ୍ୟଙ୍କ ପାଇଁ ଚାଲିଥିବ ପୋଷାକପତ୍ର କିଣା। ଏପଟ ଘରର ବଡବଡିଆଙ୍କ ଭିତରେ ଗୋଟେ ପ୍ରାକ-ପ୍ରସ୍ତୁତି ବାହା ଯୋଗ୍ୟ ପୁଅଝିଅଙ୍କୁ ନେଇ। ଚତୁର୍ମାସ୍ୟା ସରୁ ସରୁ ପୁଅଝିଅ ଦେଖା କାମ ସାରିବାକୁ ହେଉଥିବ ଯୋଜନାର ରୂପରେଖ। ତାରି ଭିତରେ ଚାଲିଥିବ ଫସଲ ଅମଳ ପାଇଁ ମାନସ ମନ୍ଥନ। ବେଳ ସାମାନ୍ୟ ଗଡିବା ଗଡିବା ହେଲେ ଆରମ୍ଭ ହୋଇଯାଉଥିବ ଗାଁରେ ନାଟକ ରିହରସେଲ। ନାଟକର ସଂଳାପ, କାନ୍ଦ ଓ ଅଟହାସ୍ୟ ଶୁଭିବ ଦୂରକୁ ଦୂର। ଆଖଡା ଘରକୁ ଘେରି ରହୁଥିବେ ଗାଁର ଯେତକ ହ୍ୟାଫ୍ ପ୍ୟାଣ୍ଟ ପିନ୍ଧା ଚିଲିରା ଦଳ। ସବୁଠି ଗୋଟେ ଆନନ୍ଦ। ପ୍ରକୃତି, ଗୋରୁ ଓ ମଣିଷ ସମସ୍ତଙ୍କ ଭିତରେ ନୂଆ ଉତ୍ସାହ, ଶାନ୍ତି, ତୃପ୍ତି ଓ ଆନନ୍ଦର ଉଚ୍ଛ୍ୱାସ। ଲକ୍ଷ୍ମୀଙ୍କ ଆଗମନକୁ ନେଇ ଘରେ ଘରେ ପ୍ରସ୍ତୁତି। ଘରେ ଘରେ ଜାକଜମକ। ଠାଏ ଠାଏ ଝଡ଼ି ଯାଇ ଘା' ଭଳି ଖଣ୍ଡିଆ ଦିଶୁଥିବା ମାଟି କାନ୍ଥରେ ମାଆ, ଝିଅ ଓ ବୋହୂ ମିଶି ଲେସି ଦେଉଥିବେ ମାଟି। ମରାମତି ହୋଇଥିବା ମାଟି କାନ୍ଥକୁ ଚୂନ ଦିଆଯାଉଥିବ। କାନ୍ଥର ତଳ ଭାଗରେ ଗେରୁଆ ମାଟିର ଧଡି। ମାଟିଚଟାଣରେ ଗୋବର ଲିପା। ପୁଣ୍ୟ ମାସ କାର୍ତ୍ତିକ ଶେଷ ବେଳକୁ ସରିଯାଇଥିବ ସମସ୍ତ ପ୍ରସ୍ତୁତି। ହବିଷ ପର୍ବ ସରୁ ସରୁ ପହିଲି ମାର୍ଗଶିର ଗୁରୁବାର ପୂର୍ବରୁ ଅଁଳା ଡାଳ, ବେଲ ଡାଳ, ଆମ୍ବ ପତ୍ର, କଦଳୀ ପତ୍ର , ଦୂବ ଘାସ, ଫୁଲଫଳ ସହ ଭଳିକି ଭଳି ପରିବା ଓ ମଞ୍ଜିମଞ୍ଜା ପାଇବା ଲାଗି ସ୍ତ୍ରୀ ଲୋକଙ୍କ ଘୂରି ବୁଲୁଥିବ ଡାହାଣା ଆଖି। ଗାଁରେ ଯାକୁ ତାକୁ କହି ବରାଦ କରିଦେଉଥିବେ କେତେ କ'ଣ ମା'ଙ୍କ ଲାଗି ଅପୂର୍ବ ସମ୍ଭାର। ଗାଁଟା ସାରା ଭାବାବେଗର ଅପୂର୍ବ ରାଗରେ ବିମୋହିତ ହେଉଥିବେ ସମସ୍ତେ। ଯିଏ ଯାହା ପାଇଲା ଅନ୍ୟକୁ ବାଣ୍ଟିଲୁଣ୍ଟି ଦେଉଥିବେ ମା'ଙ୍କ ପୂଜା ପାଇଁ। ମେର୍ଦା ବା ଆଟୁରୁ ଓହ୍ଲାଇ ଆସିବ ଜଙ୍କ୍ ଲଗା କୋଉ ପୁରୁଣା ପେଡି। ନ ହେଲେ ଓଜନରେ ମାଡି ହେଉ ଯାଉଥିବା କାଠର ସିନ୍ଦୁକ। ସେଥିରେ ସାଇତା ହୋଇଥିବ ମା' ଲକ୍ଷ୍ମୀଙ୍କ ଲାଗି ଗୁଆ, ବ୍ରତ, ସ୍ୱତନ୍ତ୍ର ବାସନକୁସନ ଓ ପୂଜା ସାମଗ୍ରୀ। ତେନ୍ତୁଳି ଦେଇ ଚକଚକ ହେଉଥିବ ପିତ୍ତଳ ଓ ତମ୍ବାର ସାମଗ୍ରୀ। ପଥୁରିର ବାସନ ଯେମିତି ଖୁସି ହେଉଥିବେ ଗୃହଲକ୍ଷ୍ମୀଙ୍କ ହାତର ପରଶରେ। ଝିଅମାନେ ନିଜ ଘର ଦାଣ୍ଡ ସହ ଆଖପାଖ ଘର ଦାଣ୍ଡରେ ବି ଦେଉଥିବେ ଝୋଟି ଚିତା। ଝୋଟିର କଳାରେ ଅଗଣା, କାନ୍ଥ ଓ ଗାଁ ଦାଣ୍ଡ ଝଟକୁଥିବ। ଘଡିଏ ରାତିରୁ ଉଠି ଘରେ ଘରେ ପ୍ରତି ପାଳି ଅନୁସାରେ ପ୍ରସ୍ତୁତି ହେଉଥିବ କେତେ କ'ଣ ବ୍ୟଞ୍ଜନ।

ନିଷ୍ଠା ଓ ଭକ୍ତିର ନିଦର୍ଶନରେ ପ୍ରତିଫଳିତ ହେଉଥିବ ଗ୍ରାମୀଣ ସାମାଜିକ ଜୀବନ। ଏବେ ଗାଁରେ ହେଉଥିବା ପୂଜାର ପରିଭାଷା ବି ବଦଳି ଗଲାଣି। ସବୁଘରର ପକ୍କା ହେଲାଣି। ବେରଙ୍ଗ ହୋଇ ଦିଶୁଥିବ ସ୍ଥାୟୀ ରଙ୍ଗରେ କୋଉକାଳୁ ଦିଆ ହୋଇଥିବା ଝୋଟି ଚିତା। ଠାକୁରଘରେ ରଙ୍ଗିନ ଆଲୁଅ ମାଳା। ମୋବାଇଲ କି ୟୁଟ୍ୟୁବରେ ଶୁଭିବ ଲକ୍ଷ୍ମୀ ପୁରାଣ। ରାଇସ କୁକୁର, ପ୍ରେସର କୁକୁରରେ ତିଆରି ହୋଇଯିବ ଫଟାଫଟ ମା'ଙ୍କ ଲାଗି ପ୍ରସାଦ। ଭକ୍ତି କମ, ଭାବ ଅଧିକ। ପୂଜା କମ, ଚମକ ପ୍ରବଳ। ପ୍ରକୃତି ବି ଆଉ ମଣିଷ ସହ ସାଥୀ ହୋଇପାରୁନି। ହାତ ଛାଡି ଦୂରକୁ ଦୂରକୁ ଚାଲିଯାଉଛି। ବଦଳିଛି ଋତୁଙ୍କ ସମୟ। ଏବେ ଅଚାନକ ବାତ୍ୟା ନ ହେଲେ ଲଘୁଚାପ ବର୍ଷା। ଏଇ କାରଣରୁ ଗ୍ରାମୀଣ କୃଷି ଓ ଜୀବନ ଜୀବିକା ବିପର୍ଯ୍ୟସ୍ତ। କୁହୁଡି ଆସେ ଓ ଯାଏ। ଧାନ କେଣ୍ଡା ବାହାରେ ଓ ଫସଲ ଅମଳ ହୁଏ। ଅଥଚ ପୂଜାପାର୍ବଣର ପୂର୍ବ ରାଗ ମିଳେନି। ସବୁଠି ସବୁ ସମୟରେ କାମ ଚଳା କାର୍ଯ୍ୟ। ତାଳିପକା ଉଦ୍ୟମ। ବିଧ୍ୱସ୍ତ ପ୍ରକୃତି, ବେଖିଆଲି ମଣିଷ, ଦ୍ରୁତ ହ୍ରାସ ପାଉଥିବା ପ୍ରାଣୀ ସଂପଦ ଓ ଉଜୁଡା ସାମାଜିକ ଜୀବନ ଭିତରେ ପୂଜାପାର୍ବଣର ଚମକ ଓ ମହକ ଯେମିତି ଲାଗେ ଫିକା ଫିକା। ତଥାପି ମା' ଲକ୍ଷ୍ମୀଙ୍କୁ ସମସ୍ତଙ୍କର ଅପେକ୍ଷା। ମାଆ ଆସିଲେ ଧରିତ୍ରୀ ହସିବ। ସବୁ ଦୁଃଖ, ରୋଗ, ଶୋକ ଓ ବିପଦ ଟଳିବ। ଆଶା ଏବର ବିଭୀଷିକାମୟ ପୃଥିବୀ ମା'ଙ୍କ ଆଗମନରେ ସ୍ୱାଭାବିକ ହେବ। ଜୀବନ ଓ ଜୀବିକା ଖେଳି ଉଠିବ !

ଇନ୍ଦିରା ନଗର, ଚତୁର୍ଥ ଗଳି, ରାୟଗଡା,
ମୋ-୯୫୫୬୨୮୭୭୭୫

## ଏଇ ଭାରତରେ

ପରିବେଶ ସୁରକ୍ଷା ପାଇଁ ଜୀବିକାକୁ ପଛ କରି ଦେଇଛନ୍ତି ଉତ୍ତରାଖଣ୍ଡର ଚନ୍ଦନ ନୟଲ। ନଇଁଚାଳର ନୟିଗାଁ ନିବାସୀ ଚନ୍ଦନ ଚାକିରି ଛାଡି ଜଙ୍ଗଲ ସୃଷ୍ଟି କରିବା ସହ ତା'ର ସଂରକ୍ଷଣ କରୁଛନ୍ତି। ୨୦୧୪ରେ ସେ ଇଲେକ୍ଟ୍ରୋନିକ୍ସରେ ଶିକ୍ଷା ଶେଷ କରି ଅଧ୍ୟାପକ ଭାବେ କାର୍ଯ୍ୟ କରୁଥିଲେ। ୨୦୧୬ରେ ଚାକିରି ଛାଡ଼ି ସେ ଗଛ ଲଗାଇବା ଆରମ୍ଭ କରିଥିଲେ। ଏବେ ସୁଦ୍ଧା ସେ ୧୨ ହଜାର ଗଛ ଲଗାଇ ସାରିଲେଣି। ଚନ୍ଦନଙ୍କ ବୟସ ୨୬। ତାଙ୍କ ମା'ଙ୍କ ମୃତ୍ୟୁ ପରେ ସେ ଏଭଳି ଅଭିଯାନ ଆରମ୍ଭ କରିବା ଲାଗି ନିଷ୍ପତ୍ତି ନେଇଥିଲେ। ପିଲାବେଳେ ସେ ଗଛ ଲଗାଇବାକୁ ଭଲ ପାଉଥିଲେ। ବାହାରେ ରହି ପଢିବା ସମୟରେ ବି ଛୁଟିରେ ଘରକୁ ଆସିଲେ ଗାଁ ପାଖ ଜଙ୍ଗଲ ସୁରକ୍ଷା ପାଇଁ ସମୟ ଦେଉଥିଲେ। ଗଛକୁ ତାଙ୍କର ଏମିତି ଭଲ ପାଇବା ତାଙ୍କୁ ଗଛ ମଣିଷ କରି ଦେଇଛି। ତାଙ୍କ ପାଖରେ ଚାରା କିଣିବା ପାଇଁ ଅର୍ଥର ଅଭାବ ଥିବା ହେତୁ ସେ ବନ ବିଭାଗର ସହଯୋଗ ଲୋଡୁଛନ୍ତି। ଚାରା ସେଠାରୁ ଆଣୁଛନ୍ତି ଓ ବନବିଭାଗର ନିର୍ଦ୍ଧାରିତ ଜମିରେ ଗଛ ଲଗାଉଛନ୍ତି। ଚାରା ପରିବହନ ଖର୍ଚ୍ଚ ବି ବନ ବିଭାଗ ବହନ କରୁଛି। ଚନ୍ଦନଙ୍କ ନିଷ୍ଠା ଦେଖି ଏଭଳି ସହଯୋଗ କରାଯାଉଛି ବୋଲି କହନ୍ତି ସେଠାକାର ଡିଏଫଓ। ଚନ୍ଦନଙ୍କୁ ସେମାନେ ୧୦ହଜାର ଗଛ ଯୋଗାଇ ଦେଇଛନ୍ତି। ତାଙ୍କର ଏଭଳି କାର୍ଯ୍ୟରେ ଆଖପାଖ ଗାଁର ଲୋକମାନେ ମଧ୍ୟ ଅନୁପ୍ରାଣିତ ହୋଇ ଗଛ ଲଗାଇବାରେ ଲାଗିଗଲେଣି। ୧୨୦ ଜଣ ସ୍ୱେଚ୍ଛାସେବୀ ଏହି କାର୍ଯ୍ୟରେ ସାମିଲ ହୋଇଛନ୍ତି। ସେମାନେ ଚନ୍ଦନଙ୍କ ନେତୃତ୍ୱରେ ୧୨ ହଜାର ଗଛ ଲଗାଇବା ସହ ଉତ୍ତରାଖଣ୍ଡର ବିଭିନ୍ନ ଗାଁରେ ୩୦ ହଜାର ଚାରା ବାଣ୍ଟି ସାରିଛନ୍ତି। ସରକାର ଚନ୍ଦନଙ୍କୁ ପୁରସ୍କୃତ ମଧ୍ୟ କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୭ ଡିସେମ୍ବର ୧୯୯୫**

- ଆଜରବଇଜାନର ନାହିସିଭାନଠାରେ ବିମାନ ଦୁର୍ଘଟଣା ଘଟି ୪୯ ଯାତ୍ରୀଙ୍କ ମୃତ୍ୟୁ।
- ଓଡ଼ିଶାର ମଲାଙ୍ଗଟୋଲି ଏବଂ ଗନ୍ଧମାର୍ଦ୍ଦନ ଲୁହାପଥର ଖଣିରୁ ଲୁହାପଥର ଉତ୍ତୋଳନ ପାଇଁ କେନ୍ଦ୍ରର ଇସ୍ପାତ ମନ୍ତ୍ରଣାଳୟର ଆର୍.ଟି. ଜେଡ୍ ନାମକ ଏକ ବହୁରାଷ୍ଟ୍ରୀୟ କମ୍ପାନୀ ସହ ରାଜିନାମା।
- କଟକ ବକ୍ସିବଜାର ରୋଡ୍‌ସ୍ଥିତ ଟେଲିଫୋନ୍ ଭବନଠାରେ ଦେଶର ପ୍ରଥମ କମ୍ପ୍ୟୁଟରାଇଜଡ୍ ଟ୍ରଙ୍କ ମାନୁଆଲ ଏକ୍ସଚେଞ୍ଜ ଉଦ୍‌ଘାଟିତ।

## ସାପ୍ତାହିକ ପଞ୍ଜିକା

**ନଭେମ୍ବର ୩୦:** ରାଜସ୍ଥାନର ଭାଜପା ବିଧାୟିକା କିରନ ମାହେଶ୍ୱରୀଙ୍କ କରୋନା ଭୂତାଣୁରେ ମୃତ୍ୟୁ।
**ଡିସେମ୍ବର ୧:** କୃଷକ କେନ୍ଦ୍ର ବୈଠକ ନିଷ୍ଫଳ। କୃଷି ଆନ୍ଦୋଳନକୁ କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡୋଙ୍କ ସମର୍ଥନ।
**ଡିସେମ୍ବର ୨:** କଲିକତା ଓ ମାଡ୍ରାସ ହାଇକୋର୍ଟର ପୂର୍ବତନ ବିଚାରପତି ସିଏସ୍ କର୍ଣ୍ଣନ ଗିରଫ।
**ଡିସେମ୍ବର ୩:** ଜାନୁୟାରୀରେ ଦଳ ଗଢିବେ ସୁପରଷ୍ଟାର ରଜନୀକାନ୍ତ।
**ଡିସେମ୍ବର ୫:** କୃଷି ଆଇନକୁ ବିରୋଧ କରି ଚାଲିଥିବା ଚାଷୀ ଆନ୍ଦୋଳନକୁ ଅନ୍ତର୍ଜାତୀୟ ସମର୍ଥନ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | 0 | A | | | | | | | | 5 | | | | E |
| | | 1 | | 3 | D | | | | | | | | 6 | |
| | | | | | | | | E | | 4 | B | D | 3 | 0 |
| C | | | 1 | 8 | | | | | | | | 9 | 4 | |
| 9 | | E | | | 6 | | 0 | | | | | | | |
| 8 | D | | | | 1 | | | 3 | | A | | | E | |
| | | 2 | | | 8 | | | | | 3 | C | | 0 | 5 |
| 0 | | | | | | | | | | 7 | 4 | | | 3 |
| 7 | C | | | E | | | D | | | | | 1 | | 2 |
| | | 4 | C | 2 | 9 | | | | | D | 5 | 7 | A | |
| | | | | C | | | | | | E | | | | 7 |
| | | | B | | | | 9 | 7 | 8 | | | A | | |
| | | 3 | | | 5 | | B | | 0 | | | | | 1 |
| | | | | | E | | 2 | A | | 6 | | 0 | 5 | |
| | 2 | C | 7 | 6 | | | | | | 1 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 6 | E | 8 | B | D | 7 | 2 | 1 | 5 | 4 | A | C | 9 | 0 | 3 |
| 7 | 5 | 3 | 0 | 1 | C | A | 4 | 6 | D | 9 | B | 8 | E | 2 |
| C | 0 | 4 | 8 | 9 | 2 | 7 | E | B | 3 | 5 | 1 | D | A | 6 |
| 2 | B | D | A | E | 5 | 9 | 8 | 3 | 6 | 7 | 0 | 4 | C | 1 |
| 9 | A | 1 | 6 | 3 | 4 | C | D | 0 | E | 8 | 2 | B | 5 | 7 |
| 3 | C | E | D | 4 | 9 | 1 | A | 2 | 5 | B | 8 | 7 | 6 | 0 |
| A | 2 | 5 | 7 | 0 | 6 | 4 | 9 | E | C | D | 3 | 1 | B | 8 |
| 1 | D | 6 | E | B | A | 3 | 7 | 8 | 2 | 0 | 4 | 5 | 9 | C |
| 0 | 9 | B | 2 | C | 8 | 6 | 5 | D | A | 1 | 7 | 3 | 4 | E |
| 4 | 8 | 7 | 3 | 5 | 1 | 0 | B | C | 9 | 6 | E | 2 | D | A |
| 5 | 7 | 2 | 1 | A | D | E | C | 4 | 0 | 3 | 9 | 6 | 8 | B |
| D | 1 | C | 4 | 7 | E | B | 6 | 9 | 8 | 2 | A | 0 | 3 | 5 |
| 8 | 6 | 9 | C | 2 | 3 | 5 | 0 | 7 | B | E | D | A | 1 | 4 |
| B | 4 | A | 9 | 6 | 0 | 8 | 3 | 1 | 7 | C | 5 | E | 2 | D |
| E | 3 | 0 | 5 | 8 | B | D | 2 | A | 1 | 4 | 6 | C | 7 | 9 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ରାସ୍ତା ଉପରେ ରାସ୍ତା

ମହାଶୟ,

ସତ୍ୟବାଦୀ ପୂର୍ତ୍ତବିଭାଗ ପକ୍ଷରୁ ସାକ୍ଷୀଗୋପାଳ ବସଷ୍ଟାଣ୍ଡଠାରୁ ମନ୍ଦିର ସାମନା ଦେଇ ଅଳଗୁମ ପର୍ଯ୍ୟନ୍ତ ଲମ୍ବିଥିବା ରାସ୍ତା ଏବେ କଂକ୍ରିଟ ହେଉଛି। ଅନେକ ଦିନ ହେଲା ସାକ୍ଷୀଗୋପାଳ ବଜାର ରାସ୍ତାକୁ ୨ଥାକିଆ କରିବା ପାଇଁ ଆପତ୍ତି ଅଭିଯୋଗ ହୋଇଆସୁଥିଲା। କିନ୍ତୁ ରାସ୍ତା ୨ଥାକିଆ କରାଯାଇନାହିଁ। ପୁରୁଣା ପିଚୁ ରୋଡ ଭଲ ଥିଲେ ବି ତାକୁ ତଡାଯାଇ ସିସି (କଂକ୍ରିଟ) କରାଯିବା ଦ୍ୱାରା ବଜାର କମିଟି ଓ ସେବାୟତ ସଂଘ ତରଫରୁ ବିରୋଧ କରାଯିବା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହା ଏକ ପର୍ଯ୍ୟଟନ କ୍ଷେତ୍ର ହେଉଥିବାରୁ ଏ ରାସ୍ତା ନିର୍ମାଣ କାହା ସ୍ୱାର୍ଥରେ ଜନସାଧାରଣ ଜାଣିପାରୁନାହାନ୍ତି। ଗ୍ରାମ୍ୟ ପର୍ଯ୍ୟଟନ କ୍ଷେତ୍ର ଐତିହ୍ୟ ସାକ୍ଷୀଗୋପୀନାଥ ମନ୍ଦିର ଓ ଓଡିଆ ବିଶ୍ୱବିଦ୍ୟାଳୟ ସନ୍ନିକଟ ପର୍ଯ୍ୟନ୍ତ ୨ଥାକିଆ ରୋଡର ଆବଶ୍ୟକତା ରହିଛି। ରେଲୱେ ତରଫରୁ ଓଭରବ୍ରିଜ ନିର୍ମାଣ ପାଇଁ ସମସ୍ତ କାର୍ଯ୍ୟ ସମାପ୍ତ ହୋଇସାରିଛି। ୨ଥାକିଆ ରାସ୍ତାର କେତେ ଆବଶ୍ୟକତା ରହିଛି ତାହା ରାଜ୍ୟ ସରକାର ଅତିଶୀଘ୍ର ବିଚାର କରିବା ଉଚିତ। ଅଯଥା ସରକାରୀ ଅର୍ଥ ବିନିଯୋଗ କରି ରାସ୍ତା ଉପରେ ରାସ୍ତା ନିର୍ମାଣ କରିବାର କୌଣସି ଯଥାର୍ଥତା ନାହିଁ। ଏହାର ଭିଜିଲାନ୍ସ ତଦନ୍ତ ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।

–ଦେବଭକ୍ତି ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ପଉଷ ଶୀତର ନିବିଡ଼ ବେଦନା ପରେ
ବସନ୍ତ କ୍ଷଣେ ବହିଥିଲା କେବେ ଥରେ,
କେବେ ଜୋଛନାର ସଲାଜ ପରଶେ
ପ୍ରାଣ ଉଠିଥିଲା ପୁଲକି ହରଷେ,
କେବେ କେଉଁ ଦିନ ଗୋଧୂଳି ଆଲୋକ ପରେ
ହଳିଆର ଗୀତ ଭାସି ଆସିଥିଲା ଖରେ।
–(ଲୋହିତ ବ୍ୟଥା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

**ଶ୍ରୀନଗରରେ ଆତଙ୍କବାଦୀ ଆକ୍ରମଣ**

**ନୂଆଦିଲ୍ଲୀ:** ଶ୍ରୀନଗରର ହାୱାଲଠାରେ ରବିବାର ସକାଳେ ପୋଲିସ ଓ ସିଆରପିଏଫ୍ ଯବାନଙ୍କ ଉପରେ ଆତଙ୍କବାଦୀ ଆକ୍ରମଣ ହୋଇଛି। ଏଥିରେ ଜଣେ ପୋଲିସ କର୍ମଚାରୀଙ୍କ ସମେତ ଜଣେ ସାଧାରଣ ନାଗରିକ ଆହତ ହୋଇଛନ୍ତି। ଉଭୟଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ହାୱାଲର ସାଜଗରିପୋରାରେ ଆତଙ୍କବାଦୀମାନେ ଗୁଳିଚାଳନା କରିଥିଲେ। ସେମାନଙ୍କୁ ଗିରଫ ପାଇଁ ସମ୍ପୂର୍ଣ୍ଣ ଅଞ୍ଚଳକୁ ଘେରାଉ କରାଯାଇଛି।

## ସଂକ୍ଷେପରେ

### ସୟଦ୍ ୟାସିର୍ ଓଡ଼ିଶା ଛାତ୍ର କଂଗ୍ରେସ ସଭାପତି


**ଭୁବନେଶ୍ୱର,୬।୧୨(ବ୍ୟୁରୋ):** ଓଡ଼ିଶା ଛାତ୍ର କଂଗ୍ରେସର ନୂତନ ସଭାପତି ଭାବେ ସୟଦ ୟାସିର ନୱାଜଙ୍କୁ ନିଯୁକ୍ତି ଦିଆଯାଇଛି। ରବିବାର ଏ ସଂକ୍ରାନ୍ତରେ ଅଲ୍ ଇଣ୍ଡିଆ କଂଗ୍ରେସ କମିଟି(ଏଆଇସିସି) ପକ୍ଷରୁ ସୂଚନା ଦିଆଯାଇଛି। ଏଆଇସିସିର ଅନୁମୋଦନକ୍ରମେ ନ୍ୟାଶନାଲ ଷ୍ଟୁଡେଣ୍ଟ ୟୁନିଅନ୍ ଅଫ୍ ଇଣ୍ଡିଆ(ଏନ୍ଏସ୍ୟୁଆଇ) ଓଡ଼ିଶା ଶାଖାର ନୂଆ ସଭାପତି ଭାବେ ସୟଦ ୟାସିର ନୱାଜଙ୍କ ନାମରେ ମୋହର ବାଜିଛି। ଏହା ପୂର୍ବରୁ ଉତ୍ତର ଭୁବନେଶ୍ୱରର ବିଧାୟକ ପ୍ରାର୍ଥୀ ଥିବା ଇତିଶ ପ୍ରଧାନ ଓଡ଼ିଶା ଛାତ୍ର କଂଗ୍ରେସ ସଭାପତି ଥିଲେ। ବିଶୃଙ୍ଖଳିତ ଆଚରଣ ଯୋଗୁ ତାଙ୍କୁ ସଭାପତି ପଦ ସହ ଏନ୍ଏସ୍ୟୁଆଇର ପ୍ରାଥମିକ ସଭ୍ୟ ଓ ଦଳରୁ ବହିଷ୍କାର କରାଯାଇଥିଲା। ଏହାପରେ ପ୍ରାୟ ୨ବର୍ଷ ହେବ ଛାତ୍ର କଂଗ୍ରେସ ସଭାପତି ପଦବୀ ଖାଲି ରହିଥିଲା।

### ବିସ୍ଥାପିତଙ୍କ ଇଚ୍ଛାମୃତ୍ୟୁ ଆବେଦନ

**କଳିଙ୍ଗନଗର,୬।୧୨(ଡି.ଏନ.ଏ.):** ଯାଜପୁର ଜିଲା କଳିଙ୍ଗନଗରର ଏକ ଶିଳ୍ପ କମ୍ପାନୀ ଦ୍ୱାରା ବିସ୍ଥାପିତ ହୋଇଥିବା ସୁକିନ୍ଦା ବ୍ଲକ ସାରଙ୍ଗପୁର ପଞ୍ଚାୟତ କଳାମାଟିଆ ଗ୍ରାମର ଏକ ପରିବାର ଦୁର୍ଦ୍ଦଶାରେ ଦିନ କାଟୁଛନ୍ତି। ଏହି ବିସ୍ଥାପିତ ପରିବାରକୁ କୌଣସି ସହାୟତା ନ ମିଳିବାରୁ ଦମ୍ପତି ଜିଲାପାଳଙ୍କ ନିକଟରେ ଇଚ୍ଛାମୃତ୍ୟୁ ପାଇଁ ଆବେଦନ କରିଛନ୍ତି। ସେମାନେ ହେଲେ ଶମ୍ଭୁନାଥ ମହାନ୍ତ(୪୫) ଓ ତାଙ୍କ ସ୍ତ୍ରୀ ମୀନା ମହାନ୍ତ। ଉଭୟ ଆବେଦନପତ୍ରକୁ ଗତ ୪ ତାରିଖରେ ଡାକ ଯୋଗେ ଜିଲାପାଳଙ୍କ ନିକଟକୁ ପଠାଇଛନ୍ତି। ଅଭିଯୋଗର ନକଲ କଳିଙ୍ଗନଗର ଅତିରିକ୍ତ ଜିଲାପାଳଙ୍କୁ ମଧ୍ୟ ପ୍ରଦାନ କରିଛନ୍ତି। ଏହି ଘଟଣା ପରେ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ସୂଚନା ଅନୁସାରେ, ୨୦୧୦ରେ ସମ୍ପୃକ୍ତ କମ୍ପାନୀ ପକ୍ଷରୁ ଶମ୍ଭୁଙ୍କୁ ଉଚ୍ଛେଦ କରାଯାଇଥିଲା। ମାତ୍ର ତାଙ୍କୁ କୌଣସି କ୍ଷତିପୂରଣ ଦିଆଯାଇ ନ ଥିଲା। ସର୍ବେକ୍ଷଣ ତାଲିକାରେ ନାମ ଥିଲାବେଳେ ପୁନର୍ବାସ ଏବଂ ଥଇଥାନ କରାଯାଇ ନ ଥିଲା। ଏପରି କି କମ୍ପାନୀ ବିସ୍ଥାପିତ ତାଲିକାରେ ତାଙ୍କ ନାମ ନ ଥିଲା। ତେଣୁ ଶମ୍ଭୁ ଏବଂ ତାଙ୍କ ପରିବାର ଯାଯାବର ଜୀବନ ବିତାଉଥିଲେ। ସମସ୍ୟାର ସମାଧାନ ପାଇଁ ବାରମ୍ବାର ଜିଲାପାଳ, ମୁଖ୍ୟମନ୍ତ୍ରୀ ଓ ବିଧାନସଭା ଷ୍ଟାଣ୍ଡିଂ କମିଟିକୁ ଅଭିଯୋଗ ମଧ୍ୟ କରିଥିଲେ। ହେଲେ ଏହାର ସମାଧାନ ହୋଇ ନ ଥିଲା।

### ଗୀତିକାର ନେତ୍ରାନନ୍ଦ ବାରିକଙ୍କ ପରଲୋକ

**ବଲାଙ୍ଗୀର ଅଫିସ, ୬।୧୨:** ବିଶିଷ୍ଟ ଅଭିନେତା ତଥା ବହୁ ଲୋକପ୍ରିୟ ଗୀତର ସ୍ରଷ୍ଟା ନେତ୍ରାନନ୍ଦ ବାରିକ (୬୮)ଙ୍କ ରବିବାର ବଲାଙ୍ଗୀର ସଦର ବ୍ଲକ ଖୁଜେନ୍ପାଲି ବାସଭବନରେ ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ ହେଲା ଅସୁସ୍ଥ ଥିଲେ। ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ପୁରସ୍କାରପ୍ରାପ୍ତ ଚଳଚ୍ଚିତ୍ର ଭୁଖା, ଶଲାବୁଢ଼ା, ଶଲାବୁଢ଼ାର ବଦ୍‌ଲା, ଆଦିମ ବିଚାର, ପାହାଡ଼ର ଲୁହ, ବଦ୍‌ଲା, ପାର୍ବତୀଗିରି, ଜୟ ଜଗନ୍ନାଥରେ ବିଭିନ୍ନ ଚରିତ୍ରରେ ସେ ନିଖୁଣ ଅଭିନୟ କରିଥିଲେ। ବହୁ ଲୋକପ୍ରିୟ ଚଳଚ୍ଚିତ୍ର ଗୀତ ଏବଂ ଆକାଶବାଣୀ କେନ୍ଦ୍ରର ସ୍ୱୀକୃତିପ୍ରାପ୍ତ ଗୀତିକାର ତଥା ଲୋକପ୍ରିୟ ସମ୍ବଲପୁରୀ-କୋଶଲୀ ଗୀତ ଫଟାଇ ଖାଇଲି ବେଲ ଏବଂ ସଜନୀ ଗୀତର ସେ ସ୍ରଷ୍ଟା ଥିଲେ। ଅନେକ ଚଳଚ୍ଚିତ୍ରରେ ସେ ଆର୍ଟ ଡାଇରେକ୍ଟର ଭାବେ ମଧ୍ୟ କାର୍ଯ୍ୟ କରିଛନ୍ତି। ତାଙ୍କର ଗୀତି କବିତା ସଙ୍କଳନ ଡୁକୁଡା କାଁଚେ ଚାନ୍ଦ, ଗଳ୍ପ ପୁସ୍ତକ କୋଶଲୀ କଥାନୀ ତଥା ନାଟକ ଅରୁକ୍ଷ ପ୍ରକାଶ ପାଇଛି। ତାଙ୍କ ଚରିତ ପ୍ରଥମ ବେତାର ନାଟକ ଭାଙ୍ଗଡୁବି ଶ୍ରୋତା ମହଲରେ ବେଶ୍ ଆଦୃତ ହୋଇଥିଲା। ତାଙ୍କର ଶତାଧିକ ବିରଳ କାଷ୍ଠକଳାକୁ ଦିଲ୍ଲୀ ଜାତୀୟ ପ୍ରଦର୍ଶନୀରେ ପ୍ରଦର୍ଶନ କରିବା ସକାଶେ ସରକାରୀ ଭାବେ ନିଆଯାଇଥିଲା। ତାଙ୍କ ବିୟୋଗରେ ସିନେମା ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର, ଜଗଦାନନ୍ଦ ଛୁରିଆ, ଗୋପାଳ ପ୍ରଧାନ, ଗୁରୁଶ୍ରୀ ଡ. ଘାସିରାମ ମିଶ୍ର ଗଭୀର ଶୋକପ୍ରକାଶ କରିଛନ୍ତି।



# ଅଖାରୁ ମା', ଝିଅଙ୍କ ମୃତଦେହ ଜବତ

**ନିରାକାରପୁର,୬।୧୨(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଭୁଷଣ୍ଡପୁର ଫାଣ୍ଡି ଅଧୀନ ଅଭିମାନପୁର ଗ୍ରାମରେ ରବିବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଗୋଟିଏ ଘରର ବାରିପଟରେ ଥିବା ଏକ ଅଖାବସ୍ତାରୁ ଜଣେ ମହିଳା ଓ ତାଙ୍କ ୧୦ମାସର ଝିଅର ମୃତଦେହକୁ ପୋଲିସ ଜବତ କରିଛି। ମୃତା ହେଲେ ସେହି ଗ୍ରାମର ପ୍ରମୋଦ ସ୍ୱାଇଁଙ୍କ ସ୍ତ୍ରୀ ଝରଣା ଓ ଝିଅ ମାମା। ତେବେ ଏହି ଘଟଣାରେ ମୃତାଙ୍କ ବାପା ଗୋକୁଳ ପରିଡ଼ା ଝିଅ ଓ ନାତୁଣୀଙ୍କୁ ହତ୍ୟା କରାଯାଇଥିବା ନେଇ ଟାଙ୍ଗୀ ଥାନାରେ ୫ଜଣଙ୍କ ନାଁରେ ଅଭିଯୋଗ କରିଛନ୍ତି। ଅଭିଯୋଗକ୍ରମେ ପୋଲିସ ଏକ ମାମଲା(ନଂ.୨୭୫/୨୦) ରୁଜୁ କରି ଶାଶୁ, ଶ୍ୱଶୁରଙ୍କୁ ଅଟକ ରଖିଥିବାବେଳେ ସ୍ୱାମୀ ସମେତ ୩ଜଣ ଫେରାର ହୋଇଯାଇଛନ୍ତି। ଅନ୍ୟପଟେ ପୋଲିସ ମା, ଝିଅଙ୍କ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଖୋର୍ଦ୍ଧା ମେଡିକାଲ ପଠାଯାଇଛି।



ଅଖାବସ୍ତାରୁ ମିଳିଥିବା ମୃତଦେହ।

- ରେଳଧାରଣାରୁ ଅଣାଯାଇ ଘର ବାରିପଟେ ରଖାଯାଇଥିଲା
- ହତ୍ୟା ଅଭିଯୋଗ ଆଣିଲେ ବାପଘର
- ଶାଶୁ- ଶ୍ୱଶୁର ଅଟକ, ସ୍ୱାମୀ ସମେତ ୩ ଫେରାର

ପୋଲିସ ସୂଚନା ମୁତାବକ, ପୁରୀ ଜିଲା କଣାସ ବ୍ଲକ୍ ଗଡିଶାଗଦା ଥାନା ଅନ୍ତର୍ଗତ ଦେଇପୁର ଗ୍ରାମର ଗୋକୁଳଙ୍କ ଝିଅ ଝରଣାଙ୍କୁ ଗତ ୨ବର୍ଷ ତଳେ ପ୍ରମୋଦ ବିବାହ କରିଥିଲେ। ବିବାହର କିଛି ମାସ ପରେ ଝରଣା ଉପରେ ଅଧିକ ଯୌତୁକ ପାଇଁ ଶାଶୁଘର ଲୋକେ ନିର୍ଯାତନା ଦେଉଥିଲେ। ବର୍ଷକ ମଧ୍ୟରେ ସନ୍ତାନ ଜନ୍ମ ହେବା ପରେ ନିର୍ଯାତନା ବଢି ଚାଲିଥିଲା। ଏହାକୁ ନେଇ ଅନେକଥର ଉଭୟ ଗ୍ରାମର ଭଦ୍ର ବ୍ୟକ୍ତିମାନେ ବସି ଆପୋସ ସମାଧାନ କରିଥିଲେ। ତେବେ ରବିବାର ଭୋରରୁ ଜଣେ ସମ୍ପର୍କୀୟଠାରୁ ଝିଅ ଓ ନାତୁଣୀର ମୃତ୍ୟୁ ହୋଇଥିବା ନେଇ ଗୋକୁଳ ଖବର ପାଇଥିଲେ। ଝିଅଘରକୁ ଆସିବା ବେଳେ ବାରିପଟେ ୨ଟି ଅଖାରେ ଅଲଗା ଜାଗାରେ ମୃତଦେହ ଥିବା ଦେଖି ପୋଲିସକୁ ଜଣାଇଥିଲେ। ଖବର ପାଇ ଘଟଣାସ୍ଥଳରେ ଟାଙ୍ଗୀ, ଭୁଷଣ୍ଡପୁର ଓ ବାଲୁଗାଁ ପୋଲିସ ପହଞ୍ଚି ମୃତଦେହକୁ ଜବତ କରିବା ସହ ଶାଶୁ, ଶ୍ୱଶୁରଙ୍କୁ ଥାନାକୁ ନେଇ ପଚରାଉଚୁରା ଚଳାଇଛନ୍ତି। ଏ ନେଇ ଶ୍ୱଶୁର ତ୍ରିନାଥ ସ୍ୱାଇଁ କୁହନ୍ତି, ଗତ ୮/୧୦ଦିନ ହେବ କୌଣସି କାରଣକୁ ନେଇ ସ୍ୱାମୀ, ସ୍ତ୍ରୀଙ୍କ ମଧ୍ୟ ଝଗଡ଼ାରେ ଲାଗିରହିଥିଲା। ତେବେ ସକାଳୁ ବୋହୂ ଆତ୍ମହତ୍ୟା କରିବା ପାଇଁ ଝିଅକୁ ନେଇ ରେଳଧାରଣା ଆଡକୁ ଦୌଡ଼ିଯାଉଥିଲା। ଆମେ ବାପ ପୁଅ ଅଟକାଇବା ପାଇଁ ଚେଷ୍ଟା କରିଥିଲେ ମଧ୍ୟ ସେ ଟ୍ରେନ ଆଗକୁ ଡେଇଁ ପଡ଼ିଥିଲେ। ପରେ ଆମେ ମୃତଦେହକୁ ଗୋଟାଇ ଆଣି ଘରେ ରଖିଥିଲୁ। ଅନ୍ୟପଟେ ଟାଙ୍ଗି ଥାନା ଅଧିକାରୀ ସରୋଜ କୁମାର ଉପାଧ୍ୟାୟ କୁହନ୍ତି, ମୃତଦେହ ଉଦ୍ଧାର ପରେ ଆମେ ରେଳଧାରଣା ନିକଟକୁ ଯାଇ ତଦନ୍ତ ଚଳାଇଛୁ। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ପ୍ରକୃତ ସତ୍ୟ ଜଣାପଡ଼ିବ ବୋଲି ସେ କହିଛନ୍ତି। ମୃତଦେହ ବ୍ୟବଚ୍ଛେଦ ପରେ ତାଙ୍କ ବାପାଙ୍କୁ ହସ୍ତାନ୍ତର କରାଯାଇଥିବା ବେଳେ ଶାଶୁ, ଶ୍ୱଶୁରଙ୍କ ଉପସ୍ଥିତିରେ ଶବଦାହ କରାଯିବ ବୋଲି ଭୁଷଣ୍ଡପୁର ଥାନାଧିକାରୀ ମାଧବାନନ୍ଦ ବସ୍ତିଆ କହିଛନ୍ତି।



ଖାମଖିଆଲ ଆଣିପାରେ ବିପଦ: ପ୍ରଥମାଷ୍ଟମୀ ପାଇଁ ଭୁବନେଶ୍ୱର ୟୁନିଟ୍-୨ ମାର୍କେଟ ବିଲ୍ଡିଂରେ ରବିବାର ଲୋକେ କରୋନା କଟକଣା ନ ମାନି ପ୍ରବଳ ଭିଡ଼ ଲଗାଇଛନ୍ତି। (ଫଟୋ-ମୌସମ)

# ପରୀ ପ୍ରସଙ୍ଗରେ ବର୍ଷିଲେ ଚେଲ୍ଲା କୁମାର

**ଭୁବନେଶ୍ୱର, ୬।୧୨(ବ୍ୟୁରୋ)**

- ଭାଜପା-ବିଜେଡି ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ
- ନୀରବ ରହିବନି କଂଗ୍ରେସ, ନ୍ୟାୟ ଦେବାକୁ ପ୍ରସ୍ତୁତ
- ଜବାବ ରଖିଲା ଭାଜପା

ନୟାଗଡ଼ର ଶିଶୁକନ୍ୟା ପରୀ ହତ୍ୟାକୁ ନେଇ ସାରା ରାଜ୍ୟରେ ଆନ୍ଦୋଳନ ଜାରି ରହିଛି। ବିଧାନସଭା ଶୀତ ଅଧିବେଶନ ଅଧାରୁ ବନ୍ଦ ହୋଇଯିବା ପରେ ଏବେ ଏହି ପ୍ରସଙ୍ଗକୁ ନେଇ ରାଜ୍ୟ ରାଜନୀତି ସରଗରମ ହୋଇଛି। ବିଭିନ୍ନ ଦଳ ମୁହାଁମୁହିଁ ହେଉଥିବାବେଳେ ରବିବାର ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି ପିସିସି ପ୍ରଭାରୀ ଏ. ଚେଲ୍ଲା କୁମାର। କଂଗ୍ରେସ ଟିମ୍ ସହ ନୟାଗଡ଼ର ଯଦୁପୁରକୁ ଯାଇ ପରୀଙ୍କ ମା' ବାପାଙ୍କୁ ଭେଟି ଆସିବା ପରେ ଚେଲ୍ଲା କୁମାର ବିଜେଡି ଓ ଭାଜପା ବିରୋଧରେ ସଙ୍ଗିନ ଅଭିଯୋଗ ଆଣିଛନ୍ତି। କଂଗ୍ରେସ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ବିଜେଡି ଓ ଭାଜପା ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ। ଦୁଇଦଳ ପରସ୍ପର ଭିତରେ ମଧୁର ସମ୍ପର୍କ ରଖି ଓଡ଼ିଶାକୁ ଲୁଟୁଛନ୍ତି। ରାଜ୍ୟର ଶାସନ ଚଳାଉଥିବା ପ୍ରଶାସନିକ ଅଧିକାରୀ ଭାଜପା ସହ ବୁଝାମଣା କରିଥିବା ଅଭିଯୋଗ କରିଛନ୍ତି ଚେଲ୍ଲା କୁମାର।

ପରୀ ମାମଲାକୁ ନେଇ ରାଜ୍ୟ ପିସିସି ସଭାପତି ମଧ୍ୟ ମୁହଁ ଖୋଲିଛନ୍ତି। ପରୀ ପ୍ରସଙ୍ଗରେ କଂଗ୍ରେସ ନୀରବ ରହିବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଝିଅକୁ ହରାଇଥିବା ମା' ବାପା କିଭଳି ନ୍ୟାୟ ପାଇବେ ସେ ନେଇ ବିରୋଧୀ ଦଳ ହିସାବରେ ଯାହା କରାଯିବା ଉଚିତ ସେଥିପାଇଁ କଂଗ୍ରେସ ପୂରା ପ୍ରସ୍ତୁତ ରହିଛି। ସେହିପରି ନରସିଂହ ମିଶ୍ର ମଧ୍ୟ ଏସ୍ଆଇଟି ତଦନ୍ତ ପ୍ରକ୍ରିୟାକୁ ନେଇ ସନ୍ଦେହ ପ୍ରକାଶ କରିବା ସହିତ ସରକାରଙ୍କୁ ସମାଲୋଚନା କରିଛନ୍ତି। ଯଦି ସାହସ ଅଛି ତେବେ ଭାଜପା ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରୁ ବୋଲି ସେ କହିଛନ୍ତି।

ଅପରପକ୍ଷରେ କଂଗ୍ରେସର ଏପରି ଅଭିଯୋଗର ଜବାବ ରଖିଛି ଭାଜପା। ବିରୋଧୀ ଦଳ ନେତା ପ୍ରଦୀପ୍ତ ନାୟକ କହିଛନ୍ତି, ଏଇ ନିକଟରେ ହୋଇଥିବା ଉପନିର୍ବାଚନରୁ ଜଣାପଡ଼ିଛି କିଏ ବିକ୍ରି ହୋଇଛି। ଭାଜପା ହିଁ ବିଜେଡି ବିରୋଧରେ ଲଢ଼ିଥିଲା। କୁନ୍ଧୁଲି ମାମଲାରେ ଏସ୍ଆଇଟିକୁ ବିରୋଧ ଓ ପରୀ ଘଟଣାରେ ସମର୍ଥନ କରୁଥିବା ଦଳକୁ କ'ଣ କୁହାଯିବ ବୋଲି ପ୍ରଦୀପ୍ତ କଂଗ୍ରେସକୁ ଇଙ୍ଗିତ କରି ଓଲଟା ବାଣ ମାରିଛନ୍ତି।

## ଆର୍ଏସ୍ପି କର୍ମଚାରୀଙ୍କୁ ପିଟି ହତ୍ୟା

**ରାଉରକେଲା ଅଫିସ, ୬।୧୨**

ବନ୍ଧମୁଣ୍ଡା ଥାନା ଅନ୍ତର୍ଗତ ତିଲକାନଗର ବସ୍ତିରେ ବାକି ଟଙ୍କା ଆଦାୟକୁ କେନ୍ଦ୍ରକରି ଝଗଡ଼ା ହୋଇଛି। ପଦ୍ମଲୋଚନ ପୂର୍ତ୍ତି ନାମକ ଜଣେ ଆର୍ଏସ୍ପି କର୍ମଚାରୀଙ୍କୁ ପିଟିପିଟି ହତ୍ୟା କରାଯାଇଛି। ଅଭିଯୁକ୍ତ ଦେବାଶିଷ ସାହୁ ଫେରାର୍ ହୋଇଯାଇଛନ୍ତି। ବସ୍ତିର ଦେବାଶିଷ ସାହୁ ମାଂସ ବ୍ୟବସାୟ କରନ୍ତି। ତାଙ୍କ ପଡ଼ୋଶୀ ପଦ୍ମଲୋଚନ ମାଂସ ଆଣିଥିଲେ। ଏନେଇ କିଛି ଟଙ୍କା ସେ ଦେବାଶିଷଙ୍କୁ ଦେଇଥିଲେ ମଧ୍ୟ ଆଉ କିଛି ଟଙ୍କା ବାକି ରହିଯାଇଥିଲା। ଶୁକ୍ରବାର ଦେବାଶିଷ ବାକି ଟଙ୍କା ଆଦାୟ ନେଇ ପଦ୍ମଲୋଚନଙ୍କ ଘରକୁ ଯାଇଥିଲେ। ତେବେ ଟଙ୍କା ଅଭାବରୁ ସେ ଦେଇ ପାରିବେନି କହିବାରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। କ୍ରମେ ଏହା ଉଗ୍ର ରୂପ ଧାରଣ କରିଥିଲା। ଦେବାଶିଷ ରାଗିଯାଇ ପଦ୍ମଲୋଚନଙ୍କୁ ଘରୁ ଟାଣି ଆଣି ଏକ ଖୁଣ୍ଟରେ ବାନ୍ଧି ଅମାନୁଷିକ ଭାବେ ଡେଙ୍ଗାରେ ମାଡ ମାରିଥିଲେ। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ଉଦ୍ଧାର କରି ଘରକୁ ନେଇଥିଲେ। ତେବେ ଘରେ ଚିକିତ୍ସାଧିନ ଅବସ୍ଥାରେ ରବିବାର ତାଙ୍କର ମୃତ୍ୟୁ ଘଟିଛି। ଏନେଇ ବନ୍ଧମୁଣ୍ଡା ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା ରୁଜୁକରି ତଦନ୍ତ କରୁଛି। ଏନେଇ ଡିଏସ୍ପି ଅସୀମ ପଣ୍ଡା କହିଛନ୍ତି, ତଦନ୍ତ ଆରମ୍ଭ ହୋଇଛି। ଅଭିଯୁକ୍ତଙ୍କ ବିରୋଧରେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ସ୍ପେଶାଲ ଟ୍ରେନ୍‌ର ସମୟ ପରିବର୍ତ୍ତନ

**ଭୁବନେଶ୍ୱର,୬।୧୨(ବ୍ୟୁରୋ):** ଭୁବନେଶ୍ୱର-ରାଉରକେଲା-ଭୁବନେଶ୍ୱର ସ୍ପେଶାଲ ଏକ୍ସପ୍ରେସ ସମୟରେ ପରିବର୍ତ୍ତନ କରାଯାଇଛି। ଭୁବନେଶ୍ୱରରୁ ଅପରାହ୍ନ ୨ଟା ୧୦ରେ ଛାଡୁଥିବା ଏହି ଟ୍ରେନ୍ ଡିସେମ୍ବର ୫ରୁ ଅପରାହ୍ନ ୧ଟା ୪୦ରେ ଭୁବନେଶ୍ୱର ରେଳ ଷ୍ଟେଶନ ଛାଡ଼ି ରାତି ୯ଟାରେ ରାଉରକେଲାରେ ପହଞ୍ଚୁଛି। ସେହିପରି ଫେରିବାବେଳେ ଏହା ଭୋର ୫ଟା ୨୦ରେ ରାଉରକେଲାରୁ ବାହାରି ମଧ୍ୟାହ୍ନ ୧୨ଟା ୩୦ରେ ଭୁବନେଶ୍ୱରରେ ପହଞ୍ଚୁଛି। ଏହି ପରିବର୍ତ୍ତିତ ସମୟ ଅନୁସାରେ ଯାତ୍ରୀମାନେ ସେବା ପାଇବେ। ଏହାସହ ଗତ ୧ ତାରିଖଠାରୁ ପୂର୍ବତଟ ରେଳପଥ ମଧ୍ୟରୁ ଛାଡୁଥିବା ଟ୍ରେନ୍‌ଗୁଡ଼ିକର ସମୟରେ ପରିବର୍ତ୍ତନ କରାଯାଇଛି। ଏଥିଲାଗି ଯାତ୍ରୀମାନେ ରେଲ୍‌ୱେ ଇନ୍‌କ୍ୱାରି ନମ୍ବର ୧୩୯କୁ ଯୋଗାଯୋଗ କରିବାକୁ ପୂର୍ବତଟ ରେଳପଥ ପକ୍ଷରୁ କୁହାଯାଇଛି।

## ୧୨ ମିଲିସିଆଙ୍କ ଆତ୍ମସମର୍ପଣ

**ମାଲକାନଗିରି,୬।୧୨ (ଡି.ଏନ୍.ଏ.)**

ଏବେ ମାଓବାଦୀଙ୍କ ପିଏଲଜିଏ ସପ୍ତାହ ଜାରି ରହିଛି। ଏଥିପାଇଁ ଅବିଭକ୍ତ କୋରାପୁଟ ଜିଲାରେ ହାଇଆଲର୍ଟ ଜାରି ହେବା ସହ ବସ୍ ଚଳାଚଳ ବନ୍ଦ ରହିଛି। ପୋଲିସ ପକ୍ଷରୁ କୋମ୍ବିଂ ଅପରେଶନକୁ ଜୋରଦାର କରାଯାଇଛି। ଏପରି କ୍ଷେତ୍ରରେ ୧୨ ଜଣ ମାଓବାଦୀ ଲାଲବାହିନୀର ହାତ ଛାଡିଛନ୍ତି। ଏହି ୧୨ ଜଣ ମିଲିସିଆ ମାଓବାଦୀ ମାଲକାନଗିରି ଜିଲା ସୀମାନ୍ତ ଆନ୍ଧ୍ରର ଚିନ୍ତାପାଲି ଏଏସ୍ପି ବିଦ୍ୟାସାଗର ନାଇଡୁଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି। ଫଳରେ ମାଓବାଦୀ ସଙ୍ଗଠନକୁ ଶକ୍ତ ଝଟ୍‌କା ଲାଗିଛି। ଏହି ୧୨ ଜଣ ମିଲିସିଆ ପାତ୍ରୁଡିଗୁଟା, ଗାଲିକୋଣ୍ଡା, ପାନାସାଲାବାଣ୍ଡା, ଆକୁଲୁରୁ ଏବଂ ରାମାଗାଡ୍ଡା ଅଞ୍ଚଳର ବୋଲି ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏଏସପି ନାଇଡୁ ସୂଚନା ଦେଇଛନ୍ତି। ଏହି ମିଲିସିଆମାନେ ମାଓବାଦୀଙ୍କ କାର୍ଯ୍ୟକଳାପରେ ଅତିଷ୍ଠ ହୋଇ ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କୁ ସରକାରଙ୍କ ଥଇଥାନ ନୀତି ଅନୁସାରେ ରହିଥିବା ସମସ୍ତ ପ୍ରକାର ସହାୟତା ମିଳିବ ବୋଲି ନାଇଡୁ ପ୍ରକାଶ କରିଛନ୍ତି। ଖବରଦାତା ସମ୍ମିଳନୀରେ ସିଆରପିଏଫ ଅତିରିକ୍ତ କମାଣ୍ଡାଣ୍ଟ ଜିକେ ୟିଧି, ଦେବେନ୍ଦ୍ର ନାଇଡୁ, ସିଆଇ ଜିକେ ୟିଧିମୁରଲି, ସିଲେରୁ ଅତିରିକ୍ତ କମାଣ୍ଡାଣ୍ଟ ଏମ୍ଏଲ ନାଇଡୁ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ଏହାକୁ ମିଶାଇ ୧ ମାସ ମଧ୍ୟରେ ୨୫ ଜଣ ମାଓବାଦୀ ପୋଲିସ ନିକଟରେ ଆତ୍ମ ସମର୍ପଣ କଲେଣି।

# ଅଙ୍ଗନୱାଡି ଛାତ୍ରୀଛାତ୍ରଙ୍କୁ ମିଳୁନି ସ୍ୱେଟର

**ବାଲେଶ୍ୱର ଅଫିସ, ୬।୧୨**

**ମହିଳା ଓ ଶିଶୁବିକାଶ ମନ୍ତ୍ରୀଙ୍କୁ ଚିଠି ଲେଖିଲେ କେନ୍ଦ୍ରମନ୍ତ୍ରୀ**

ଅଙ୍ଗନୱାଡ଼ିରେ ପଢୁଥିବା ଛାତ୍ରୀଛାତ୍ରଙ୍କୁ ସ୍ୱେଟର ବଣ୍ଟନ କରିବା ଲାଗି ରାଜ୍ୟ ସରକାର ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍ଏଚ୍ଜି)ଙ୍କୁ ଦାୟିତ୍ୱ ପ୍ରଦାନ କରିଛନ୍ତି। ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଏବଂ ଏନ୍ଏସିରେ କେତେକ ଏସ୍ଏଚ୍ଜିକୁ ଏହି ବଣ୍ଟନ ଦାୟିତ୍ୱ ମିଳିଛି। କିନ୍ତୁ ପୂର୍ବରୁ ସ୍ୱେଟର ବାଣ୍ଟୁଥିବା ଅଙ୍ଗନୱାଡ଼ି କର୍ମୀମାନେ ଏହାକୁ ବିରୋଧ କରି ଏସ୍ଏଚ୍ଜି ସଦସ୍ୟାଙ୍କୁ ସହଯୋଗ କରୁନାହାନ୍ତି। ଫଳରେ ଆଜି ଯାଏ ଉକ୍ତ ଅଞ୍ଚଳର ଅଙ୍ଗନୱାଡ଼ି ଛାତ୍ରୀଛାତ୍ରଙ୍କୁ ସ୍ୱେଟର ମିଳିନାହିଁ। ଏନେଇ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ ରାଜ୍ୟ ରାଜ୍ୟ ମହିଳା ଓ ଶିଶୁବିକାଶ ତଥା ମିଶନ ଶକ୍ତି ମନ୍ତ୍ରୀ ଟୁକୁନି ସାହୁ, ବିଭାଗୀୟ ସଚିବ ଅନୁ ଗର୍ଗ, ବାଲେଶ୍ୱର ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି। ଏ ଦିଗରେ ସିଡିପିଓ ଅବହେଳା କରୁଥିବାରୁ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଚିଠିରେ ଉଲ୍ଲେଖ କରାଯାଇଛି।

ଚିଠିରେ ଦର୍ଶାଯାଇଛି ଯେ, ଏସ୍ଏଚ୍ଜି ସଦସ୍ୟମାନେ ଅଙ୍ଗନୱାଡ଼ି ଛାତ୍ରୀଛାତ୍ରଙ୍କୁ ସ୍ୱେଟର ଦେବା ପାଇଁ ପହଞ୍ଚିବା ବେଳକୁ ଅଙ୍ଗନୱାଡ଼ି କର୍ମୀ ସେମାନଙ୍କୁ ଅସହଯୋଗ କରିଆସୁଛନ୍ତି। କେତେଜଣ ଏସ୍ଏଚ୍ଜି ସଭାପତି ଓ ସମ୍ପାଦିକା ନୀଳଗିରି ସିଡିପିଓ କାଞ୍ଚନ ରାମଙ୍କୁ ଲିଖିତ ଭାବେ ଜଣାଇଥିଲେ ମଧ୍ୟ ଏଯାଏ ସମାଧାନ କରାଯାଇନାହିଁ। ଶେଷରେ ଏସ୍ଏଚ୍ଜି ସଦସ୍ୟାମାନେ ବାଲେଶ୍ୱର ଏମ୍ପି ତଥା କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କଠାରେ ଲିଖିତ ଅଭିଯୋଗ କରିଥିଲେ।

# କପିଳାସ ଅଭୟାରଣ୍ୟରେ ଫୁଟିଲା ଗୁଳି

**ଢେଙ୍କାନାଳ ଅଫିସ, ୬।୧୨**

- ବନ କର୍ମଚାରୀ-ଶିକାରୀ ଛକାପଞ୍ଝା
- ଚଢ଼ାଉ ପରେ ୫ ଅଭିଯୁକ୍ତ ଗିରଫ
- ବନ୍ଧୁକ, ଶିଙ୍ଗ, ବଜ୍ରକାପ୍ତା କାତି ଜବତ

ଢେଙ୍କାନାଳ ଜିଲା କପିଳାସ ଅଭୟାରଣ୍ୟରେ ବନ ବିଭାଗ ଏବଂ ଶିକାରୀଙ୍କ ମଧ୍ୟରେ ଛକାପଞ୍ଝା ଚାଲିଛି। ଶନିବାର ବିଳମ୍ବିତ ରାତିରେ ନିଷିଦ୍ଧାଞ୍ଚଳରେ ଶିକାର ଯୋଜନା କରୁଥିବାବେଳେ ଶିକାରୀଙ୍କ ସହ ମୁହାଁମୁହିଁ ହୋଇଛନ୍ତି ବନ କର୍ମଚାରୀ। ଉଭୟ ପକ୍ଷ ମଧ୍ୟରେ ଦୁଇ ରାଉଣ୍ଡ ଗୁଳିଚାଳନା ହୋଇଥିବାବେଳେ ଶିକାରୀ ଛତ୍ରଭଙ୍ଗ ଦେଇଥିଲେ। ବନ କର୍ମଚାରୀ ଚଢ଼ାଉ କରି ୫ ଶିକାରୀଙ୍କୁ ଗିରଫ କରିବାରେ ସଫଳ ହୋଇଛନ୍ତି। ସେମାନଙ୍କ ନିକଟରୁ ୪ ଦେଶୀ ବନ୍ଧୁକ, ୨ ହରିଣ ଶିଙ୍ଗ, ୯ ବଜ୍ରକାପ୍ତା କାତି, ୧୦୦ ଫାଶ, ଗୋଟିଏ ହେଡ୍‌ଲ୍ୟାମ୍ପ, ୩ ମାଂସକଟା ଛୁରି ଜବତ କରାଯାଇଥିବା ଜିଲା ବନଖଣ୍ଡ ଅଧିକାରୀ (ଡିଏଫ୍ଓ) ଡା. ପ୍ରକାଶଚାନ୍ଦ ଗୋଗିନେନି ସୂଚନା ଦେଇଛନ୍ତି।



ଗିରଫ ଶିକାରୀ, ଜବତ ବନ୍ଧୁକ ଓ ସାମଗ୍ରୀ।

କପିଳାସ ଅଭୟାରଣ୍ୟରେ ବ୍ୟାପକ ଜନ୍ତୁ ଶିକାର କରାଯାଉଛି। ସଂରକ୍ଷିତ ଜଙ୍ଗଲକୁ ଶିକାରୀମୁକ୍ତ କରିବାକୁ ବନ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହୋଇଛି। ଶନିବାର ରାତିରେ ଶିକାରୀଙ୍କ ଉପସ୍ଥିତି ବିଷୟରେ ଗୋଇନ୍ଦା ସୂଚନା ମିଳିବା ପରେ ଡିଏଫ୍ଓଙ୍କ ନିର୍ଦ୍ଦେଶରେ ସହକାରୀ ବନ ସଂରକ୍ଷକ ରଶ୍ମିରଞ୍ଜନ ସ୍ୱାଇଁ, କପିଳାସ ରେଞ୍ଜର ଗୌତମ ପ୍ରଧାନ ସଦଳବଳ ଚଢ଼ାଉ କରିଥିଲେ। ଧରାପଡ଼ିବା ଭୟରେ ଶିକାରୀମାନେ ବନ କର୍ମଚାରୀଙ୍କ ଉପରକୁ ଅତର୍କିତ ଗୁଳିମାଡ କରିଥିଲେ। ବନ କର୍ମଚାରୀ ଏହାର ପାଲଟା ଜବାବ ଦେଇଥିଲେ। ଏହାପରେ ବନ କର୍ମଚାରୀ ଚଢ଼ାଉ କରି ଅଭୟାରଣ୍ୟ ମଧ୍ୟରୁ ୪ ଶିକାରୀଙ୍କୁ ଗିରଫ କରିଥିଲେ। ସେମାନଙ୍କ ନିକଟରୁ ୩ ବନ୍ଧୁକ, ହରିଣ ଶିଙ୍ଗ, ବଜ୍ରକାପ୍ତା କାତି, ଶିକାର ପାଇଁ ଉଦ୍ଦିଷ୍ଟ ଫାଶ ସମେତ ଅନ୍ୟ ଉପକରଣ ଜବତ କରାଯାଇଥିଲା। ଅନ୍ୟ କେତେଜଣ ଶିକାରୀ କୌଶଳକ୍ରମେ ଫେରାର ହୋଇଯାଇଥିଲେ। ସେମାନଙ୍କ ମଧ୍ୟରୁ ଜଣକୁ ଧଉରାବଣି ଗ୍ରାମରୁ ଗିରଫ କରାଯାଇଛି। ତାଙ୍କ ନିକଟରୁ ଏକ ବନ୍ଧୁକ ଜବତ ହୋଇଛି। ଅଭିଯୁକ୍ତମାନେ ହେଲେ ଗଁଦିଆ ଥାନା ଗୁଣ୍ଡୁରାପଶି ପଞ୍ଚାୟତ ଧଉରାବଣି ଗ୍ରାମର ନବ ବାଲମୁଚ୍ (୨୧), ବୁଦୁ ବାଲମୁଚ (୨୭), ରତ୍ନ ପାଲମୁଚ (୩୦), କୁରୁପା ବଇପାଇ (୨୮) ଏବଂ ବିଧାରପୁର ଗ୍ରାମର ସନାତନ ଦେହୁରୀ (୩୩)। ଘଟଣା ପରେ ରବିବାର ଅପରାହ୍ନରେ ଅଭୟାରଣ୍ୟ ସମେତ ଆଖପାଖ ଅଞ୍ଚଳରେ ଚଢାଉ ଜାରି ରହିଛି।

ଏ ସଂକ୍ରାନ୍ତରେ ଡିଏଫ୍ଓ କୁହନ୍ତି, ଚଢ଼ାଉ ସମୟରେ ଶିକାରୀମାନେ ପ୍ରଥମେ ଦୁଇ ରାଉଣ୍ଡ୍ ଗୁଳିଚାଳନା କରିବାରୁ ବନ କର୍ମଚାରୀଙ୍କ ପକ୍ଷରୁ ପାଲଟା ଜବାବ ଦିଆଯାଇଥିଲା। ଏ ସଂକ୍ରାନ୍ତରେ ଗଁଦିଆ ଥାନାରେ ଲିଖିତ ଅଭିଯୋଗ କରାଯିବା ସହ ଏସ୍ପିଙ୍କୁ ଅବଗତ କରାଯାଇଛି। କପିଳାସ ଅଭୟାରଣ୍ୟକୁ ଶିକାରୀମୁକ୍ତ କରାଯିବାକୁ ଉଦ୍ୟମ ଚାଲିଥିବା ସେ ସୂଚନା ଦେଇଛନ୍ତି।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

A TO Z PROBLEM COME FOR SOLUTIONS
Baba Mayur Shah
"Spl. Vashikaran, Business, Love, Tragedy, Divorce, Husband Wife Problem, Love Marriage, Family Dispute, Eternal Love, Enemy Tension, Negative energy under control etc."
Any kind of problem meet only once.
As U wish U get in 100% results my promise.
Ph.: 8791540972
Near The World Mall, Bhubaneswar

JANODAYA Finance
ପର୍ସନାଲ୍, ପ୍ରପୋର୍ଟି, ଗ୍ରୁପ୍, ମାର୍କସିଟ୍, ବ୍ୟବସାୟ, କୃଷି ପଶୁପାଳନ, କୁକୁଡା ପାଳନ ଓ ଗୃହରଣ ଇତ୍ୟାଦି ସବୁ ପ୍ରକାର LOAN ଘରେ ବସି ପାଆନ୍ତୁ।
ମାତ୍ର ୨% ସୁଧ ହାରରେ
Bharatpur, Badahkole, Sambalpur
9438082179
8480403308

ଟାୱାର ବସାଇ ମାସିକ ଘରେ ବସି ଟଙ୍କା କମାନ୍ତୁ
Bansal Tower
India's No.1 Tower Co. (Govt. Approved)
ନିଜର ଖାଲି ଜମି, ଛାତ, ଚାଷଜମି, ପ୍ଲଟ୍, ଦୋକାନ, ଘର ଭଡ଼ାରେ ଦେଇ ଉଚ୍ଚ କ୍ୱାଲିଟିର 4G/5G ମଲ୍ଟିମିଡିଆ ମୋବାଇଲ ଟାୱାର ଲଗାନ୍ତୁ
ଆଡଭାନ୍ସ: 90 ଲକ୍ଷ
ଭଡ଼ା: 45 ହଜାର
ଟାୱାରର ରକ୍ଷଣାବେକ୍ଷଣ ପାଇଁ 1 ଜଣଙ୍କୁ ନିୟୋଜିତ କରନ୍ତୁ
କମ୍ପାନୀ ତରଫରୁ ବୋଲେରୋ + କୋର୍ଟ ଏଗ୍ରିମେଣ୍ଟ
89011-10748
94337-13945

ଅଗରବତି ମେସିନ
କମ୍ ଖର୍ଚ୍ଚରେ ନିଜ ଘରେ ଧୂପକାଠି ମେସିନ ବସାଇ ଦୈନିକ ୧୦୦୦ରୁ ୧୫୦୦ ଟଙ୍କା ରୋଜଗାର କରନ୍ତୁ।
ପ୍ରତ୍ୟେକ ମେସିନ ସହ RAW MATERIAL FREE
Mob.-9078729199, 8018493464

4G କମ୍ପାନୀ ଆବଶ୍ୟକ କରୁଛି ଗ୍ରାମ/ସହରରେ ଜମି/ଛାତ/ଚାଷଜମି 4G ଟାୱାର ସ୍ଥାପନ କରିବା ପାଇଁ।
ଅଗ୍ରିମ: 65 ଲକ୍ଷ
ଭଡ଼ା: 45 ହଜାର
ଯୋଗାଯୋଗ
9451882120

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
7503449786
8800979262

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ଭାରତ ବନ୍ଦ ସଫଳ ପାଇଁ ଆହ୍ୱାନ

ଅନୁଗୋଳ ଅଫିସ, ୬।୧୨: ନୂଆ କୃଷି ଆଇନ-୨୦୨୦କୁ ବିରୋଧ କରି କୃଷକ ସଙ୍ଗଠନଗୁଡ଼ିକ ଦେଇଥିବା ଭାରତ ବନ୍ଦ ଡାକରାକୁ ସଫଳ କରିବା ପାଇଁ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ପକ୍ଷରୁ ଆହ୍ୱାନ ଦିଆଯାଇଛି। ସଙ୍ଗଠନର ଅନୁଗୋଳ ଜିଲା କମିଟି ପକ୍ଷରୁ ଏକ ପ୍ରେସ୍ ବିବୃତ୍ତିରେ କୁହାଯାଇଛି ଯେ, ନୂତନ କୃଷି ଆଇନ୍‌ରେ ଘରୋଇ ମଣ୍ଡିକୁ ଅନୁମତି ଦିଆଯାଇଛି। ଚୁକ୍ତିଭିତ୍ତିକ ଚାଷ ପାଇଁ ବ୍ୟବସ୍ଥା କରାଯାଇଛି। ଫଳରେ ଦେଶର ପୁଞ୍ଜିପତିମାନେ ଲାଭବାନ ହେବେ। ଚାଷୀମାନେ ଶୋଷଣର ଶିକାର ହେବେ। ଏଣୁ ଏହି କଳା ଆଇନକୁ ବିରୋଧ କରି ଦିଲ୍ଲୀରେ ହଜାର ହଜାର ଚାଷୀ ଆନ୍ଦୋଳନ ଚଳାଇଥିଲେ ମଧ ସରକାର ଆଇନକୁ ପ୍ରତ୍ୟାହାର କରୁ ନ ଥିବାର ଭାରତ ବନ୍ଦ ଡାକରା ଦିଆଯାଇଛି। ଏହାକୁ ସଫଳ କରିବା ପାଇଁ ସମସ୍ତେ ଆଗେଇ ଆସିବାକୁ ସଙ୍ଗଠନ ପକ୍ଷରୁ ଅନୁରୋଧ କରାଯାଇଛି।

### ଜନଜୀବନ ସୁରକ୍ଷା କମିଟିର ସମର୍ଥନ

ଅନୁଗୋଳ ଅଫିସ, ୬।୧୨: ଆସନ୍ତା ୮ତାରିଖ ଭାରତ ବନ୍ଦ ଡାକରାକୁ ଅନୁଗୋଳ ଜିଲା ଜନଜୀବନ ସୁରକ୍ଷା କମିଟି ପକ୍ଷରୁ ସମର୍ଥନ କରାଯାଇଛି। ଶନିବାର କମିଟିର ଆବାହକ ପ୍ରମୋଦ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନ୍‌ଲାଇନ୍ ବୈଠକରେ ଅଭିମନ୍ୟୁ ସ୍ୱାଇଁ, ବ୍ରଜବନ୍ଧୁ ସାହୁ, ତୀର୍ଥବାସୀ ଭୋଇ, ପଠାଣି ବାରିହା, ମାନସ ପାଳ, ପ୍ରହ୍ଲାଦ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ସମର୍ଥନ ଘୋଷଣା କରିଛନ୍ତି। ଏଥିସହିତ ନବକୃଷ୍ଣ ଚୌଧୁରୀ ବି.ଏଡ୍ କଲେଜରେ ପୁନଃନାମଲେଖା, ତାଳଚେର ମେଡିକାଲ କଲେଜକୁ ସରକାରୀ ପରିଚାଳନାରେ ଚଳିତବର୍ଷ କାର୍ଯ୍ୟକ୍ଷମ କରିବା, ଜିଲା ମୁଖ୍ୟ ଚିକିତ୍ସାଳୟ ସମେତ ସମସ୍ତ ଡାକ୍ତରଖାନାରେ ଡାକ୍ତର ପଦବୀ ପୂରଣ, ଜିଲାବାସୀଙ୍କୁ ମାଗଣାରେ ବିଦ୍ୟୁତ୍ ଯୋଗାଇଦେବା, ପ୍ରସ୍ତାବିତ ଧଉରାଗୋଠ, ସୁରେଶ୍ୱରୀ, ହିଡିସିଂହ, କାଣିଘାଇ, ସମାକୋଇ ଜଳସେଚନ ଯୋଜନା କାର୍ଯ୍ୟକାରୀ କରିବା ଦାବିରେ ଆନ୍ଦୋଳନ ସଙ୍ଗଠିତ କରିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିବା ସୂଚନା ପ୍ରଦାନ କରାଯାଇଛି।

### ମନେପଡ଼ିଲେ ଆମ୍ବେଡକର

ଢେଙ୍କାନାଳ ଅଫିସ, ୬।୧୨: ଢେଙ୍କାନାଳରେ ରବିବାର ଡ. ବି.ଆର୍. ଆମ୍ବେଡକରଙ୍କ ୬୮ତମ ମହାପ୍ରୟାଣ ଦିବସ ପାଳିତ ହୋଇଯାଇଛି। ଜିଲା କାର୍ଯ୍ୟାଳୟ ସମ୍ମୁଖରେ ଥିବା ବାବାସାହେବଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଆମ୍ବେଡକର ମେମୋରିଆଲ ସୋସାଇଟି ଅଧକ୍ଷ କୈଳାସ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଏମ୍‌ପି ମହେଶ ସାହୁ, କୋରାପୁଟ ଏମ୍‌ପି ସପ୍ତଗିରି ଉଲ୍ଲାକା, ସମ୍ମାନିତ ଅତିଥି ପୂର୍ବତନ ନଗରପାଳ ସୁଧାଂଶୁ ଦଳେଇ, ଶିଳ୍ପୀ ପରେଶ ପଟ୍ଟନାୟକ, ଆଇନଜୀବୀ ଦିଲୀପ ମଲ୍ଲିକ, ଅକ୍ଷୟ ଭୋଇ, ଜିଲା କଂଗ୍ରେସ ସଭାପତି ସରୋଜ ପଟ୍ଟନାୟକ, ମହିଳା କଂଗ୍ରେସ ସଭାନେତ୍ରୀ ମମତାଞ୍ଜଳି ବେହେରା ପ୍ରମୁଖ ଭୀମାରାଓଙ୍କ ଆଦର୍ଶଜୀବନର ସ୍ମୃତିଚାରଣ କରିଥିଲେ।

### 'ବୟସ୍କଙ୍କୁ ସ୍ନେହ କର'

ଢେଙ୍କାନାଳ ଅଫିସ, ୬।୧୨: ଢେଙ୍କାନାଳ ସହର ଉପକଣ୍ଠ ଆନନ୍ଦନଗରରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଐରା' ଦ୍ୱାରା ପରିଚାଳିତ କୁଞ୍ଜବିହାରୀ ବରିଷ୍ଠ ନାଗରିକ ଗୃହରେ ରବିବାର ବସ୍ତ୍ର ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ନିର୍ଦ୍ଦେଶକ ସୁରେଶ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଏମ୍‌ପି ମହେଶ ସାହୁ ଯୋଗଦେଇ କହିଲେ, ପରିଣତ ବୟସରେ ଉପନୀତ ବୟସ୍କଙ୍କୁ ସ୍ନେହ କରିବା ଉଚିତ। ସେମାନଙ୍କ ପ୍ରତି ଉଦାରମନା ହେବାକୁ ଏମ୍‌ପି ପରାମର୍ଶ ଦେଇଥିଲେ। ଏମ୍‌ପିଙ୍କ ବ୍ୟକ୍ତିଗତ ସଚିବ ମାତୃପ୍ରସାଦ ମିଶ୍ର, ଅନୁଷ୍ଠାନର ସଂଯୋଜକ ଗୋଲୋକ ବିହାରୀ ପାଣିଗ୍ରାହୀ, ପ୍ରଦ୍ୟୁମ୍ନ କୁମାର ପଣ୍ଡା, ସୀତାଂଶୁ କୁମାର ପଣ୍ଡା, ରୁଦ୍ରନାରାୟଣ ଷଡଙ୍ଗୀ ଉପସ୍ଥିତ ଥିଲେ।

### ୩୩ ପଜିଟିଭ୍ ଚିହ୍ନଟ

ଅନୁଗୋଳ ଅଫିସ, ୬।୧୨: ଅନୁଗୋଳ ଜିଲାରେ ରବିବାର ୩୩ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ମୋଟ୍ ପଜିଟିଭ୍‌ଙ୍କ ସଂଖ୍ୟା ୧୧,୧୧୭ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ବଅଁରପାଳ ବ୍ଲକରୁ ୧୪, ଛେଣ୍ଡିପଦାରୁ ୬, ଅନୁଗୋଳରୁ ୪, କଣିହାଁରୁ ୩, ତାଳଚେରରୁ ୩, ପାଲଲହଡ଼ାରୁ ୨ ଓ କିଶୋରନଗର ବ୍ଲକରୁ ଜଣେ ରହିଛନ୍ତି। ଦିନକରେ ଜିଲାରୁ ୪୭ ଜଣ ସୁସ୍ଥ ହୋଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି।

# ଜମୁନି ପ୍ରଥମାଷ୍ଟମୀ ପୋଷାକ ବେପାର

ଅନୁଗୋଳ ଅଫିସ, ୬।୧୨

ଦିନଟିଏ ପରେ ପ୍ରଥମାଷ୍ଟମୀ। ପୋଢୁଆଁ ହେବେ ଘରର ଜ୍ୟେଷ୍ଠ ସନ୍ତାନ। ମାମୁଘରୁ ଆସିଥିବା ନୂଆ ପୋଷାକ ପିନ୍ଧି ଏଣ୍ଡୁରିପିଠା ଖାଇବେ ପିଲାଏ। ଏଥିପାଇଁ ପ୍ରସ୍ତୁତି ପ୍ରାୟତଃ ଶେଷ ହେଲାଣି। ନାନା ପ୍ରକାର ସାମଗ୍ରୀ କିଣା ସରିଲାଣି। ପିଠା ପାଇଁ ଚାଉଳ, ବିରି ସହ ହଳଦୀପତ୍ର ନେବାକୁ ଅନୁଗୋଳ ବଜାରରେ ଭିଡ଼ ଜମିଲାଣି। କିନ୍ତୁ ନୂଆ ଡ୍ରେସ୍ କିଣିବାକୁ ନେଇ ଗ୍ରାହକଙ୍କ ମଧ୍ୟରେ ପୂର୍ବପରି ଉତ୍ସାହ ଦେଖାଯାଉ ନାହିଁ। କାରଣ କରୋନା ବହୁ ଲୋକଙ୍କ ଆର୍ଥିକ ସ୍ଥିତି ଦୋହଲାଇ ଦେଇଥିବାରୁ ଶହ ଶହ ଟଙ୍କା ଦେଇ ନୂଆ ପୋଷାକ କିଣିବା ସେମାନଙ୍କ ପକ୍ଷେ ସମ୍ଭବ ହୋଇପାରୁ ନାହିଁ।



ଅନୁଗୋଳ ସହର ରାସ୍ତା ପାର୍ଶ୍ୱରେ ଥିବା ପୋଷାକ ଦୋକାନଗୁଡ଼ିକରେ ଗ୍ରାହକ ନାହାନ୍ତି।

ଖୁବ୍ କମ୍ ସଂଖ୍ୟକ ଲୋକ ଡ୍ରେସ୍ ଦୋକାନକୁ ଆସୁଥିବା ବେଳେ କିଣିବା ଅପେକ୍ଷା ସେମାନେ ଅଧିକ ମୂଲାମୂଲି କରୁଛନ୍ତି। ଅଳ୍ପ ମୂଲ୍ୟର ପୋଷାକ ନେବାକୁ ଚାହୁଁଛନ୍ତି। ଗ୍ରାହକଙ୍କ ଏପରି ବ୍ୟବହାରକୁ ନେଇ ଚିନ୍ତାରେ ପଡ଼ିଛନ୍ତି ଡ୍ରେସ୍ ଦୋକାନୀମାନେ।

- ଦୋକାନରେ ନାହିଁ ଗ୍ରାହକଙ୍କ ଗହଳି
- ପୂର୍ବବର୍ଷ ପରି ବିକ୍ରି ହେଉନି ଡ୍ରେସ୍
- ଅନୁଗୋଳର ବ୍ୟବସାୟୀ ନିରାଶ

ବିଶେଷକରି ପ୍ରଥମାଷ୍ଟମୀକୁ ନଜରରେ ରଖି ରାଜ୍ୟ ବାହାରୁ ନୂଆ ଡିଜାଇନର ଡ୍ରେସ୍ ଆଣିଥିବା ଶୋ'ରୁମ୍ ମାଲିକମାନେ ଏବେ ହାତବାନ୍ଧି ବସୁଥିବା ଦେଖାଯାଉଛି। ବଜାରରେ ଲୋକେ ହାଉଜାଉ ହେଉଥିଲେ ମଧ ଶୋ'ରୁମ୍ ଆଡ଼େ ମାତ୍ର କେତେଜଣଙ୍କ ପାଦ ପଡୁଛି। ସେମାନଙ୍କ ମଧ୍ୟରୁ ଅଧିକାଂଶ ମୂଲ୍ୟ ଶୁଣି ଅନ୍ୟ ଦୋକାନକୁ ଚାଲି ଯାଉଛନ୍ତି। ବହୁ ଗ୍ରାହକ ତ ରାସ୍ତା କଡ଼ରୁ ଶସ୍ତାରେ ପୋଷାକ କିଣି କାମ ଚଳାଇ ଦେବାକୁ ଚାହୁଁଛନ୍ତି। ବ୍ୟବସାୟୀମାନଙ୍କ କହିବା ଅନୁଯାୟୀ, ପୂଜା ପରେ ସବୁଠାରୁ ଅଧିକ ବ୍ୟବସାୟ ପ୍ରଥମାଷ୍ଟାମୀରେ ହୋଇଥାଏ। ମାମୁଘର ପକ୍ଷରୁ ବଡ଼ ଝିଅ ପୁଅଙ୍କ ପାଇଁ ଡ୍ରେସ୍ କିଣାଯାଉଥିବା ବେଳେ ପରିବାରର ସାନ ପିଲାଙ୍କ ପାଇଁ ମା'ବାପାମାନେ ପୋଷାକ କିଣିଥାନ୍ତି। ତେଣୁ ଯେଉଁଠି ଗୋଟିଏ ଡ୍ରେସ୍ ବିକ୍ରି ହେବା କଥା ସେଠାରେ ଦୁଇ/ତିନୋଟି ବିକିଥାଉ। କିନ୍ତୁ ଚଳିତବର୍ଷ କରୋନା ପାଇଁ ବର୍ଷତମାମ ବେପାର ନ ଥିବାବେଳେ ପର୍ବପର୍ବାଣିରେ ଏପରି ମାନ୍ଦାବସ୍ଥା ବେଶ୍ ବାଧୁଛି ବୋଲି ଅନୁଗୋଳ ସହରର ଡ୍ରେସ୍ ଦୋକାନୀମାନେ କହିଛନ୍ତି।

#### କିଣା ଦରରେ କପଡ଼ା ବିକୁଛୁ



"କରୋନା କାରଣରୁ କିଛି ମାସ ହେଲା ବ୍ୟବସାୟ ନାହିଁ। ପ୍ରଥମାଷ୍ଟାମୀରେ ବର୍ଷର ଶେଷ ବେପାର ହେବ ବୋଲି ଆଶା ଥିଲା। କିନ୍ତୁ ଲୋକଙ୍କ ହାତରେ ପୂର୍ବବର୍ଷ ଭଳି ଅର୍ଥ ନ ଥିବାରୁ ସେମାନେ କିଣାକିଣି ପ୍ରତି ଆଗ୍ରହ ଦେଖାଉ ନାହାନ୍ତି। କିପରି କମ୍ ମୂଲ୍ୟରେ ପୋଷାକ ପାଇବେ ସେଥିପାଇଁ ମୂଲଚାଲ ଅଧିକ କରୁଛନ୍ତି। ତେଣୁ ହାତରୁ ଗ୍ରାହକ ଖସିଯିବା ଭୟରେ କିଣା ଦରରେ ପୋଷାକ ବିକିବାକୁ ବାଧ ହେଉଛୁ। ଦିନକୁ ଅଳ୍ପ କିଛି ପୋଷାକ ବିକ୍ରି ହେଉଥିଲେ ମଧ ଯେପରି ଲାଭ ମିଳିବା କଥା ତାହା ପାଉନାହୁଁ।

-ସତ୍ୟ ବେହେରା
ପୋଷାକ ବ୍ୟବସାୟୀ, ଅନୁଗୋଳ

#### ମୂଲଚାଲ କରି ମୁହଁ ଫେରାଉଛନ୍ତି



"କରୋନା ପ୍ରଭାବ ପୂର୍ବପରି ନ ଥିବାରୁ ଏବେ ବଜାରରେ ଗହଳି ହେଉଛି। ଗ୍ରାମାଞ୍ଚଳ ଲୋକ ମଧ ବଜାର ଆସୁଥିବା ଦେଖାଯାଉଛି। ଗତ ପୂଜା ବଜାରରେ ସେତେଟା ଉତ୍ସାହ ନ ଥିଲା। ଲୋକେ କିଣାକିଣି କରିବାର ସୁଯୋଗ ପାଇ ନ ଥିଲେ। ତେଣୁ ପ୍ରଥମାଷ୍ଟମୀରେ ପିଲାଙ୍କ ପାଇଁ ପୋଷାକ କିଣିବାକୁ ସେମାନେ ଚାହିଁବେ ବୋଲି ଭାବିଥିଲୁ। ସେଥିପାଇଁ ରାଜ୍ୟ ବାହାରୁ ନୂଆ ନୂଆ ଡିଜାଇନ୍‌ର ଡ୍ରେସ୍ ଆଣିଥିଲୁ। କିନ୍ତୁ ପ୍ରଥମାଷ୍ଟାମୀ ଆଉ ଦିନଟିଏ ଥିବାବେଳେ ପୋଷାକ ବିକ୍ରି ସେପରି ନାହିଁ। ମୂଲଚାଲ କରି ଗ୍ରାହକ ଫେରିଯାଉଛନ୍ତି।

-ସୁଶୀଲ ଦେହୁରୀ, ପୋଷାକ ବ୍ୟବସାୟୀ, ଅନୁଗୋଳ

#### ସରସ୍ୱତୀ ପୂଜାକୁ ଅପେକ୍ଷା



"ଗତବର୍ଷ ଅପେକ୍ଷା ଚଳିତବର୍ଷ ଅଧିକ ଡିଜାଇନ୍‌ର ଡ୍ରେସ୍ ଦୋକାନରେ ରଖାଯାଇଛି। କରୋନା ଭୟ ବହୁମାତ୍ରାରେ ଦୂର ହୋଇଥିବାରୁ ବ୍ୟବସାୟ ଜୋର୍ ଧରିବାର ଆଶା ରହିଥିଲା। କିନ୍ତୁ ଅଧିକାଂଶ ଗ୍ରାହକଙ୍କ ଆର୍ଥିକ ସ୍ଥିତି ଭଲ ନ ଥିବା ଦେଖାଯାଉଛି। କାରଣ ଗତବର୍ଷ ଯେଉଁମାନେ ପ୍ରଥମାଷ୍ଟମୀ ପାଇଁ ଦୁଇରୁ ତିନି ହଳ ପୋଷାକ ନେଉଥିଲେ ଚଳିତବର୍ଷ ସେମାନେ ହଳକରେ ସନ୍ତୁଷ୍ଟ ହେଉଥିବା ଦେଖିବାକୁ ମିଳୁଛି। ତେଣୁ ବେପାର ପାଇଁ ଆସନ୍ତାବର୍ଷର ସରସ୍ୱତୀ ପୂଜା ଯାଏ ଅପେକ୍ଷା କରିବାକୁ ପଡ଼ିବ।

-ପୱନ ମାଣ୍ଡୋଠିଆ, ବ୍ୟବସାୟୀ, ଅନୁଗୋଳ

#### ବର୍ଷକର ବେପାର ଚାଲିଗଲା



"ମହାମାରୀ ଆସିବା ଦିନଠାରୁ ଏଯାଏ ହାତଖୋଲା ବେପାର କରିନାହୁଁ। କିଛିମାସ ଦୋକାନ ବନ୍ଦ ରହିଥିଲା। ପୂଜା ପୂର୍ବରୁ ଯଦି ସଂକ୍ରମଣ ଏପରି ହ୍ରାସ ପାଇଥାନ୍ତା ତା'ହେଲେ ବ୍ୟବସାୟ ମାନ୍ଦା ପଡ଼ି ନ ଥାନ୍ତା। ବର୍ଷକର ସବୁଠାରୁ ଅଧିକ ଆୟ ପୂଜା ପାର୍ବଣ ବେଳେ କରିଥାଉ। କିନ୍ତୁ ଚଳିତବର୍ଷ ତାହା ହୋଇ ନ ଥିବାବେଳେ ପ୍ରଥମାଷ୍ଟାମୀ ମଧ ନିରାଶ କଲାଣି। ଲୋକେ ସ୍ୱାସ୍ଥ୍ୟକୁ ନେଇ ସଚେତନ ଥିବାରୁ ସେଥିରେ ଅଧିକ ଅର୍ଥ ଖର୍ଚ୍ଚ କରୁଛନ୍ତି। ତେଣୁ ଡ୍ରେସ୍ ଓ ଅନ୍ୟ ସାମଗ୍ରୀ କିଣାକିଣି କାଟଛାଣ୍ଟ କରିଥିବାରୁ ପୋଷକ ବିକ୍ରି ପୂର୍ବପରି ହେଉନାହିଁ।

-ଦୀପକ ଅଗ୍ରୱାଲ, ପୋଷାକ ବ୍ୟବସାୟୀ, ଅନୁଗୋଳ

# 'ଗଣତନ୍ତ୍ର କ୍ଷୁଣ୍ଣ କରିବାକୁ ଅପପ୍ରୟାସ ଚାଲିଛି'

ଢେଙ୍କାନାଳ ଅଫିସ, ୬।୧୨

ବାବାସାହେବଙ୍କ ଅଧ୍ୟକ୍ଷତାରେ ପ୍ରଣୀତ ସମ୍ବିଧାନ ଦେଶର ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାର ମୂଳପିଣ୍ଡ। ଏହାକୁ କ୍ଷୁଣ୍ଣ କରିବାକୁ କିଛି ରାଜନୈତିକ ଶକ୍ତି ଅପପ୍ରୟାସ କରୁଥିବା କହିଛନ୍ତି ଢେଙ୍କାନାଳ ଜିଲା କଂଗ୍ରେସ ପର୍ଯ୍ୟବେକ୍ଷକ ତଥା ଏମ୍‌ପି ସପ୍ତଗିରି ଉଲାକା। ସ୍ଥାନୀୟ ଗାନ୍ଧୀମନ୍ଦିର ପରିସରରେ ରବିବାର ଅନୁଷ୍ଠିତ ଜିଲାସ୍ତରୀୟ ସଙ୍ଗଠନିକ ସମ୍ମିଳନୀରେ ଯୋଗଦେଇ ଏମ୍‌ପି ଉଲାକା ଏପରି କ୍ଷୋଭବ୍ୟକ୍ତ କରିଥିଲେ। କେନ୍ଦ୍ର ସରକାରଙ୍କ ୩ କୃଷି ଆଇନ ଅସାମ୍ବିଧାନିକ। ଏହାକୁ ଅଗଣତାନ୍ତ୍ରିକ ପଦ୍ଧତିରେ ପାରିତ କରାଯାଇଛି। ଏହା ବିରୋଧରେ ଆନ୍ଦୋଳନ ଜାରି ରହିବ ବୋଲି ଜିଲା ସଭାପତି ସରୋଜ ପଟ୍ଟନାୟକ କହିଥିଲେ। ଏହି ଅବସରରେ ଜିଲାର ୮ ବ୍ଲକ, ୩ ଏନ୍‌ଏସି,, ଢେଙ୍କାନାଳ ପୌରାଞ୍ଚଳ ସମେତ ଦଳର ଛାମୁଆ ସଙ୍ଗଠନର ନେତୃବୃନ୍ଦଙ୍କ ସହିତ ପର୍ଯ୍ୟବେକ୍ଷକ ଆଲୋଚନା କରିଥିଲେ। ଆସନ୍ତା ୨ ସପ୍ତାହ ମଧ୍ୟରେ ଜିଲା ସଭାପତି ଦଳର ବରିଷ୍ଠ ନେତାଙ୍କ ସହ ବିଭିନ୍ନ ବ୍ଲକ କରିବେ। ସ୍ଥାନୀୟ ନେତାଙ୍କ ସହ ଆଲୋଚନା କରି ବିଭିନ୍ନ କମିଟି ସଦସ୍ୟଙ୍କ ନାମ ତାଲିକା ପ୍ରସ୍ତୁତ କରିବାକୁ ନିଷ୍ପତ୍ତି ହୋଇଥିବା ମୁଖପାତ୍ର ଡା. ତୁଷାରକାନ୍ତି ନାୟକ ସୂଚନା ଦେଇଛନ୍ତି।




ବୈଠକରେ ଏମ୍‌ପି ସପ୍ତଗିରି ଉଲ୍ଲାକାଙ୍କ ସମେତ ଅନ୍ୟମାନେ।

# ହନୁମାନ ମନ୍ଦିର ହୁଣ୍ଡି ଭାଙ୍ଗି ଲୁଟ୍

ଢେଙ୍କାନାଳ ଅଫିସ, ୬।୧୨

ଢେଙ୍କାନାଳ ବସ୍‌ଷ୍ଟାଣ୍ଡ ଟ୍ରାଫିକ ଛକସ୍ଥିତ ଶ୍ରୀହନୁମାନଜୀଉଙ୍କ ମନ୍ଦିର ହୁଣ୍ଡିଭାଙ୍ଗି ଟଙ୍କା ଲୁଟ୍ ହୋଇଛି। ଶନିବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଏହି କାଣ୍ଡ ଘଟାଇଛନ୍ତି। ସେହିପରି ମନ୍ଦିର ପରିସରରେ ଥିବା ଏକ ଘରର ତାଲା ଭଙ୍ଗାଯାଇଛି। ରବିବାର ଘଟଣା ଜଣାପଡ଼ିବା ପରେ ପୋଲିସକୁ ଅବଗତ କରାଯାଇଥିଲା। ତେବେ ରାତି ସାଢ଼େ ୮ସୁଦ୍ଧା ମାମଲା ରୁଜୁ ହୋଇ ନ ଥିବା ଟାଉନ ଥାନାଧିକାରୀ ନମିତା ନାୟକ ସୂଚନା ଦେଇଛନ୍ତି। ଗତ ମାସକ ମଧ୍ୟରେ ଏହା ହେଉଛି ତୃତୀୟ ଘଟଣା। ଏଥିପୂର୍ବରୁ ଦେଉଳସାହି ଜୁବିଲିଟାଉନସ୍ଥିତ ନାଗେଶ୍ୱର ମନ୍ଦିର, ଦୁର୍ଗାବଜାରସ୍ଥିଦ ଶିବମନ୍ଦିରରୁ ଅନୁରୂପ ଭାବେ ହୁଣ୍ଡି ଭାଙ୍ଗି ଲୁଟ୍ ହୋଇଥିଲା। ଅଭିଯୁକ୍ତମାନେ ଚତୁରତାର ସହିତ ନୋଟ୍‌ଗୁଡ଼ିକ ନେଇଯାଉଥିବାବେଳେ କଏନ୍ ଛାଡ଼ିଯାଉଛନ୍ତି। ବାରମ୍ବାର ଏଭଳି ଘଟଣା ପୋଲିସର ଚିନ୍ତା ବଢ଼ାଇଛି। ଅଦ୍ୟାବଧି ଲୁଟ୍‌ରେ ସମ୍ପୃକ୍ତ ଅଭିଯୁକ୍ତ ଧରାପଡ଼ିନାହାନ୍ତି, ଯାହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି।

# ୧୧୯ ଛାତ୍ରୀଛାତ୍ରଙ୍କୁ ମିଳିଲା ସ୍ମାର୍ଟଫୋନ




ଜଣେ ଛାତ୍ରୀଙ୍କୁ ସ୍ମାର୍ଟଫୋନ ଦିଆଯାଉଛି।

ଢେଙ୍କାନାଳ ଅଫିସ, ୬।୧୨

ଢେଙ୍କାନାଳ ଜିଲା କମଳାଙ୍ଗସ୍ଥିତ ଜିଏମ୍‌ଆର କମ୍ପାନୀର ସାମାଜିକ ଦାୟିତ୍ୱବୋଧ ସଂସ୍ଥା ଜିଏମ୍‌ଆର ଭରଲକ୍ଷ୍ମୀ ଫାଉଣ୍ଡେଶନ ପକ୍ଷରୁ ଓଡ଼ାପଡ଼ା ବ୍ଲକର କମଳାଙ୍ଗ ଓ ମଙ୍ଗଳପୁର ପଞ୍ଚାୟତର ୧୧୯ ଜଣ ହାଇସ୍କୁଲ ଏବଂ ଯୁକ୍ତ ୨ ଛାତ୍ରୀଛାତ୍ରଙ୍କୁ ରବିବାର ସ୍ମାର୍ଟଫୋନ୍ ବଣ୍ଟନ କରାଯାଇଛି। ବିଧାୟକ ସୁଧୀର କୁମାର ସାମଲ ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ମାର୍ଟଫୋନ ପ୍ରଦାନ କରିଥିଲେ। କମଳାଙ୍ଗ ସରପଞ୍ଚ ସ୍ନିଗ୍ଧାରାଣୀ ବେହେରା, ମଙ୍ଗଳପୁର ସରପଞ୍ଚ ଅମରେଶ ରାଉତ ଉପସ୍ଥିତ ଥିଲେ। କରୋନା ସମୟରେ ଅନ୍‌ଲାଇନ ପାଠପଢ଼ା ଚାଲିଛି। ତେବେ ଗରିବ ଛାତ୍ରୀଛାତ୍ରଙ୍କ ନିକଟରେ ଆଣ୍ଡ୍ରଏଡ୍ ମୋବାଇଲ ସୁବିଧା ନାହିଁ। କମ୍ପାନୀ ଉଦ୍ୟମରେ ଏହା ପ୍ରଦାନ କରାଯାଇଛି। ଏହାଦ୍ୱାରା ଛାତ୍ରୀଛାତ୍ର ଉପକୃତ ହେବେ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ଏଥିରେ ସହଯୋଗ କରିଥିବା ଏଜେନ୍ସି, କର୍ମଚାରୀଙ୍କୁ ଜିକେଇଏଲ୍ ସିଓଓ ରମେଶ ଆର୍. ପାଇ ଧନ୍ୟବାଦ ଦେଇଛନ୍ତି।

# ମ୍ୟାଲେରିଆ ରୋକିପାରିବ ମଶାରି

ବଇଣ୍ଡା,୬।୧୨(ଡି.ଏନ.ଏ.)

ରାଜ୍ୟ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା ମଶାରି ନିୟମିତ ବ୍ୟବହାର କଲେ ମ୍ୟାଲେରିଆକୁ ବହୁ ପରିମାଣରେ ରୋକାଯାଇପାରିବ। ରବିବାର ଆଠମଲ୍ଲିକ ଉପଖଣ୍ଡ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆମ୍ବଶରମୁଣ୍ଡା ପଞ୍ଚାୟତ ପୋଡ଼ାପଦର ଗ୍ରାମରେ ଆୟୋଜିତ ମଶାରୀ ବଣ୍ଟନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଧାୟକ ରମେଶ ଚନ୍ଦ୍ର ସାଏ ଏହା କହିଛନ୍ତି। ଉପଖଣ୍ଡ ଚିକିତ୍ସା ଅଧିକାରୀ ସୁନୀଲ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନ୍ୟତମ ଅତିଥି ଭାବେ ବ୍ଲକ ଅଧକ୍ଷା ମୀନାକ୍ଷୀ ଦଳେଇ, ଆମ୍ବଶରମୁଣ୍ଡା ସରପଞ୍ଚ ମହେଶ୍ୱର ଦେହୁରୀ, ବ୍ଲକ ବିଜେଡି ସଭାପତି ବୃନ୍ଦାବନ ସାହୁ, ଜିଲା ପରିଷଦ ସଦସ୍ୟା ବୈଜୟନ୍ତୀ ଦେହୁରୀ, ବିଜେଡି ନେତା ସୁରେଶ ଚନ୍ଦ୍ର ସାହୁ, ସୁରେଶ ପ୍ରଧାନ, ପବିତ୍ର ମୋହନ ସାହୁ, ପ୍ରାଣବନ୍ଧୁ ସାହୁ ଯୋଗ ଦେଇଥିଲେ। ଏହି ଅବସରରେ ପୋଡ଼ାପଥର ଗ୍ରାମର ୨ ଶହ ଲୋକଙ୍କୁ ମଶାରି ବଣ୍ଟନ କରାଯାଇଥିଲା।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

# ବଡ଼କମର ସେତୁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ

ଢେଙ୍କାନାଳ ଅଫିସ, ୬।୧୨

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକର ବହୁ ପ୍ରତୀକ୍ଷିତ ବଡ଼କମର ସେତୁ ଲାଗି ଆରମ୍ଭ ହୋଇଛି ଟେଣ୍ଡର ପ୍ରକ୍ରିୟା। ଏହା ଜିଲାରେ ପ୍ରବାହିତ ବ୍ରାହ୍ମଣୀ ନଦୀ ଉପରେ ହେବ ୫ମ ସେତୁ। ଏଥିଲାଗି ମୋଟ୍ ବ୍ୟୟ ଅଟକଳ ୧୧୪କୋଟି ୯୨ଲକ୍ଷ ଟଙ୍କା ରହିଛି। ବ୍ରିଜ୍ ନିର୍ମାଣ ସମ୍ପୂର୍ଣ୍ଣ ହେଲେ ୫୩ନଂ ଏବଂ ୫୫ନଂ. ଜାତୀୟ ରାଜପଥ ଯୋଡ଼ିହେବା ସହ ଅଞ୍ଚଳବାସୀଙ୍କ ଯାତାୟାତ ଅଧିକ ସୁଗମ ହେବ।

ପରଜଙ୍ଗ ବ୍ଲକ ବଡ଼କମର ଏବଂ ଓଡ଼ାପଡ଼ା ବ୍ଲକର ଖଡ଼ଗପ୍ରସାଦ ମଧ୍ୟରେ ଏହି ସେତୁ ନିର୍ମାଣ କରାଯିବ। ଦୀର୍ଘଦିନରୁ ବ୍ରିଜ୍ ନିର୍ମାଣ ପ୍ରସ୍ତାବରେ ରହିଥିବାବେଳେ ନାବାର୍ଡ ଅନୁମୋଦନ ମିଳିବାରେ ବିଳମ୍ବ ହୋଇଥିଲା। ନିକଟରେ ଏହାକୁ ନାବାର୍ଡର ସବୁଜ ସଙ୍କେତ ମିଳିବା ପରେ ପ୍ରଶାସନିକ ବ୍ୟୟ ଅଟକଳକୁ ଅନୁମୋଦନ ମିଳିଛି। ନଭେମ୍ବର ୧୨ରୁ ବିଧିବଦ୍ଧ ଭାବେ ସେତୁ ନିର୍ମାଣ ପାଇଁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଛି। ୧୨୦୦ ମିଟର ଲମ୍ବ ଏବଂ ୧୧ ମିଟର ଓସାର ବିଶିଷ୍ଟ ଏହି ବ୍ରିଜ୍‌ରେ ୨୦ ସ୍ପାନ୍ ରହିବ। ୩ବର୍ଷ ମଧ୍ୟରେ ସେତୁ ନିର୍ମାଣ କାର୍ଯ୍ୟ ଶେଷ ହେବ ବୋଲି ପୂର୍ତ୍ତ ବିଭାଗ ସୂତ୍ରରୁ ଜଣାପଡ଼ିଛି। ଏହି ସେତୁ ପରଜଙ୍ଗ ବ୍ଲକ ଦେଇ ଯାଇଥିବା ୫୩ନଂ. ଜାତୀୟ ରାଜପଥ ଏବଂ ଓଡ଼ାପଡ଼ା ମଧ ଦେଇଯାଇଥିବା ୫୫ନଂ. ଜାତୀୟ ରାଜପଥକୁ ସଂଯୋଗ କରିବ। ଫଳରେ ଉଭୟ ରାଜପଥ ମଧ୍ୟରେ ଦୂରତା ୧୩ କିଲୋମିଟରକୁ କମିବ। ଦୀର୍ଘଦିନରୁ ସେତୁ ନିର୍ମାଣ ପ୍ରସ୍ତାବ ରହିଥିଲା। ତେବେ ପ୍ରସ୍ତାବ ଅନୁମୋଦନ ହେଉ ନ ଥିବାରୁ ଅନିଶ୍ଚିତତା ଦେଖାଦେଇଥିଲା। ସୂଚନାଯୋଗ୍ୟ, ବଡ଼କମର-ଖଡ଼ଗପ୍ରସାଦ ଏବଂ ଖଡ଼ଗପ୍ରସାଦରୁ-ବଡ଼କମରକୁ ଦୈନିକ ଶତାଧିକ ଲୋକ ବିଭିନ୍ନ କାର୍ଯ୍ୟରେ ଯିବା ଆସିବା କରିଥାନ୍ତି। ବ୍ରିଜ୍ ନ ଥିବାରୁ ସେମାନଙ୍କ ଲାଗି ଡଙ୍ଗା ଏକମାତ୍ର ମାଧ୍ୟମ। ବିପଦସଙ୍କୁଳ ଯାତ୍ରା ଲାଗି ଅନେକ ସମୟରେ ଦୁର୍ଘଟଣା ଘଟିଥିବା ନଜିର ମଧ ରହିଛି। ଏବେ ସେତୁ ନିମନ୍ତେ ବାଟ ଫିଟିଥିବାରୁ ଏହାକୁ ଅଞ୍ଚଳବାସୀ ସ୍ୱାଗତ କରିଛନ୍ତି।




- ଢେଙ୍କାନାଳ ଜିଲା ବ୍ରାହ୍ମଣୀ ନଦୀରେ ୫ମ ବ୍ରିଜ୍
- ମୋଟ୍ ବ୍ୟୟ ଅଟକଳ ୧୧୪କୋଟି ୯୨ଲକ୍ଷ
- ଯୋଡ଼ିହେବ ଜାତୀୟ ରାଜପଥ ୫୩-୫୫

ଏ ସଂକ୍ରାନ୍ତରେ ଖଣି ଏବଂ ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ କୁହନ୍ତି, ବଡ଼କମର ସେତୁ ଲାଗି ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଛି। ତାଳଚେରରୁ ମାଲ ବୋଝେଇ ଭାରିଯାନଗୁଡ଼ିକ ବଅଁରପାଳ ମଧ୍ୟରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି କରୁଥିଲେ। ସେତୁ ନିର୍ମାଣ ହେଲେ ତାଳଚେର-ପରଜଙ୍ଗ ଦେଇ ଏହି ସେତୁ ବାଟରେ ଯାନବାହାନ ଚଳାଚଳ କରିପାରିବ। ଟ୍ରାଫିକ ସମସ୍ୟା ଦୂର ହେବ। ନଦୀର ଉଭୟ ପାର୍ଶ୍ୱର ଗ୍ରାମଗୁଡ଼ିକରେ ବ୍ୟବସାୟିକ କାରବାର ବଢ଼ିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ସୌର ଉପକରଣ ନିର୍ମାଣର ପ୍ରମୁଖ ସ୍ଥଳ ହୋଇପାରିବ ଓଡ଼ିଶା

**ଭୁବନେଶ୍ୱର,୬।୧୨:** ସୋଲାର ଉପକରଣ ଓ ଯନ୍ତ୍ରାଂଶ ପ୍ରସ୍ତୁତ କରିବା ଲାଗି ରାଜ୍ୟରେ ଉନ୍ନତ ସୁଯୋଗ ରହିଛି। ଏଭଳି ଶିଳ୍ପ ଲାଗି ଓଡ଼ିଶା ନିବେଶକମାନଙ୍କର ପ୍ରମୁଖ ସ୍ଥଳ ହୋଇ ପାରିବ ବୋଲି ଏଠାରେ ଏକ କାର୍ଯ୍ୟକ୍ରମରେ ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି। ନ୍ୟାଶନାଲ ସୋଲାର ଏନର୍ଜି କନକ୍ଲେଭରେ ଯୋଗଦେଇ ବିଶେଷଜ୍ଞମାନେ କହିଛନ୍ତି ଯେ,ସୌରଶକ୍ତି ଉତ୍ପାଦନକୁ ପ୍ରୋତ୍ସାହିତ କରିବାର ଆବଶ୍ୟକତା ରହିଛି। ଏହା ଠିକ ଭାବରେ ହୋଇପାରିଲେ ସାଧାରଣ ଲୋକ ମଧ ଏହାର ଲାଭ ପାଇପାରିବେ। ରାଜ୍ୟରେ ସୌରଶକ୍ତି ଉତ୍ପାଦନ ଲାଗି ବିଶେଷ ସୁଯୋଗ ଉପରେ ରାଜ୍ୟ ସରକାରଙ୍କ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ଗୁରୁତ୍ୱାରୋପ କରିଥିଲେ। ସେ କହିଛନ୍ତି ଯେ, ରାଜ୍ୟରେ ସୌରଶକ୍ତି ଉତ୍ପାଦନ କ୍ଷମତା ୫ ହଜାର ମେଗାୱାଟକୁ ବୃଦ୍ଧି ହୋଇପାରିବ। ଏ ନେଇ ବିଶେଷ ସମ୍ଭାବନା ରହିଛି। ଏହା ରାଜ୍ୟର ମୋଟ ଶକ୍ତି ଚାହିଦାଠାରୁ ଅଧିକ। ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ଯୁଗ୍ମ ସଚିବ ଅଜୟ କୁମାର ନାୟକ ଏବଂ ଡକ୍ଟର ଟି.କେ. ଚାନ୍ଦ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

### ୟୁନିୟନ ବ୍ୟାଙ୍କ ପକ୍ଷରୁ ଆଇଟି ଇଣ୍ଟିଗ୍ରେଶନ

**ଭୁବନେଶ୍ୱର,୬।୧୨:** ୟୁନିୟନ ବ୍ୟାଙ୍କ ପକ୍ଷରୁ ଏକ ମାଇଲଖୁଣ୍ଟ ସ୍ଥାପନ କରାଯାଇଛି। ୟୁନିୟନ ବ୍ୟାଙ୍କ ସହ ଅନ୍ୟ ତିନୋଟି ପ୍ରମୁଖ ବ୍ୟାଙ୍କ ମିଶ୍ରଣ ହୋଇଛି। ଏହା ପରେ ବ୍ୟାଙ୍କ ଏହାର ଆଇଟି ଇଣ୍ଟିଗ୍ରେଶନ ପ୍ରକ୍ରିୟାକୁ ମଧ ଶେଷ କରିଛି। କର୍ପୋରେଶନ ବ୍ୟାଙ୍କର ସମସ୍ତ ଗ୍ରାହକ ସଫଳତାର ସହ ୟୁନିୟନ ବ୍ୟାଙ୍କକୁ ସ୍ଥାନାନ୍ତରିତ ହୋଇଛନ୍ତି। ସେହିଭଳି ବ୍ୟାଙ୍କ ବର୍ତ୍ତମାନ ଇଣ୍ଟରନେଟ ବ୍ୟାଙ୍କିଙ୍ଗ, ମୋବାଇଲ ବ୍ୟାଙ୍କିଙ୍ଗ, ୟୁପିଆଇ, ଆଇଏମ୍‌ପିଏସ୍, ଏଫ୍‌ଆଇ ଗେଟୱେ, ଟ୍ରେଜେରି ଏବଂ ଅନ୍ୟ ସମସ୍ତ କାର୍ଯ୍ୟକୁ ଠିକ୍ ଭାବେ ପରିଚାଳିତ କରୁଛି। ଏହା ପୂର୍ବରୁ ସମସ୍ତ ଏଟିଏମ୍ ସଂକ୍ରାନ୍ତୀୟ କାର୍ଯ୍ୟକୁ ୟୁନିୟନ ବ୍ୟାଙ୍କ ଶେଷ କରିଥିଲା। ଇଣ୍ଟିଗ୍ରେଶନ କାମକୁ ରେକର୍ଡ ସମୟ ଅବଧିରେ ଶେଷ କରିଥିବାରୁ ବ୍ୟାଙ୍କର ସିଇଓ ରାଜକିରଣ ରାଏ ସୂଚନା ଦେଇଛନ୍ତି।

# ଆସନ୍ତା ଆର୍ଥିକ ବର୍ଷରେ ସୁଧୁରିବ


**ନୂଆଦିଲ୍ଲୀ,୬।୧୨**

ଭାରତୀୟ ଅର୍ଥନୀତି ୨୦୨୧-୨୨ ଆର୍ଥିକ ବର୍ଷର ଶେଷ ଆଡକୁ କୋଭିଡ୍ ପୂର୍ବର ସ୍ଥିତିକୁ ଫେରିବାର ସମ୍ଭାବନା ରହିଛି। ନୀତି ଆୟୋଗର ଉପାଧ୍ୟକ୍ଷ ରାଜୀବ କୁମାର ଏଭଳି ଆକଳନ କରିଛନ୍ତି। ରବିବାର ଖବର ସରବରାହ ସଂସ୍ଥା ପିଟିଆଇକୁ ସେ ସାକ୍ଷାତକାର ଦେଇ କହିଛନ୍ତି ଯେ, ଚଳିତ ଆର୍ଥିକ ବର୍ଷରେ ଜିଡିପି ୮% ରୁ କମ ରହିପାରେ

**ଭାରତୀୟ ଅର୍ଥନୀତିକୁ ନେଇ ନୀତି ଆୟୋଗର ଆକଳନ**

ବୋଲି ଆଶା କରାଯାଉଛି। ଭାରତୀୟ ରିଜର୍ଭ ବ୍ୟାଙ୍କ୍ (ଆରବିଆଇ) ମଧ୍ୟ ଚଳିତ ଆର୍ଥିକ ବର୍ଷରେ ଜିଡିପି -୭.୫% ରେ ରହିବ ବୋଲି ଆକଳନ କରିଛି। ପୂର୍ବରୁ ଏହା -୯.୫% ରହିବ ବୋଲି ସୂଚନା ଦେଇଥିଲା।

ରାଜୀବ କୁମାର କହିଛନ୍ତି ଯେ ଚଳିତ ଆର୍ଥିକ ବର୍ଷର ସେପ୍ଟେମ୍ବର


ରାଜୀବ କୁମାର

ତ୍ରୈମାସିକରେ ଦେଶର ଅର୍ଥବ୍ୟବସ୍ଥାରେ ଆଶାଠାରୁ ଅଧିକ ସୁଧାର ଆସିଛି। ଚଳିତ ବର୍ଷ ଜୁଲାଇରୁ ସେପ୍ଟେମ୍ବର ତ୍ରୈମାସିକରେ ଦେଶର ଅର୍ଥବ୍ୟବସ୍ଥା -୭.୫% ରହିଛି। ହେଲେ ଆଗକୁ ଅର୍ଥ ବ୍ୟବସ୍ଥାରେ ବ୍ୟାପକ ସୁଧାର ଆସିପାରେ ବୋଲି ଆକଳନ କରାଯାଇଛି ବୋଲି ସେ ମତ ଦେଇଛନ୍ତି। ଚଳିତ ଆର୍ଥିକ ବର୍ଷରେ ପୁଞ୍ଜି ପ୍ରତ୍ୟାହର ୨.୧୦ ଲକ୍ଷ କୋଟି ଟଙ୍କା ଆଦାୟ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ସେଥିମଧ୍ୟରୁ ରାଷ୍ଟ୍ରାୟତ୍ତ ଉଦ୍ୟୋଗ (ସିପିଏସ୍‌ଇ) ର ଅଂଶଧନ ବିକ୍ରୟରୁ ୧.୨୦ ଲକ୍ଷ କୋଟି ଟଙ୍କା ଏବଂ ଆର୍ଥିକ ସଂସ୍ଥାରେ ସରକାରୀ ଅଂଶଧନ ବିକ୍ରୟରୁ ୯୦ ହଜାର କୋଟି ଟଙ୍କା ସଂଗ୍ରହ କରାଯିବ ବୋଲି ଆଶା କରାଯାଉଛି। ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ସଂସ୍କାର ଆଣିବା ଉପରେ ସେ କହିଛନ୍ତି ଯେ ଏହି କ୍ଷେତ୍ରକୁ ବ୍ୟାପକ କରାଯିବାର ଆବଶ୍ୟକତା ରହିଛି। ଏଥିସହିତ ବ୍ୟାଙ୍କ ଗୁଡିକୁ ପ୍ରତିଦ୍ୱନ୍ଦ୍ୱିତାମୁଖୀ କରିବାକୁ ପଡିବ, କାରଣ ଘରୋଇ ଋଣ ଓ ଜିଡିପି ଅନୁପାତ ୧୯୫୦ ଦଶକ ବେଳର ରହିଛି। ତେବେ ଅନ୍ୟ ବିକାଶଶୀଳ ଅର୍ଥନୀତିରେ ଘରୋଇ ଋଣ ଓ ଜିଡିପି ଅନୁପାତ ୧୦୦% ରୁ ଅଧିକ ରହିଛି। ସ୍ଥିତି ଏଭଳି ସ୍ତରକୁ ଆସିପାରିଲେ ଭାରତୀୟ ବ୍ୟାଙ୍କିଙ୍ଗ କ୍ଷେତ୍ର ବ୍ୟାପକ ହେବ ବୋଲି କୁମାର କହିଛନ୍ତି। କୃଷି ସମ୍ବନ୍ଧରେ ମତ ଦେଇ ସେ କହିଛନ୍ତି ଯେ କୃଷି କ୍ଷେତକୁ ରସାୟନମୁକ୍ତ କରାଯାଇ ପ୍ରାକୃତିକ ଉପାୟରେ ଚାଷ କରିବା ଲାଗି ଗୁରୁତ୍ୱ ଦିଆଯାଉଛି। ଫଳରେ ପରିବେଶ ଉପରେ ଏହାର ସକାରାତ୍ମକ ପ୍ରଭାବ ପଡିବ ବୋଲି କୁମାର କହିଛନ୍ତି।

# ଦିବ୍ୟାଙ୍ଗଙ୍କ ସଶକ୍ତୀକରଣ ଲାଗି ରେନୋର ପ୍ରୟାସ

**ନୂଆଦିଲ୍ଲୀ,୬।୧୨**

ୟୁରୋପିଆନ ବ୍ରାଣ୍ଡ ରେନୋ ପକ୍ଷରୁ ସମାଜର ସ୍ୱତନ୍ତ୍ର ଦିବ୍ୟାଙ୍ଗ ଏବଂ ଭିନ୍ନ ଦିବ୍ୟାଙ୍ଗ ସଦସ୍ୟଙ୍କ ସଶକ୍ତୀକରଣ ପାଇଁ ପ୍ରୟାସ ଆରମ୍ଭ କରାଯାଇଛି। କେନ୍ଦ୍ର ଅର୍ଥମନ୍ତ୍ରଣାଳୟ ଏବଂ ଭାରି ଶିଳ୍ପ ମନ୍ତ୍ରଣାଳୟ ପକ୍ଷରୁ ଜାରି ହୋଇଥିବା ନିର୍ଦ୍ଦେଶ ଅନୁସାରେ ଏହି ବର୍ଗଙ୍କ ଲାଗି କମ୍ପାନୀ ଏହାର ପ୍ରଡକ୍ଟ ଉପରେ ୧୮% ଜିଏସ୍‌ଟି ରିହାତି ଉପଲବ୍ଧ କରାଉଛି। ଏହା ସହିତ ଅତିରିକ୍ତ ସହାୟତା ଭାବେ ସ୍ୱତନ୍ତ୍ର ସେଗମେଣ୍ଟରେ ରିହାତି ଦେଶବ୍ୟାପୀ ଏହାର ସମସ୍ତ ଡିଲର ନେଟୱର୍କରେ ଯୋଗାଇ ଦିଆଯାଉଛି। ସମାଜର ସ୍ୱତନ୍ତ୍ର ଦିବ୍ୟାଙ୍ଗଙ୍କୁ ସମ୍ମାନ ପ୍ରଦର୍ଶନ କରିବା ସହିତ ସକାରାତ୍ମକ ଚିନ୍ତାଧାରା ବୃଦ୍ଧି କରାଇବା ଲାଗି କମ୍ପାନୀ ପକ୍ଷରୁ ଏହି ପ୍ରୟାସ ଆରମ୍ଭ କରାଯାଇଥିବା ରେନୋ ଇଣ୍ଡିଆର ସେଲସ ଏବଂ ନେଟୱର୍କ ମୁଖ୍ୟ ସୁଧୀର ମାଲହୋତ୍ରା କହିଛନ୍ତି। କମ୍ପାନୀ ପକ୍ଷରୁ ସାରା ଦେଶରେ ଥିବା ଏହାର ଡିଲରଶିପଗୁଡିକରେ ସ୍ୱତନ୍ତ୍ର ଦିବ୍ୟାଙ୍ଗ ଗ୍ରାହକଙ୍କ ପାଇଁ ଜିଏସ୍‌ଟି ରିହାତି ସହିତ ଇଣ୍ଟରନାଲ କର୍ପୋରେଟ ଡିସକାଉଣ୍ଟ ପ୍ରଦାନ କରାଯାଉଛି। ଗ୍ରାହକଙ୍କର ଆବଶ୍ୟକ ଡକ୍ୟୁମେଣ୍ଟେଶନ ଦ୍ୱାରା ଏହି ସୁବିଧା କମ୍ପାନୀ ପକ୍ଷରୁ ଉପଲବ୍ଧ ହେଉଛି। ସେହିଭଳି କର୍ପୋରେଟ ରିହାତି କମ୍ପାନୀର ସମସ୍ତ ମଡେଲ ଉପରେ ପ୍ରଦାନ କରାଯାଉଛି। ଜିଏସ୍‌ଟି ରିହାତି ସବ୍-୪ ମିଟର ପେଟ୍ରୋଲ ଯାନର ୧୨୦୦ସିସି ଇଞ୍ଜିନ କ୍ଷମତା କ୍ଷେତ୍ରରେ ଉପଲବ୍ଧ ହେଉଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।

# କେୟାର ହସ୍ପିଟାଲ ପକ୍ଷରୁ ବିରଳ ସର୍ଜରି ସମ୍ପାଦନ

**ଭୁବନେଶ୍ୱର,୬।୧୨**

କେୟାର ହସ୍ପିଟାଲର ଅସ୍ଥିଶଲ୍ୟ ସର୍ଜନମାନଙ୍କ ଟିମ୍ ଏକ ବିରଳ ସର୍ଜରି ସମ୍ପାଦନ କରିଛନ୍ତି। ଓଡ଼ିଶାର ୫୪ ବର୍ଷୀୟ ରାମନାଥ ଜେନାଙ୍କ ଆଣ୍ଠୁରେ ୟୁନିକମ୍ପାର୍ଟମେଣ୍ଟାଲ ନି ରିପ୍ଲେସ୍‌ମେଣ୍ଟ (ୟୁକେଆର୍) ସର୍ଜରି କରାଯାଇଛି। ଜେନା ବାମ ଆଣ୍ଠୁରେ ଯନ୍ତ୍ରଣା ଅନୁଭବ କରିବା ପରେ ହସ୍ପିଟାଲ ପରିଦର୍ଶନ କରିଥିଲେ। ସେ ବିନା ସହାୟତାରେ ଚାଲିପାରୁ ନଥିଲେ। ଡାକ୍ତର ସନ୍ଦୀପ ଏବଂ ତାଙ୍କ ଟିମ୍ ଦ୍ୱାରା ନିଦାନ ପରେ ଅଷ୍ଟିଓଆର୍ଥ୍ରାଇଟ୍‌ସ ଯୋଗୁ ଆଣ୍ଠୁର ଏକ ନିର୍ଦ୍ଦିଷ୍ଟ କମ୍ପାର୍ଟମେଣ୍ଟରେ ବ୍ୟାପକ କ୍ଷତି ହୋଇଥିବା ଜଣାପଡିଥିଲା। ଏହି ସର୍ଜରି ସମୟରେ ନଷ୍ଟ ହୋଇଯାଇଥିବା ହାଡ଼ ଓ ଉପଅସ୍ଥିକୁ ଧାତବ ଏବଂ ପ୍ଲାଷ୍ଟିକ ଉପାଦାନ ଜରିଆରେ ପୁନଃସ୍ଥାପିତ କରାଯାଇଥିଲା। ଏଭଳି ସର୍ଜରିରେ ଆଣ୍ଠୁର ଏକ ନିର୍ଦ୍ଦିଷ୍ଟ ଭାଗକୁ ବଦଳାଇ ଦିଆଯାଇଥାଏ। ଏହି ପରିପ୍ରେକ୍ଷୀରେ ଡାକ୍ତର ସନ୍ଦୀପ ସିଂ କହିଛନ୍ତି ଯେ ପାରମ୍ପରିକ ଭାବେ ଟୋଟାଲ ନି ରିପ୍ଲେସ୍‌ମେଣ୍ଟ ସର୍ଜରିକୁ ପସନ୍ଦ କରାଯାଇଥାଏ। ଏଥିରେ ଆଣ୍ଠୁର ଏକ



କମ୍ପାର୍ଟମେଣ୍ଟକୁ ବଦଳାଇ ଦିଆଯାଏ। ମାତ୍ର କେତେକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ଭିନ୍ନ ୟୁନି କମ୍ପାର୍ଟମେଣ୍ଟ ଆର୍ଥ୍ରାଇଟସ୍ ସହ ଏକ ୟୁନିକୋଣ୍ଡିଲାୟର ନି ରିପ୍ଲେସ୍‌ମେଣ୍ଟ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେଲାପରେ ରୋଗୀକୁ ଏହା ଉପଶମ ପ୍ରଦାନ କରିଥାଏ।

# ବ୍ୟାଙ୍କ ଏଫ୍‌ଡିରେ ମିଳିବ ଉଚ୍ଚ ସୁଧ

**ନୂଆଦିଲ୍ଲୀ, ୬।୧୨:** କାନାଡ଼ା ବ୍ୟାଙ୍କ ଏଫଡିରେ ସୁଧହାର ବୃଦ୍ଧି କରିଛି। ବର୍ତ୍ତମାନ ଗ୍ରାହକଙ୍କୁ ପୂର୍ବାପେକ୍ଷା ଅଧିକ ସୁଧ ମିଳିବ ବୋଲି ସୂଚନା ମିଳିଛି। ବ୍ୟାଙ୍କ ସୁଧ ହାର ୦.୨% ବୃଦ୍ଧି କରିଛି,ଫଳରେ ଏହାର ଫାଇଦା ଗ୍ରାହକମାନେ ଉଠାଇପାରିବେ। ଯେଉଁମାନେ ଅତିକମ୍‌ରେ ଦୁଇ ବର୍ଷ ପାଇଁ ଏଫଡି କରିଛନ୍ତି ସେମାନଙ୍କୁ ଏହି ସୁବିଧା ମିଳିବ। କାନାଡ଼ା ବ୍ୟାଙ୍କ ଅତିକମରେ ୨ କିମ୍ବା ୩ ବର୍ଷରୁ କମ୍ ମ୍ୟାଚ୍ୟୁରିଟି ଏଫଡିରେ ବର୍ତ୍ତମାନ ୫.୪% ସୁଧ ମିଳିବ। ପୂର୍ବରୁ ଏହାର ସୁଧ ହାର ୫.୨% ରହିଥିଲା। ସେହିଭଳି ୩ ରୁ ୧୦ ବର୍ଷର ମ୍ୟାଚ୍ୟୁରିଟି ଏଫଡିରେ ସୁଧ ହାର ୫.୩ ରୁ ୫.୫% ବୃଦ୍ଧି କରାଯାଇଛି। ବ୍ୟାଙ୍କ ପକ୍ଷରୁ ଜାରି କରାଯାଇଥିବା ନିର୍ଦ୍ଦେଶାବଳୀ ଅନୁଯାୟୀ,ସଂଶୋଧିତ ଦରରେ ବରିଷ୍ଠ ନାଗରିକଙ୍କୁ ଅଧା ପ୍ରତିଶତ ସୁଧ ଅଧିକ ଦିଆଯିବ। ଏହି ନୂଆ ଦର ନଭେମ୍ବର ୨୭ ତାରିଖରୁ ଲାଗୁ କରାଯାଇଛି। ସୁଧ ହାରରେ ସଂଶୋଧନ ପରେ ୨ ରୁ ୧୦ ବର୍ଷର ମ୍ୟାଚ୍ୟୁରିଟି ଅବଧିର ଏଫଡି ଉପରେ ସାର୍ବଜନିକ କ୍ଷେତ୍ରର ବ୍ୟାଙ୍କ ସବୁଠାରୁ ଅଧିକ ସୁଧ ଦେଉଛି। ଘରୋଇ ବ୍ୟାଙ୍କ ଏଚଡିଏଫସି ନିଜ ଗ୍ରାହକଙ୍କୁ ବଡ ଝଟକା ଦେଇଛି। ବ୍ୟାଙ୍କ କିଛି ଅବଧିର ଏଫଡିରେ ସୁଧ ହାର କମ କରିଦେଇଛି। ଏଚଡିଏଫସି ବ୍ୟାଙ୍କ ସୁଧ ହାର ୦.୨୦% କମ କରିଛି। ଗୋଟିଏ ବର୍ଷ ଡିପୋଜିଟରେ ସୁଧ ହାର ୦.୨୦% କମ କରିଛି। ୨ ବର୍ଷୀୟ ଡିପୋଜିଟରେ ବ୍ୟାଙ୍କ ସୁଧ ହାର ୦.୧୦% କମ କରିଛି। ନୂଆ ରେଟ୍ ଅନୁସାରେ ଏଚଡିଏଫସି ବ୍ୟାଙ୍କ ୭ ଦିନରୁ ୨୯ ଦିନର ଡିପୋଜିଟରେ ୨.୫୦% ସୁଧ ଅଫର କରୁଛି। ୩୦ ରୁ ୯୦ ଦିନରେ ମ୍ୟାଚ୍ୟୁରିଟି ହେବାକୁଥିବା ଡିପୋଜିଟ ଉପରେ ସୁଧ ହାର ୩ % ରହିଛି।

# ଏସ୍‌ବିଆଇ ପକ୍ଷରୁ ୧୦ କୋଟି ସହାୟତା

**ମୁମ୍ବାଇ,୬।୧୨**

ଦେଶର ସଶସ୍ତ୍ର ସେବା ଓ ତାଙ୍କ ପରିବାରକୁ ସହାୟତା ପ୍ରଦାନ କରିବା ଲାଗି ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସ୍‌ବିଆଇ) ପକ୍ଷରୁ ଆର୍ମଡ ଫୋର୍ସେସ ଫ୍ଲାଗ୍ ଡେ ଫଣ୍ଡକୁ ୧୦ କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। କର୍ପୋରେଟ ଦାୟିତ୍ୱବୋଧ କାର୍ଯ୍ୟକ୍ରମ ଅନ୍ତର୍ଗତ ଏଭଳି ପାଣ୍ଠି ଯୋଗାଣ ନେଇ ବ୍ୟାଙ୍କ କାର୍ଯ୍ୟପନ୍ଥା ହାତକୁ ନେଉଛି। ନିର୍ଭରଶୀଳ ଯୁଦ୍ଧ ବର୍ଷିଆନ, ଏକ୍ସ ସର୍ଭିସ ମ୍ୟାନ ଓ ଯୁଦ୍ଧ ବିଧବାଙ୍କ କଲ୍ୟାଣ ଲାଗି ଏହି ଟଙ୍କା ପ୍ରଦାନ କରାଯାଇଛି। ଚଳିତ ମାସ ୭ରେ ପାଳନ ହେବାକୁ ଥିବା ଆର୍ମଡ ଫୋର୍ସେସ ଫ୍ଲାଗ ଡେ ଅବସରରେ ବ୍ୟାଙ୍କ ପକ୍ଷରୁ କେନ୍ଦ୍ରୀୟ ବିଦ୍ୟାଳୟ ବୋର୍ଡ ସହ ଏକ ବୁଝାମଣାପତ୍ର ସ୍ୱାକ୍ଷର କରାଯିବ। ବାଳିକା ଶିଶୁମାନଙ୍କ ପାଠପଢା ଦିଗରେ ଏହି ପାଣ୍ଠି ବ୍ୟବହାର କରିବା ଲାଗି ଏଭଳି ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହେବ ବୋଲି ବ୍ୟାଙ୍କ ପକ୍ଷରୁ ସୂଚନା ମିଳିଛି। ଏହି ୧୦ କୋଟି ଟଙ୍କାରୁ ୮୩୩୩ ନିର୍ଭରଶୀଳ ବାଳିକା ଶିଶୁଙ୍କୁ ମାସିକ ୧ ହଜାର ଟଙ୍କା ଲେଖାଏ ଯୋଗାଇ ଦିଆଯିବ। ଯାହା ସରକାରଙ୍କ 'ବେଟି ପଢ଼ାଓ ବେଟି ବଚାଓ' କାର୍ଯ୍ୟକ୍ରମ ଅଧୀନ ଏଭଳି ଯୋଜନା ହାତକୁ ନିଆଯାଇଛି। ଏହି ପରିପ୍ରେକ୍ଷୀରେ ଏସ୍‌ବିଆଇ ଅଧ୍ୟକ୍ଷ ଦିନେଶ ଖାରା କହିଛନ୍ତି ଯେ, ଦେଶର ବିକାଶରେ ବ୍ୟାଙ୍କ ସର୍ବଦା କାର୍ଯ୍ୟପନ୍ଥା ହାତକୁ ନେଇ ଆସିଛି। ଏକ ପ୍ରଗତିଶୀଳ ଅର୍ଥ ବ୍ୟବସ୍ଥାରେ ଝିଅମାନଙ୍କୁ ସମାନ ସୁବିଧା ସୁଯୋଗ ପ୍ରଦାନ କରିବା ଲାଗି ସରକାରଙ୍କ ଉକ୍ତ ଅଭିଯାନକୁ ପ୍ରୋତ୍ସାହନ ଦେବା ଲାଗି ଏଭଳି ପଦକ୍ଷେପ ଘୋଷଣା କରାଯାଇଛି ବୋଲି ସେ ମତବ୍ୟକ୍ତ କରିଛନ୍ତି।

## ଖେଳ ଖବର

# ଓଡ଼ିଶା ଏଫ୍‌ସିର ତୃତୀୟ ପରାଜୟ

**ବାମ୍ବୋଲିମ୍, ୬।୧୨**

ଇଣ୍ଡିଆନ ସୁପର୍ ଲିଗ୍ (ଆଇଏସ୍‌ଏଲ୍)ର ରବିବାର ଅନୁଷ୍ଠିତ ମ୍ୟାଚରେ ମୁମ୍ବାଇ ସିଟି ଏଫ୍‌ସି ୨-୦ ଗୋଲରେ ଓଡ଼ିଶା ଏଫ୍‌ସିକୁ ପରାସ୍ତ କରିଛି। ସ୍ଥାନୀୟ ଜିଏମ୍‌ସି ଷ୍ଟାଡିୟମରେ ଅନୁଷ୍ଠିତ ମୁକାବିଲାରେ ମୁମ୍ବାଇ ଦମ୍‌ଦାର ପ୍ରଦର୍ଶନ କରି କ୍ରମାଗତ ତୃତୀୟ ବିଜୟ ସହ ପଏଣ୍ଟ ତାଲିକାର ଶୀର୍ଷକୁ ଉଠିଛି। ମୁମ୍ବାଇ ଏପର୍ଯ୍ୟନ୍ତ ୪ଟି ମ୍ୟାଚ୍ ଖେଳି ୩ ବିଜୟ ଓ ଗୋଟିଏ ପରାଜୟ ସହ ୯ ପଏଣ୍ଟ ହାସଲ କରିଛି। ଅନ୍ୟପଟେ ଓଡ଼ିଶା ୪ଟି ମ୍ୟାଚ୍ ଖେଳି ୧ ଡ୍ର ଓ ୩ଟି ପରାଜୟ ସହ ୧ ପଏଣ୍ଟ ପାଇ ତାଲିକାର ୧୦ମ ସ୍ଥାନରେ ରହିଛି। ମୁମ୍ବାଇର ବିପିନ ସିଂ ପାସ୍ ଅଫ୍ ଦି ମ୍ୟାଚ ଏବଂ ରୋଲିନ ବୋର୍ଗେସ ହିରୋ ଅଫ୍ ଦି ମ୍ୟାଚ ପୁରସ୍କାର ପାଇଥିଲେ।

ପୂରା ମ୍ୟାଚରେ ମୁମ୍ବାଇ ଆଧିପତ୍ୟ ବିସ୍ତାର କରି ଖେଳିଥିଲା। ପ୍ରଥମାର୍ଦ୍ଧରେ ଦୁଇଟି ଯାକ ଗୋଲ ହୋଇଥିଲା ଓ ମୁମ୍ବାଇ ୨-୦ରେ ଅଗ୍ରଣୀ ହାସଲ କରିଥିଲା। ମୁମ୍ବାଇ ତରଫରୁ ନାଇଜେରିଆ ଫୁଟବଲର ବାର୍ଥୋଲୋମ୍ୟୁ ଓଗ୍‌ବେଚେ ପେନାଲ୍ଟି ଜରିଆରେ ୩୦ତମ ମିନିଟ୍‌ରେ ପ୍ରଥମ ଗୋଲ ସ୍କୋର କରିଥିଲେ। ସେହିପରି ୪୫ତମ ମିନିଟ୍‌ରେ ରୋଲିନ ବୋର୍ଗେସ ଏକ ସୁନ୍ଦର ଗୋଲ ଦେଇଥିଲେ। ଦ୍ୱିତୀୟାର୍ଦ୍ଧରେ ଓଡ଼ିଶା ଲଢୁଆ ଖେଳ ପ୍ରଦର୍ଶନ କରିଥିଲା। ମାର୍ସେଲିନୋ, ମାନୁଏଲ ଓନୁ ଓ ଲାଇଶ୍ରମ ସିଂଙ୍କୁ ଖେଳିବାର ସୁଯୋଗ ଦେଇଥିଲା। ଏହି ଖେଳାଳିମାନେ କେତୋଟି ସୁଯୋଗ ମଧ୍ୟ ସୃଷ୍ଟି କରିଥିଲେ। ତେବେ ଦୁର୍ବଳ ଫିନିସ୍ ଯୋଗୁ ଗୋଲ ହୋଇପାରି ନ ଥିଲା। ବଲ୍ ପଜେଶନ, ପାସ୍ ଓ ପାସ୍ ଆକ୍ୟୁରେସିରେ ଓଡ଼ିଶାଠାରୁ ଯଥେଷ୍ଟ ଆଗରେ ଥିଲା ମୁମ୍ବାଇ। ଓଡ଼ିଶା ତା'ର ପରବର୍ତ୍ତୀ ମ୍ୟାଚ୍‌ରେ ଶନିବାର ୧୨ ତାରିଖରେ ଗୋଆକୁ ଭେଟିବ। ସେହିପରି ମୁମ୍ବାଇ ବୁଧବାର ୯ ତାରିଖରେ ତା'ର ପରବର୍ତ୍ତୀ ମ୍ୟାଚ୍‌ରେ ଚେନ୍ନାଇନ୍ ଏଫ୍‌ସିକୁ ଭେଟିବ।


ପେନାଲ୍ଟି ଗୋଲ୍ ଦେବା ଅବସରରେ ବାର୍ଥୋଲୋମ୍ୟୁ ଓଗ୍‌ବେଚେ (ବାମ)।

### ଗୋଆର ପ୍ରଥମ ବିଜୟ

ଫତୋର୍ଦାରେ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚରେ ଏଫସି ଗୋଆ ୩-୧ ଗୋଲରେ କେରଳ ବ୍ଲାଷ୍ଟର୍ସକୁ ପରାସ୍ତ କରିଛି। ଚଳିତ ଲିଗ୍‌ରେ ୪ ମ୍ୟାଚରୁ ଗୋଆର ଏହା ପ୍ରଥମ ବିଜୟ। ବିଜୟୀ ଦଳ ପକ୍ଷରୁ ଇଗର ଆଙ୍ଗୁଲୋ ୩୦ ଓ ୯୦ତମ ମିନିଟରେ ୨ଟି ଏବଂ ଜର୍ଜ ଓର୍ଟିଜ ମେଣ୍ଡୋଜା ୫୨ତମ ମିନିଟରେ ଗୋଟିଏ ଗୋଲ ଦେଇଥିଲେ। କେରଳ ପକ୍ଷରୁ ଭିନସେଣ୍ଟ ଗୋମେଜ ୯୦ତମ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିଲେ। ମୋଟ ୫ ପଏଣ୍ଟ ସହିତ ଗୋଆ ଟେବୁଲର ୪ର୍ଥ ସ୍ଥାନକୁ ଉନ୍ନୀତ ହୋଇଥିବାବେଳେ କେରଳ କେରଳ ୪ ମ୍ୟାଚରୁ ୨ ପଏଣ୍ଟ ସହିତ ୮ମ ସ୍ଥାନରେ ଅପରିବର୍ତ୍ତିତ ରହିଛି।

### ଖେଳରତ୍ନ ଫେରାଇବାକୁ ବିଜେନ୍ଦରଙ୍କ ଧମକ

**ନୂଆଦିଲ୍ଲୀ, ୬।୧୨ (ପି.ଟି.):** କେନ୍ଦ୍ର ସରକାର ଯଦି ନୂଆ କୃଷି ଆଇନ ପ୍ରତ୍ୟାହାର ନ କରନ୍ତି ତେବେ ରାଜୀବ ଗାନ୍ଧୀ ଖେଳରତ୍ନ ପୁରସ୍କାର ଫେରାଇଦେବେ ବୋଲି ଧମକ ଦେଇଛନ୍ତି ବକ୍ସର ତଥା କଂଗ୍ରେସ ନେତା ବିଜେନ୍ଦର ସିଂ। ବକ୍ସିଂରେ ଭାରତ ପାଇଁ ପ୍ରଥମ ପଦକ ଜିତିଥିବା ୩୫ବର୍ଷୀୟ ବିଜେନ୍ଦର ନୂଆ କୃଷି ଆଇନକୁ 'କଳା ଆଇନ' ବୋଲି କହିଛନ୍ତି। ଦିଲ୍ଲୀର ସିଙ୍ଘୁ ସୀମାରେ ନୂଆ ଆଇନ ବିରୋଧରେ କୃଷକମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। ହରିୟାଣାର ଭିୱାନୀଠାରେ ଜନ୍ମଗ୍ରହଣ କରିଥିବା ଏହି ବକ୍ସରଙ୍କୁ ସେଠାରେ ଦେଖିବାକୁ ମିଳିଥିଲା। ସରକାର ଯଦି ଏହି କଳା ଆଇନକୁ ପ୍ରତ୍ୟାହାର ନ କରନ୍ତି ତେବେ ମୋ ପୁରସ୍କାର ଫେରାଇ ନେବା ଲାଗି ସେ ଅନୁରୋଧ କରିବେ ବୋଲି ବିକ୍ଷୋଭକାରୀଙ୍କ ନିକଟରେ ଘୋଷଣା କରିଛନ୍ତି। କୃଷକମାନଙ୍କ ଦାବି ଯଦି ପୂରଣ କରା ନ ଯାଏ ତେବେ ସେ ତାଙ୍କ ଦ୍ରୋଣାଚାର୍ଯ୍ୟ ପୁରସ୍କାରକୁ ଫେରାଇ ଦେବେ ବୋଲି ପୂର୍ବତନ ଜାତୀୟ ବକ୍ସିଂ କୋଚ୍ ଗୁରୁବକ୍ସ ସିଂ ସାନ୍ଧୁ କହିଥିଲେ।

# ଅଭ୍ୟାସ ମ୍ୟାଚ୍: ରାହାନେଙ୍କ ଶତକ

**ସିଡ୍‌ନୀ, ୬।୧୨(ପି.ଟି.)**

ସ୍ଥାନୀୟ ଡ୍ରୁମୋଇନ୍ ଓଭାଲ ଗ୍ରାଉଣ୍ଡରେ ଭାରତ- ଏ ଓ ଅଷ୍ଟ୍ରେଲିଆ- ଏ ମଧ୍ୟରେ ପ୍ରଥମ ୩ ଦିନିଆ ଅଭ୍ୟାସ ମ୍ୟାଚ ଆରମ୍ଭ ହୋଇଛି। ଭାରତ- ଏ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଅଧିନାୟକ ଆଜିଙ୍କ୍ୟ ରାହାନେଙ୍କ ଶତକ ସହାୟତାରେ ଭାରତ- ଏ ପ୍ରଥମ ଦିନ ଖେଳ ଶେଷ ସୁଦ୍ଧା ୯୦ ଓଭରରେ ୮ ଉଇକେଟ ହରାଇ ୨୩୭ ରନ ସଂଗ୍ରହ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ରାହାନେ ୧୦୮ ରନ (୧୬ ଚୌକା, ୧ ଛକା)ର ଶତକୀୟ ପାଳି ଖେଳି ଓ ମହମ୍ମଦ ସିରାଜ ବିନା ସ୍କୋରରେ ଅପରାଜିତ ରହିଛନ୍ତି। ଟେଷ୍ଟ ସ୍ପେଶାଲିଷ୍ଟ ଚେତେଶ୍ୱର ପୂଜାରା ୫୪ ରନ(୫ ଚୌକା)ର ଅର୍ଦ୍ଧଶତକୀୟ ପାଳି ଖେଳି ଆଉଟ ହୋଇଥିଲେ। ହନୁମା ବିହାରୀ ୧୫, କୁଲଦୀପ ଯାଦବ ୧୫, ଉମେଶ ଯାଦବ ୨୪ ରନକରି ଆଉଟ ହୋଇଥିବା ବେଳେ ଅନ୍ୟମାନେ ଦୁଇଅଙ୍କ ଛୁଇଁ ପାରି ନ ଥିଲେ। ଦୁଇ ଓପନର ପୃଥ୍ୱୀ ଶ ଓ ଶୁବମନ ଗିଲ, ଉଇକେଟକିପର ବ୍ୟାଟ୍ସମ୍ୟାନ ରିଦ୍ଧିମାନ ଶାହା ଖାତା ଖୋଲିବା ପୂର୍ବରୁ ଆଉଟ ହୋଇଥିଲେ। ରବିଚନ୍ଦ୍ରନ ଅଶ୍ୱିନ ୫ ରନ ସଂଗ୍ରହ କରିଥିଲେ। ବୋଲିଂରେ ଜେମ୍ସ ପାଟିନସନ ୩, ମାଇକେଟ ନେସେର ଓ ଟ୍ରାଭିସ୍ ହେଡ ୨ଟି ଲେଖାଏ, ଜ୍ୟାକ୍‌ଶନ ବାର୍ଡ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।


ଅଜିଙ୍କ୍ୟ ରାହାନେ

**ସଂକ୍ଷିପ୍ତ ସ୍କୋର**

ଭାରତ- ଏ ପ୍ରଥମ ଇନିଂସରେ ୯୦ ଓଭରରେ ୨୩୭/୮ (ରାହାନେ- ୧୦୮*, ପୂଜାରା- ୫୪, ଉମେଶ- ୨୪, ପାଟିନସନ- ୩/୫୮, ନେସେର- ୨/୫୧, ହେଡ- ୨/୨୪, ବାର୍ଡ- ୧/୩୪)।

# ନ୍ୟୁଜିଲାଣ୍ଡର ଇନିଂସ ବିଜୟ

**ହାମିଲଟନ, ୬।୧୨(ଏପି)**

ୱେଷ୍ଟଇଣ୍ଡିଜ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚରେ ଘରୋଇ ନ୍ୟୁଜିଲାଣ୍ଡ ରବିବାର ଚତୁର୍ଥ ଦିନ ସକାଳେ ଏକ ଇନିଂସ ଓ ୧୩୪ ରନରେ ବିଜୟ ହାସଲ କରିଛି। ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସରେ ୧୪୫ ଓଭରରେ ୭ ଉଇକେଟ ହରାଇ ୫୧୯ ରନକରି ଇନିଂସ ଘୋଷଣା କରିଥିଲା। ଜବାବରେ ୱେଷ୍ଟଇଣ୍ଡିଜ ପ୍ରଥମ ଇନିଂସରେ ୬୪ ଓଭରରେ ୧୩୮ ରନକରି ଅଲଆଉଟ ହେବା ସହ ୩୮୧ ରନ ପଛରେ ପଡି ଫଲୋଅନ ହୋଇଥିଲା। ଦ୍ୱିତୀୟ ଇନିଂସ ଆରମ୍ଭ କରି ୱେଷ୍ଟଇଣ୍ଡିଜ୍ ୫୮.୫ ଓଭରରେ ୨୪୭ ରନକରି ଅଲଆଉଟ ହେବା ସହ ଇନିଂସ ପରାଜୟ ବରଣ କରିଛି। ନ୍ୟୁଜିଲାଣ୍ଡ ବ୍ୟାଟ୍ସମ୍ୟାନ କେନ୍ ୱିଲିୟମସନ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

**ସଂକ୍ଷିପ୍ତ ସ୍କୋର**

ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ: ୧୪୫ ଓଭରରେ ୫୧୯/୭ (ଇନିଂସ ଘୋଷଣା), ୱେଷ୍ଟଇଣ୍ଡିଜ ପ୍ରଥମ ଇନିଂସ: ୬୪ ଓଭରରେ ୧୩୮ ଅଲଆଉଟ। ୱେଷ୍ଟଇଣ୍ଡିଜ ଦ୍ୱିତୀୟ ଇନିଂସ (ଫଲୋଅନ): ୫୮.୫ ଓଭରରେ ୨୪୭ ଅଲଆଉଟ(ବ୍ଲାକଉଡ୍-୧୦୪, ଜୋଶେଫ୍- ୮୬, ୱାଗନର- ୪/୬୬, ଜେମିସନ- ୨/୪୨, ସୌଦି- ୧/୬୨, ବୋଲ୍ଟ- ୧/୬୩, ମିଚେଲ- ୧/୭)।

### ଫର୍ମୁଲା-୨ ରେସ୍ ଜିତିବାରେ ଜେହାନ୍ ପ୍ରଥମ ଭାରତୀୟ

**ସାଖିର (ବାହାରିନ), ୬।୧୨ (ପି.ଟି.):** ଉଦୀୟମାନ ଡ୍ରାଇଭର ଜେହାନ ଦାରୁବାଲା ପ୍ରଥମ ଭାରତୀୟ ଭାବେ ଏକ ଫର୍ମୁଲା-୨ ମୋଟର ରେସ୍ ଜିତିଛନ୍ତି। ରବିବାର ଏଠାରେ ସାଖିର ଗ୍ରାଁ ପ୍ରିରେ ଏକ ରୋମାଞ୍ଚକ ମୁକାବିଲାରେ ଫର୍ମୁଲା-୨ ଚାମ୍ପିୟନ ମିକ୍ ସୁମାକର ଏବଂ ଡାନିଲ ଟିକ୍‌ଟମ୍‌ଙ୍କୁ ପଛରେ ପକାଇ ଭାରତର ଏହି ୨୨ବର୍ଷୀୟ ଡ୍ରାଇଭର ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଜେହାନ ରାୟୋ ରେସିଂ ଟିମ୍ ତରଫରୁ ଡ୍ରାଇଭିଂ କରୁଥିଲେ। ରେସ୍‌ରେ ତାଙ୍କ ଜାପାନୀ ଟିମ୍‌ମେଟ୍ ୟୁକି ତିସୁନୋଦା ୩.୫ ସେକେଣ୍ଡ ପଛରେ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଟିକ୍‌ଟମ୍ ତୃତୀୟ ହୋଇଥିଲେ।

# ବିଏମ୍‌ଏସ୍‌ସି ଜର୍ସି ଉନ୍ମୋଚିତ

**ଭୁବନେଶ୍ୱର, ୬।୧୨ (କ୍ରୀଡ଼ା ପ୍ରତିନିଧି):** ଭୁବନେଶ୍ୱର ମିଡିଆ ସ୍ପୋର୍ଟ୍ସ କ୍ଲବ୍ (ବିଏମ୍‌ଏସ୍‌ସି)ର ଜର୍ସି ଉନ୍ମୋଚନ ରବିବାର ଅନୁଷ୍ଠିତ ହୋଇ ଯାଇଛି। କେବଳ ଗଣମାଧ୍ୟମ ପ୍ରତିନିଧିଙ୍କୁ ନେଇ ଗଠିତ ଏହି ଅନୁଷ୍ଠାନ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ସହ ଖେଳର ବିକାଶ ଦିଗରେ କାର୍ଯ୍ୟ କରିବ। ଭାରତୀୟ କ୍ରିକେଟ୍ ଦଳର ଜର୍ସିରୁ ପ୍ରେରଣା ନେଇ ଏହି କ୍ଲବର ଜର୍ସି ନୀଳ ରଙ୍ଗ ରଖାଯାଇଛି। ରବିବାର କ୍ଲବର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଭବିଷ୍ୟତ ଯୋଜନା, ଅଭ୍ୟାସ ଏବଂ ଅନ୍ୟାନ୍ୟ କାର୍ଯ୍ୟ ସମ୍ପର୍କରେ ଆଲୋଚନା ହୋଇଥିଲା। କ୍ଲବ୍ ରାଜ୍ୟରେ ଆୟୋଜିତ ହେଉଥିବା ବିଭିନ୍ନ ସୌଖିନ କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ସହ ନିଜ ତରଫରୁ ମଧ୍ୟ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ କରିବା ପାଇଁ ପଦକ୍ଷେପ ନେବ। ସାଧାରଣ ଜନତାଙ୍କୁ ଫିଟନେସର ବାର୍ତ୍ତା ଦେବା କ୍ଲବର ଅନ୍ୟ ଏକ ଲକ୍ଷ୍ୟ। ପ୍ରଥମ ବୈଠକରେ ବିଭିନ୍ନ ଗଣମାଧ୍ୟମର ୧୫ରୁ ଅଧିକ ପ୍ରତିନିଧି ଯୋଗଦେଇଥିଲେ। କ୍ଲବର ପରବର୍ତ୍ତୀ ବୈଠକ ଚଳିତମାସ ୨୭ ତାରିଖରେ ଅନୁଷ୍ଠିତ ହେବ। ଏଥିରେ କିଛି ବରିଷ୍ଠ ତଥା ଅଭିଜ୍ଞ ଗଣମାଧ୍ୟମ ପ୍ରତିନିଧିଙ୍କୁ ଆମନ୍ତ୍ରଣ କରାଯାଇ କ୍ରୀଡ଼ା ବିକାଶ ସମ୍ପର୍କରେ ସେମାନଙ୍କ ମୂଲ୍ୟବାନ ପରାମର୍ଶକୁ ଗ୍ରହଣ କରାଯିବ ବୋଲି ନିଷ୍ପତ୍ତି ନିଆ ଯାଇଥିଲା।


ଜର୍ସି ଉନ୍ମୋଚନ ଅବସରରେ ଖେଳାଳି ଓ କର୍ମକର୍ତ୍ତାମାନେ।

## ପଡୋଶୀଙ୍କ ନାଁରେ କରିଦେଲେ ୫୫ କୋଟିର ସମ୍ପତ୍ତି

ଜର୍ମାନୀର ଜଣେ ବୃଦ୍ଧା ମୃତ୍ୟୁ ପୂର୍ବରୁ ପଡୋଶୀଙ୍କ ନାମରେ ନିଜର ସର୍ବସ୍ୱ କରିଯାଇଛନ୍ତି। ବର୍ଲିନର ରେନେଟ୍ ନାମକ ଜଣେ ବୃଦ୍ଧା ପ୍ରାୟ ୫୫ କୋଟିର ସମ୍ପତ୍ତି ଜଣେ ପଡୋଶୀଙ୍କୁ ଦାନ କରିଦେବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ୨୦୧୬ରେ ରେନେଟଙ୍କ ସ୍ୱାମୀ ଆଲଫ୍ରେଡଙ୍କ ମୃତ୍ୟୁ ଘଟିଥିଲା। ୨୦୧୯ରେ ରେନେଟଙ୍କ ମୃତ୍ୟୁ ଘଟିବା ପୂର୍ବରୁ ପ୍ରଶାସନ ପକ୍ଷରୁ ତାଙ୍କ କୋଟି କୋଟି ଟଙ୍କା ମୂଲ୍ୟର ସମ୍ପତ୍ତିକୁ କାହାକୁ ଦିଆଯିବ ବୋଲି ପଚରା ଯାଇଥିଲା। ତାଙ୍କର କୌଣସି ସମ୍ପର୍କୀୟ ନ ଥିବାରୁ ସେ ଅନେକ ପଡୋଶୀଙ୍କ ନାମରେ ଟଙ୍କା ଓ ସମ୍ପତ୍ତି ସବୁ ଭାଗ କରି ବାଣ୍ଟି ଦେଇଥିଲେ। ତେବେ ଏହି ସବୁ ଟଙ୍କା ଉନ୍ନତୀମୂଳକ କାମରେ ଲାଗିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

# ମାଛ ମାନନ୍ତି ସାମାଜିକ ଦୂରତ୍ୱ

**୨୦୨୦ରେ କୋଭିଡ୍-୧୯ର ଭୟାବହତା ଦେଖିଛି ସାରା ବିଶ୍ୱ। କରୋନା କାଳରେ ଅନେକ ନୂଆ ଶବ୍ଦ ସହ ପରିଚିତ ହୋଇଛି ମଣିଷ। ବିଶ୍ୱରେ କରୋନା ଟିକାର ମାନବ ପରୀକ୍ଷଣ ଆରମ୍ଭ ହୋଇସାରିଥିବା ବେଳେ ଅଦ୍ୟାବଧି ମାସ୍କ, ସାନିଟାଇଜର ବ୍ୟବହାର ସହ ସୋସିଆଲ ଡିଷ୍ଟାନ୍ସିଂ ବା ସାମାଜିକ ଦୂରତ୍ୱ ନିୟମ ପାଳନ କରିବାକୁ ଗୁରୁତ୍ୱ ଦିଆଯାଉଛି। କେବଳ ମଣିଷ ନୁହେଁ, ଜୀବଜଗତର ଅନେକ ପ୍ରାଣୀ ଜୀବନ ସୁରକ୍ଷା ଲାଗି ସାମାଜିକ ଦୂରତ୍ୱ ନିୟମ ପାଳନ କରିଥାନ୍ତି। ଏମାନଙ୍କ ମଧ୍ୟରେ ଜଳଚର ଜୀବ ଜେବ୍ରାମାଛ ଅନ୍ୟତମ।**



**ବର୍ଲିନ୍:** ମାଛ ମସ୍ତିଷ୍କରେ ଥିବା ଏକ ସ୍ୱତନ୍ତ୍ର ଜିନ୍ ବାତାବରଣରେ ଅନ୍ୟ ଜୀବଙ୍କ ଉପସ୍ଥିତିକୁ ସହଜରେ ବାରିପାରେ। ଆବଶ୍ୟକସ୍ଥଳରେ ସେମାନେ ସାମାଜିକ ଦୂରତ୍ୱ ରକ୍ଷା କରି ନିଜକୁ ସୁରକ୍ଷିତ ରଖିଥାନ୍ତି। ଜେବ୍ରାଫିଶ୍ ଉପରେ ହୋଇଥିବା ଅନ୍ତର୍ଜାତୀୟ ଗବେଷଣାରୁ ଏହା ଜଣାପଡ଼ିଛି। କୋଭିଡ୍-୧୯ ସମୟରେ ସାମାଜିକ ଦୂରତ୍ୱ ମାନସିକତା ଏବଂ ଏହାର ପ୍ରଭାବ ସମ୍ପର୍କରେ ଏକାଧିକ ଗବେଷଣା କରାଯାଇଥିବା ବେଳେ ଅନେକ ଜୀବଜନ୍ତୁ ଏପରି ସୋସିଆଲ ଡିଷ୍ଟାନ୍ସିଂ ନିୟମ ମାନୁଥିବା ଜଣାପଡ଼ିଛି।

ଜର୍ମାନୀର ମ୍ୟାକ୍ସ ପ୍ଲାଙ୍କ୍ ଇନ୍‌ଷ୍ଟିଚ୍ୟୁଟ୍ ଫର ବ୍ରେନ୍ ରିସର୍ଚ୍ଚର ଗବେଷକ ଏରିନ ସୁମେନ୍‌ଙ୍କ ନେତୃତ୍ୱରେ ଏକ ଅନ୍ତର୍ରାଷ୍ଟ୍ରୀୟ ଦଳ ଜେବ୍ରାଫିଶ ଉପରେ ଗବେଷଣା କରିଥିଲେ। ଏହି ପ୍ରଜାତିର ମାଛଙ୍କ ନିକଟରେ ମେକୋସେନ୍‌ସେସନ୍ (ସ୍ନାୟବିକ ପ୍ରକ୍ରିୟା ଦ୍ୱାରା ପ୍ରତିକ୍ରିୟା ପ୍ରକାଶ କରିବା ବା ଅନୁଭବ କରିପାରିବା) ଗୁଣ ରହିଛି। ପାଣିର ଗତିବିଧି ଅନୁଯାୟୀ ସେମାନଙ୍କ ମସ୍ତିଷ୍କରେ ଏକ ପ୍ରକାର ହର୍‌ମୋନ ସକ୍ରିୟ ହୋଇଥାଏ। ଫଳରେ ଆଖପାଖରେ ଚଳପ୍ରଚଳ କରୁଥିବା ଭିନ୍ନ ପ୍ରଜାତିର ପ୍ରାଣୀଙ୍କ ସମ୍ପର୍କରେ ସେମାନେ ସହଜରେ ଜାଣିପାରନ୍ତି।

ପୃଥିବୀର କେତେକ ଜୀବ ସାମାଜିକ। ସେମାନେ ଗୋଷ୍ଠୀଗତ ଜୀବନଯାପନ କରିଥାନ୍ତି। ଅନ୍ୟ କେତେକ ଏକଲା ରହିଥାନ୍ତି। ସାମାଜିକ ସ୍ଥିତି ଏବଂ ବିବିଧତା ପଶୁଙ୍କ ବ୍ୟବହାରକୁ ପ୍ରଭାବିତ କରେ। ବେଳେବେଳେ ମଣିଷ ନିକଟରେ ମଧ୍ୟ ଏକଲା ପଣ ସୃଷ୍ଟି ହୋଇଥାଏ। ମାଛ ମଧ୍ୟ ଏହି ଶ୍ରେଣୀର। ହେଲେ ଏହା ଉଭୟଙ୍କ ମାନସିକ ସ୍ୱାସ୍ଥ୍ୟ ଉପରେ ପ୍ରତିକୂଳ ପ୍ରଭାବ ପକାଇଥାଏ। ତେବେ ସାମାଜିକ ବାତାବରଣ ସହ ମସ୍ତିଷ୍କର ସମ୍ପର୍କ କେତେ ଜଡ଼ିତ ସେ ସମ୍ପର୍କରେ ବିସ୍ତୃତ ତଥ୍ୟ ମିଳିନାହିଁ। ସାମାଜିକ ବାତାବରଣରେ ସ୍ନାୟବିକ ତନ୍ତ୍ରିକା ଏବଂ ଜିନ୍‌ଗତ ପ୍ରତିକ୍ରିୟା ଜାଣିବାକୁ ସ୍ନାତକ ଛାତ୍ର ଲ୍ୟୁକଲ ଏନେସର ଏବଂ ତାଙ୍କ ସହକର୍ମୀ ଜେବ୍ରା ମାଛଙ୍କୁ ପୃଥକ୍ ଭାବେ ପାଣିରେ ଛାଡ଼ିଥିଲେ। କେତେକ ମାଛକୁ ଗୋଷ୍ଠୀରେ ରଖିଥିବାବେଳେ ଅନ୍ୟ କେତେକଙ୍କୁ ଏକୁଟିଆ ରଖାଯାଇଥିଲା। ଗବେଷକମାନେ ଆର୍‌ଏନ୍‌ଏ ସିକ୍ୱେନ୍ସ ପ୍ରଣାଳୀ ଉପଯୋଗ କରି ସ୍ନାୟବିକ ଅଭିବ୍ୟକ୍ତି ସ୍ତର ମାପିଥିଲେ। ଏକୁଟିଆ ରଖାଯାଇଥିବା ମାଛଙ୍କ କେତେକ ଗୁଣରେ ପରିବର୍ତ୍ତନ ଆସିଥିଲା। ଏହା ପଛରେ ଏକ ସ୍ୱତନ୍ତ୍ର ଜିନ୍ କାମ କରୁଛି, ଯାହା ଅଦ୍ୟାବଧି ଜଣାପଡ଼ି ନ ଥିଲା। ଏକାକୀ ରହୁଥିବା ମାଛଙ୍କ ନିକଟରେ କ୍ରିୟାଶୀଳ ଥିବା ଏହି ଜିନ୍ ହଠାତ୍ ଶିଥିଳ ପଡ଼ିଗଲା। ଯେତେବେଳେ ପାଣିକୁଣ୍ଡରେ ଅନ୍ୟ କେତେକ ମାଛକୁ ଛଡ଼ାଗଲା, ସେତେବେଳେ ଏହା ହଠାତ୍ ସକ୍ରିୟ ହୋଇଉଠିଲା। କିଛି ସମୟ ମଧ୍ୟରେ ଏହି ସ୍ତର ଅନ୍ୟମାଛଙ୍କ ସହ ସମାନ ହୋଇଗଲା।

ଏଥିରୁ ବୈଜ୍ଞାନିକମାନେ ଜାଣିବାକୁ ପାଇଛନ୍ତି, ଅନ୍ୟମାନଙ୍କ ଉପସ୍ଥିତି ମସ୍ତିଷ୍କରେ ପ୍ରଭାବ ପକାଇଥାଏ। ନିଜ ବା ଅନ୍ୟ ପ୍ରଜାତିର ପ୍ରାଣୀଙ୍କୁ ଚିହ୍ନିବା ଲାଗି ମାଛ ଭଳି ଜଳଚର ଜୀବଙ୍କ ନିକଟରେ ସ୍ୱତନ୍ତ୍ର ଜିନ୍ କାମ କରିଥାଏ। ତେବେ ଏହା ଦେଖିବା, ଶୁଙ୍ଘିବା, ଚାଖିବା ଦ୍ୱାରା ନୁହେଁ, ବରଂ ମେକୋ ସେନ୍‌ସେସନ୍ ଜରିଆରେ କାମ କରିଥାଏ। ଯେମିତି ମଣିଷ ସ୍ପର୍ଶ କରି କୌଣସି ଜିନିଷକୁ ଅନୁଭବ କରିଥାଏ, ସେହିଭଳି ପହଁରିବା ଗତିବିଧିରୁ ଜେବ୍ରା ମାଛ ଅନ୍ୟ ମାଛଙ୍କ ଉପସ୍ଥିତି ଜାଣିପାରିଥାଏ।

## ନୋରା ଫତେହି

# ନୋରାଙ୍କ ଉପରୁ ହଟୁନି ଫ୍ୟାନ୍‌ଙ୍କ ନଜର



**ମୁମ୍ବାଇ:** ବଲିଉଡ ଅଭିନେତ୍ରୀ ନୋରା ଫତେହିଙ୍କ କିଛି ଡ୍ୟାନ୍ସ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ବେଳେ ଏବେ କିନ୍ତୁ ତାଙ୍କର କିଛି ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। କିଛି ବୋଲ୍ଡ ଫଟୋକୁ ନୋରା ନିଜେ ତାଙ୍କ ଇନଷ୍ଟାଗ୍ରାମ ଆକାଉଣ୍ଟରେ ପୋଷ୍ଟ କରିଛନ୍ତି। ଯାହା ଦେଖୁ ଦେଖୁ ଇଣ୍ଟରନେଟରେ ଛାଇ ଯାଇଛି। ଫଟୋକୁ ତାଙ୍କ ପ୍ରଶଂସକ ବେଶ୍ ପସନ୍ଦ କରୁଥିବା ବେଳେ ଭିନ୍ନ ଭିନ୍ନ କମେଣ୍ଟ ମଧ୍ୟ ଦେଉଥିବା ଦେଖାଯାଇଛି । ବ୍ଲୁ ହ୍ୱାଇଟ୍ କଷ୍ଟ୍ୟୁମର ଏହି ବୋଲ୍ଡ ଫଟୋକୁ ୫ ଘଣ୍ଟା ମଧ୍ୟରେ ୨୪ ଲକ୍ଷରୁ ଅଧିକ ଲାଇକ୍ ମିଳି ସାରିଛି। ଏଥିରୁ ସହଜରେ ସୋସିଆଲ ମିଡିଆରେ ନୋରାଙ୍କ ପପୁଲାରିଟିକୁ ଅନୁମାନ କରାଯାଇ ପାରେ। ସୋସିଆଲ ନେଟୱର୍କିଂ ସାଇଟ ଇନ୍‌ଷ୍ଟାଗ୍ରାମରେ ଖୁବ ଆକ୍ଟିଭ ରହୁଥିବା ନୋରା ତାଙ୍କ ପ୍ରଶଂସକଙ୍କ ସହ ସବୁବେଳେ ଯୋଡି ହୋଇ ରହିଥାଆନ୍ତି । ଏବେ ତାଙ୍କ ଇନ୍‌ଷ୍ଟାଗ୍ରାମ ଫଲୋୟର୍ସଙ୍କ ସଂଖ୍ୟା ରହିଛି ୨୦ ମିଲିୟନ ବା ୨ କୋଟିରୁ ଅଧିକ । ନୋରା ଫତେହି ବିଦେଶୀ ହେଲେ ବି ତାଙ୍କ ଜବରଦସ୍ତ ଡ୍ୟାନ୍ସ ପାଇଁ ବଲିଉଡ଼ରେ ରହିଛି ତାଙ୍କର ଏକ ସ୍ୱତନ୍ତ୍ର ପରିଚୟ । ତାଙ୍କ ଡ୍ୟାନ୍ସର ଦିୱାନା ସମସ୍ତେ ।

# କଖାରୁ ମଞ୍ଜିର ଅଟା



**ଅମୃତସର:** କଖାରୁ ମଞ୍ଜିରୁ ତିଆରି ହେଉଛି ଅଟା। ଗହମରୁ ତିଆରି ହେଉଥିବା ଅଟା ତୁଳନାରେ ଏହି ଅଟାରେ ବହୁଗୁଣ, ଅଧିକ ପୋଷକ ତତ୍ତ୍ୱ ରହିଛି। ଏକଥାକୁ ହୁଏତ ଅନେକେ ବିଶ୍ୱାସ କରିପାରୁ ନ ଥିବେ। କଖାରୁ ଖାଇବା ପରେ ଫିଙ୍ଗି ଦିଆଯାଉଥିବା ମଞ୍ଜିଗୁଡ଼ିକରେ ଏତେ ପରିମାଣରେ ପୋଷକ ତତ୍ତ୍ୱ ଥିବା ଏସମ୍ପର୍କରେ ଏବେ ବିଶେଷଜ୍ଞମାନେ ସ୍ପଷ୍ଟ କରିଛନ୍ତି। ପଞ୍ଜାବ କୃଷି ବିଶ୍ୱବିଦ୍ୟାଳୟର ଫୁଡ୍ ଆଣ୍ଡ ନ୍ୟୁଟ୍ରିସନ୍ ଡିପାର୍ଟମେଣ୍ଟ ଏବଂ ହର୍ଟିକଲଚର ଆଣ୍ଡ ଫୁଡ୍ ସାଇନ୍ସ ଡିପାର୍ଟମେଣ୍ଟର ଦୁଇ ପ୍ରଫେସର ୩ ବର୍ଷ ଧରି ଅନୁସନ୍ଧାନ କରିବା ପରେ ଏବେ ଏହି ମତ ଦେଇଛନ୍ତି। ପଞ୍ଜାବ କୃଷି ବିଶ୍ୱବିଦ୍ୟାଳୟରେ ପ୍ରଥମ ଥର ପାଇଁ କଖାରୁ ମଞ୍ଜିରୁ ତିଆରି ହୋଇଛି ଅଟା। ବୈଜ୍ଞାନିକଙ୍କ କହିବା ଅନୁସାରେ, ଏହି ଅଟା ଅନ୍ୟ ସବୁ ଅଟା ତୁଳନାରେ ଅଧିକ ପୁଷ୍ଟିକର ଏବଂ ଏଥିରୁ ବିଭିନ୍ନ ପ୍ରକାରର ଖାଦ୍ୟ ମଧ୍ୟ ପ୍ରସ୍ତୁତ କରାଯାଇପାରିବ। ଗହମ ଅଟା ଭଳି କଖାରୁ ମଞ୍ଜିର ଅଟାରେ ମଧ୍ୟ କେକ୍, ବିସ୍କୁଟ, ପୁରି ଆଦି ତିଆରି କରାଯାଇପାରିବ। ଗହମ ଅଟା ତୁଳନାରେ ଏଥିରେ ପ୍ରୋଟିନ, ମିନେରାଲ, ଫ୍ୟାଟ, ଫାଇବର, ଜିଙ୍କ୍ ଆଦି ପୋଷକ ତତ୍ତ୍ୱ ବହୁ ମାତ୍ରାରେ ରହିଛି। ତେଣୁ ସବୁ ଦୃଷ୍ଟିରୁ ବହୁ ପରିମାଣରେ ପୋଷକ ତତ୍ତ୍ୱରେ ଭରପୂର ହେଉଛି କଖାରୁ ମଞ୍ଜିର ଅଟା। କୃଷି ବିଶ୍ୱବିଦ୍ୟାଳୟର ପ୍ରଫେସର ଡକ୍ଟର ସୋନିକା ଶର୍ମାଙ୍କ କହିବା ଅନୁସାରେ କଖାରୁ ଅଟା ଏବେ ଅନ୍ୟ ସବୁ ଉଦ୍ୟୋଗରେ ଏକ କ୍ରାନ୍ତି ଆଣିପାରିବ।

# ୨୧ରେ ଏକାଠି ଦେଖାଯିବେ ବୃହସ୍ପତି-ଶନି



**କୋଲକତା:** ଏକ ବିରଳ ସଂଯୋଗକ୍ରମେ ଆସନ୍ତା ୨୧ ତାରିଖରେ ଶନି ଓ ବୃହସ୍ପତି ପରସ୍ପରର ନିକଟତର ହେବେ। ଏହାଯୋଗୁ ପୃଥିବୀ ପୃଷ୍ଠରୁ ଉଭୟ ଗ୍ରହ ଗୋଟିଏ ଉଜ୍ଜ୍ୱଳ ତାରକା ଭଳି ପ୍ରତୀୟମାନ ହେବେ। ୧୬୨୩ ମସିହା ପରଠାରୁ ଏଭଳି ଘଟଣା କେବେ ଦେଖିବାକୁ ମିଳି ନ ଥିଲା। ଏହା ଏକ ଚମତ୍କାର ସଂଯୋଗ ବୋଲି ଏମ୍‌ପି ବିର୍ଲା ପ୍ଲାନେଟୋରିୟମ ନିର୍ଦ୍ଦେଶକ ଦେବୀ ପ୍ରସାଦ ଦୁଆରି ଏକ ବିବୃତିରେ କହିଛନ୍ତି। ଡିସେମ୍ବର ୨୧ ତାରିଖ ରାତିରେ ଦୁଇ ଗ୍ରହ ମଧ୍ୟରେ ଦୂରତା ୭୩୫ ମିଲିୟନ କିମି ରହିବ। ୨୦୮୦ ମାର୍ଚ୍ଚ ୧୫ ବେଳକୁ ଏହି ଦୁଇ ଗ୍ରହ ଆହୁରି ନିକଟତର ହୋଇପାରନ୍ତି ବୋଲି ଦୁଆରି ପ୍ରକାଶ କରିଛନ୍ତି। ସୂର୍ଯ୍ୟାସ୍ତ ପରେ ଭାରତର ଅଧିକାଂଶ ସହରରେ ଲୋକେ ଏହି ଦୃଶ୍ୟ ଦେଖିପାରିବେ।

# ୬ ଘଣ୍ଟାରେ ୩୬ହଜାର ପାହୁଣ୍ଡ



**ଚେନ୍ନାଇ:** ଚାଲିବା ସ୍ୱାସ୍ଥ୍ୟ ପାଇଁ ବେଶ ଉପଯୋଗୀ। ଏଥିପାଇଁ ଅଧିକାଂଶ ସକାଳେ ଓ ସନ୍ଧ୍ୟାରେ କିଛି ବାଟ ଚାଲିବା ଅଭ୍ୟାସ ରଖିଥାନ୍ତି। କିନ୍ତୁ ଚାଲିବାରେ ଏକ ନୂଆ ରେକର୍ଡ କରିଛନ୍ତି ଜବାହର କାର୍ତ୍ତିକେୟନ। ୫ ଘଣ୍ଟାରେ ସେ ୩୬ହଜାର ପାହୁଣ୍ଡରୁ ଅଧିକ ଚାଲିଥିବାରୁ ଏବେ ଏସିଆନ୍ ରେକର୍ଡ ଏକାଡେମୀରେ ନିଜ ନାଁ ସାମିଲ କରିପାରିଛନ୍ତି। ତାମିଲନାଡୁ କୋଏମ୍ବାଟୁରର ଜବାହର କାର୍ତ୍ତିକେୟନ ଏପରି ରେକର୍ଡ କରି ସାରା ଦେଶରେ ଚର୍ଚ୍ଚିତ ହୋଇଛନ୍ତି। ପୁରୁଷ ବର୍ଗରେ ସେ ୬ ଘଣ୍ଟାରେ ସବୁଠୁ ଅଧିକ ଚାଲି ଏହି ରେକର୍ଡ କରିଛନ୍ତି। ଜବାହର ଏ ନେଇ ସାସିଆଲ ମିଡିଆରେ ଶେୟାର କରିଛନ୍ତି। ତାଙ୍କ କହିବା ଅନୁସାରେ ନିଜକୁ ସୁସ୍ଥ ରଖିବା ପାଇଁ ସେ ପ୍ରତିଦିନ ଚାଲିବା ଅଭ୍ୟାସ କରନ୍ତି। ତାଙ୍କର ଏହି ଅଭ୍ୟାସ ଧୀରେ ଧୀରେ ଏତେ ଅଧିକ ହୋଇଥିଲା ଯେ ସେ ଏପରି ରେକର୍ଡର ଅଧିକାରୀ ହୋଇପାରିଛନ୍ତି। ଏମିତି କି ୬ ଘଣ୍ଟାରେ ଚାଲିବାକୁ ଥିବା ରେକର୍ଡକୁ ସେ ୫ ଘଣ୍ଟାରେ ହିଁ ଶେଷ କରିପାରିଥିଲେ।

ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ବଅଁରପାଳ ପି.ଏସ୍.ଏସ୍.କେ ଡ଼ିଗ୍ରୀ କଲେଜ ତରଫରୁ ସମସ୍ତ ଛାତ୍ରୀଛାତ୍ର, ଅଧାପୀକା ଅଧାପକଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।



ଗୋକୁଳାନନ୍ଦ ପ୍ରଧାନ
ଅଧକ୍ଷ, ପି.ଏସ୍.ଏସ୍.କେ ଡ଼ିଗ୍ରୀ କଲେଜ

## ମନେ ପଡ଼ନ୍ତି

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ଶ୍ରୀନିବାସ ମିଶ୍ର
କୋଟ୍‌ପାଡ୍, ଜୟପୁର, କୋରାପୁଟ
ଆବିର୍ଭାବ: ୧୫।୦୯।୧୯୪୧
ତିରୋଧାନ: ୧୯।୧୧।୨୦୧୯
ଚାହୁଁଚାହୁଁ ଏକବର୍ଷ ବିତିଗଲାଣି ହେଲେ ତୁମର ଅଭୁଲା ସ୍ମୃତି ସବୁଦିନ ଆମ ନିକଟରେ ଆମପାଇଁ ଜୀବନ୍ତ ହୋଇ ରହିଛି। ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା, ତ୍ୟାଗ, ଭଲପାଇବା ଆମମାନଙ୍କୁ ସବୁବେଳେ ପ୍ରେରଣା ଓ ଶକ୍ତି ଯୋଗାଇବ। ଆଜିର ଏହି ପୁଣ୍ୟ ତିଥିରେ ତମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଭକ୍ତିପୂତ ପ୍ରାର୍ଥନା କରୁଅଛୁ।
:ଶୋକସନ୍ତପ୍ତ ପୁଅ ଓ ପରିବାରବର୍ଗ:
ସୁଧିରଞ୍ଜନ ମିଶ୍ର (ବାବୁ), ବୋହୂ, ସିଦ୍ଧାନ୍ତ (ନାତି) ଏବଂ ଈଶାନ୍ (ନାତି)
ଧ-୧୯୧୬୩

### ନବମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ଶିବରାମ ରଥ
ଅବସରପ୍ରାପ୍ତ ଅତିରିକ୍ତ ନିବନ୍ଧକ, ସମବାୟ ବିଭାଗ
ବାରିକସାହି, ଭୁବନେଶ୍ୱର
ଆବିର୍ଭାବ: ୧୫।୦୮।୧୯୩୮
ତିରୋଧାନ: ୧୭।୧୧।୨୦୧୧
ଆଜି ଆପଣଙ୍କ ନବମ ଶ୍ରାଦ୍ଧବାର୍ଷିକୀ ଅବସରରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା
-:ଶୋକସନ୍ତପ୍ତ:-
ବନ୍ଧୁ ଓ ପରିବାରବର୍ଗ ।
ଧ-୬୦୮୯

### ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ବ୍ରଜମୋହନ ଦାଶ
ଗ୍ରାମ: ନୂଆଶାସନ, ପିପିଲି, ପୁରୀ
ଆବିର୍ଭାବ: ୦୩।୧୨।୧୯୫୭
ତିରୋଧାନ: ୨୮।୧୧।୨୦୨୦
ଆଜି ଦଶାହ (୦୭।୧୨।୨୦୨୦ ସୋମବାର) ଅବସରରେ ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଭକ୍ତିପୂତ ପ୍ରାର୍ଥନା କରୁଛୁ।
-:ହତଭାଗ୍ୟ:-
ପୁଅ, ବୋହୂ, ଭଉଣୀ, ଭିଣୋଇ, ଝିଅ, ଜ୍ୱାଇଁ, ଭଣଜା, ଭାଣିଜୀ, ନାତି, ନାତୁଣୀ ଓ ବନ୍ଧୁ, ପରିବାରବର୍ଗ ।
ଧ-୧୯୧୬୨

# ଟ୍ରାକ୍ଟରରେ ବର

**ଚଣ୍ଡିଗଡ଼:** ବିବାହକୁ ଚର୍ଚ୍ଚିତ କରିବା ପାଇଁ କେଉଁଠି ବର ଘୋଡ଼ାରେ ବସି ଶୋଭାଯାତ୍ରା କରନ୍ତି ତ କେଉଁଠି ହେଲିକପ୍ଟରରେ। ହେଲେ ଟ୍ରାକ୍ଟରରେ ବର ବସି ଶୋଭାଯାତ୍ରା କରିବା କେବେ ଶୁଣିଛନ୍ତି କି! ହରିୟାଣାରେ ଏମିତି ଜଣେ ଯୁବକ ବର ବେଶରେ ଟ୍ରାକ୍ଟର ଉପରେ ବସି କନ୍ୟା ଘରକୁ ଯାଇ ଚର୍ଚ୍ଚିତ ହୋଇଛନ୍ତି। ଅବଶ୍ୟ ଯୁବକଜଣକ ଚର୍ଚ୍ଚାରେ ରହିବା ପାଇଁ ନୁହେଁ ବରଂ ଚାଷୀମାନଙ୍କୁ ସମର୍ଥନ କରି ଏଭଳି ଉପାୟ ଆପଣାଇଛନ୍ତି। ହରିୟାଣା କର୍ଣ୍ଣାଲର ଜଣେ ଯୁବକ ବରବେଶରେ ଟ୍ରାକ୍ଟରରେ ବସି କନ୍ୟା ଘରକୁ ଯାଇ ଚର୍ଚ୍ଚିତ ହୋଇଛନ୍ତି। ଯୁବକଜଣକ ଟ୍ରାକ୍ଟରରେ ବସି ସାଧାରଣଭାବରେ ଶୋଭାଯାତ୍ରା କରି ବିବାହ କରିବାକୁ ଯାଇଥିଲେ। ତାଙ୍କର ଏପରି କରିବା ପଛରେ ଉଦ୍ଦେଶ୍ୟ କେବଳ କୃଷକମାନଙ୍କୁ ସମର୍ଥନ କରିବା। ଦିଲ୍ଲୀରେ କିଛି ଦିନ ଧରି କୃଷକମାନେ ଚଳାଇଥିବା ଆନ୍ଦୋଳନକୁ ସମର୍ଥନ କରି ସେ ଏପରି ଏକ ଭିନ୍ନ ଭାବରେ ପ୍ରତିବାଦ କରିଛନ୍ତି। ତାଙ୍କ ମତରେ ଚାଷୀମାନଙ୍କୁ ସବୁଠୁ ଅଧିକ ଗୁରୁତ୍ୱ ଦେବା ଆବଶ୍ୟକ। ତାଙ୍କ ଭଳି ସବୁ ଅଞ୍ଚଳର ସାଧାରଣ ଲୋକେ ବି ଚାଷୀଙ୍କୁ ଏଭଳି ଭାବରେ ସମର୍ଥନ କରିଲେ ସେମାନଙ୍କ ସ୍ୱାର୍ଥସାଧନ ହୋଇପାରିବ ବୋଲି ସେ ମତ ଦେଇଛନ୍ତି। ଯୁବକଜଣକ ଆରମ୍ଭରୁ ଜାକଜମକ ବିହୀନ ବିବାହ କରିବାକୁ ନିଷ୍ପତ୍ତି ନେଇଥିଲେ। ଏ ସମୟରେ ଚାଷୀ ଆନ୍ଦୋଳନ ଚାଲିଥିବାରୁ ସେ କାର୍ ବଦଳରେ ଟ୍ରାକ୍ଟରରେ ଯିବା ସହିତ ଗୁରୁଦ୍ୱାରରେ ଲଙ୍ଗର ଦେବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଚାଷୀମାନଙ୍କ ପ୍ରତି ତାଙ୍କର ଏଭଳି ନିଆରା ସମର୍ଥନ ଏବେ ସୋସିଆଲ ମିଡିଆରେ ବି ଭାଇରାଲ ହୋଇଛି।

ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ନାଲକୋ ଏସ୍‌ଭିଏମ୍‌ର ସମସ୍ତ ଛାତ୍ରୀଛାତ୍ର, ଗୁରୁଜୀ ଗୁରୁମା ଓ ପାରିପାର୍ଶ୍ୱିକ ଅଞ୍ଚଳବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ।





ଶତ୍ରୁଘନ ବେହେରା
ଅଧକ୍ଷ, ନାଲକୋ ସରସ୍ୱତୀ ବିଦ୍ୟାମନ୍ଦିର


Samal Builders (P) LTD.

"ଧରିତ୍ରୀ"ର ସ୍ୱନକ୍ଷତ୍ର ଅବସରରେ ସାମଲ ବିଲଡ଼ର ତରଫରୁ ସମସ୍ତ ଢେଙ୍କାନାଳ ଓ ଅନୁଗୋଳ ବାସୀଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ।

ଗଙ୍ଗାଧର ସାମଲ

# ସ୍ମରଣ ଶକ୍ତିକୁ ସକ୍ରିୟ ରଖିବ ମଲିକୁଲାର ମେକାନିଜମ୍

ସ୍ମରଣ ଶକ୍ତିକୁ ସକ୍ରିୟ ରଖିବା ପାଇଁ ଏକ ନୂଆ ଉପାୟ ନିକଟରେ ଉଦ୍ଭାବିତ ହୋଇଛି। ଏ କ୍ଷେତ୍ରରେ ଦୀର୍ଘଦିନର ଗବେଷଣା କରି ଶେଷରେ ସଫଳତା ହାସଲ କରିଛନ୍ତି ୟୁନିଭର୍ସିଟି ଅଫ ବାସେଲ୍‌ର ସ୍ନାୟୁବିଜ୍ଞାନୀମାନେ। 'ମଲିକୁଲାର ମେକାନିଜମ' ନାମକ ପ୍ରଣାଳୀକୁ ଉପଯୋଗ କରିବା ଦ୍ୱାରା ଜଣେ ବ୍ୟକ୍ତିଙ୍କର ସ୍ମରଣ ଶକ୍ତି ପୂର୍ବାପେକ୍ଷା ଆହୁରି ସକ୍ରିୟ ରହିବ ବୋଲି ସେମାନେ ଦୃଢ଼ୋକ୍ତି ବ୍ୟକ୍ତ କରିଛନ୍ତି। ସ୍ମରଣ ଶକ୍ତି ସହ ଜଡିତ ମଲିକୁଲ୍‌ଗୁଡିକୁ ସେମାନେ ତନ୍ନ ତନ୍ନ କରି ପରୀକ୍ଷା କରି ଏପରି ସିଦ୍ଧାନ୍ତରେ ଉପନୀତ ହୋଇଥିଲେ ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। କେବଳ ସେତିକି ନୁହେଁ,



ସ୍ମରଣ ଶକ୍ତି ସକ୍ରିୟ ଭାବରେ କାର୍ଯ୍ୟ କରିବା ପାଇଁ 'ଏମ୍‌ପିଏସ୍-୨' ନାମକ ଜିନ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସାଧାରଣତଃ ବୟସ୍କ ବ୍ୟକ୍ତିଙ୍କର ସ୍ମରଣ ଶକ୍ତିରେ ତାରତମ୍ୟତା ପରିଲକ୍ଷିତ ହୋଇଥାଏ। ଏ କ୍ଷେତ୍ରରେ 'ମଲିକୁଲାର ମେକାନିଜମ୍'ର ଭୂମିକା କ'ଣ ରହିବ ତାହା ସମୟସାପେକ୍ଷ ଏବଂ ଏ ନେଇ ଉକ୍ତ ବିଶ୍ୱବିଦ୍ୟାଳୟ ବିଶେଷଜ୍ଞମାନେ ଗବେଷଣା ଜାରିରଖିଛନ୍ତି।

# ଆଲଜିମର୍ସ ରୋଗ ନିର୍ଣ୍ଣୟ କରିବାର ନୂଆ ଉପାୟ

ଆଲଜିମର୍ସ ରୋଗକୁ ଏଣିକି ଶୀଘ୍ର ନିର୍ଣ୍ଣୟ କରାଯାଇପାରିବ। ଏ ନେଇ ଡ୍ୟୁକ୍ ୟୁନିଭର୍ସିଟିର ବିଶେଷଜ୍ଞମାନେ ଏକ ନୂଆ ଉପାୟ ଖୋଜି ପାଇଛନ୍ତି। 'ରେଟିନାଲ୍ ସ୍କାନ୍' ନାମକ ଏକ ପ୍ରଣାଳୀ ଦ୍ୱାରା ଏହାକୁ ସହଜରେ ଠାବ କରାଯାଇପାରବ ବୋଲି ଉକ୍ତ ୟୁନିଭର୍ସିଟି ପକ୍ଷରୁ ପ୍ରକାଶିତ ସଦ୍ୟ ରିପୋର୍ଟରୁ ଜଣାପଡିଛି। ଆଖିରେ ଥିବା ରେଟିନାର ରକ୍ତ ଧମନୀଗୁଡ଼ିକୁ ପରୀକ୍ଷା କରିବା ସମୟରେ ସେମାନେ ଏପରି



ରୋଚକ ତଥ୍ୟ ବିଷୟରେ ଜାଣିବାକୁ ପାଇଥିଲେ। ସେମାନେ ରେଟିନାକୁ ସ୍କାନ୍ କରି ତାହାକୁ ତର୍ଜମା କରି ଆଲଜିମର୍ସ ରୋଗର କେତେକ ଲକ୍ଷଣ ବିଷୟରେ ଜାଣିପାରିଥିଲେ। ଏହି ସମୟରେ ସେମାନେ କେବଳ ସାଧାରଣ ବ୍ୟକ୍ତି ନୁହନ୍ତି, ଆଲଜିମର୍ସ ରୋଗୀଙ୍କ ରେଟିନା ସ୍କାନ୍ କରି ଏହି ରୋଗର ଲକ୍ଷଣ ବିଷୟରେ ଅବଗତ ହୋଇଥିଲେ। ଏହି ପ୍ରଣାଳୀ ଦ୍ୱାରା ଆଲଜିମର୍ସ ରୋଗ ବିଷୟରେ ଶୀଘ୍ର ଜାଣିହେବ ବୋଲି ସେମାନେ ଆଶା ପ୍ରକଟ କରିଛନ୍ତି।


# ଜନପ୍ରିୟ ବିଜ୍ଞାନ ପ୍ରସାରକ



ଇଂ ମାୟାଧର ସ୍ୱାଇଁ

ଭାରତର ବିଶିଷ୍ଟ ପଦାର୍ଥ ବିଜ୍ଞାନୀ ତଥା ଜନପ୍ରିୟ ପ୍ରଶାସକ ନରେନ୍ଦର କେ ସେହେଗାଲ ଚଳିତବର୍ଷ ସେପ୍ଟେମ୍ବର ୭ ତାରିଖରେ ଇହଲୀଳା ସମ୍ବରଣ କରିଛନ୍ତି। ଦେଶରେ ବିଜ୍ଞାନ ପ୍ରସାର ଓ ଏହାକୁ ଲୋକାଭିମୁଖୀ କରିବାରେ ତାଙ୍କର ଅବଦାନ ହେଉଛି ଅନସ୍ୱୀକାର୍ଯ୍ୟ।

ସେହେଗାଲ ୧୯୪୦ ମସିହା ନଭେମ୍ବର ୭ରେ ଲାହୋର (ବର୍ତ୍ତମାନ ପାକିସ୍ତାନ ଅନ୍ତର୍ଗତ)ଠାରେ ଜନ୍ମଗ୍ରହଣ କରିଥିଲେ। ସେ ୧୯୬୦ରେ ପଞ୍ଜାବ ବିଶ୍ୱବିଦ୍ୟାଳୟରୁ ପଦାର୍ଥ ବିଜ୍ଞାନରେ ସ୍ନାତକ ଡିଗ୍ରୀ ହାସଲ କରି ଭାରତ ସରକାରଙ୍କ 'ପରମାଣୁ ଶକ୍ତି ସଂସ୍ଥା' (ବର୍ତ୍ତମାନ ଏହାର ନାମ ଭାବା ପରମାଣୁ ଗବେଷଣା କେନ୍ଦ୍ର ହୋଇଛି) ପ୍ରଶିକ୍ଷଣ ସ୍କୁଲରେ ଯୋଗଦେଇ ୧୯୬୧ରେ ପଦାର୍ଥ ବିଜ୍ଞାନରେ ଏକ ବର୍ଷିଆ ସ୍ନାତକୋତ୍ତର ପାଠ୍ୟକ୍ରମ ସମ୍ପୂର୍ଣ୍ଣ କଲେ। ଏହାପରେ ଉଚ୍ଚତର ଅଧ୍ୟୟନ ପାଇଁ ସେ ୧୯୬୩ରେ ଯୁକ୍ତରାଷ୍ଟ୍ର ଆମେରିକା ଯାଇଥିଲେ। ସେଠାରେ ୧୯୬୫ରେ ହାୱାଇ ବିଶ୍ୱବିଦ୍ୟାଳୟରୁ ପଦାର୍ଥ ବିଜ୍ଞାନରେ ଏମଏସସି ଡିଗ୍ରୀ ଲାଭ କଲେ। ଏହାପରେ ସେ ଉଇଜକନସ-ମାଡିସନ୍ ବିଶ୍ୱବିଦ୍ୟାଳୟରେ ଗବେଷଣା କରି ସେଠାରୁ ୧୯୬୯ରେ ପିଏଚଡି ଡିଗ୍ରୀ ହାସଲ କରିଥିଲେ। ସେହେଗାଲ ସୋମାଲିଆର ସୋମାଲି ଜାତୀୟ ବିଶ୍ୱବିଦ୍ୟାଳୟରେ ପଦାର୍ଥ ବିଜ୍ଞାନ ପ୍ରଫେସର ଭାବେ କାର୍ଯ୍ୟ କରିବା ପରେ ସେ ୧୯୭୮ ମସିହାରେ ଭାରତୀୟ ମହାକାଶ ଗବେଷଣା କେନ୍ଦ୍ର (ଇସ୍ରୋ)ରେ ଯୋଗ ଦେଲେ। ସେ ୧୯୮୨ରେ କେନ୍ଦ୍ର ସରକାରଙ୍କ ବିଜ୍ଞାନ ପ୍ରଯୁକ୍ତି ବିଦ୍ୟା ବିଭାଗରେ ଯୋଗଦେଲେ। ତାଙ୍କ ପ୍ରଚେଷ୍ଟାରେ ଏହି ବିଭାଗରେ 'ଜାତୀୟ ବିଜ୍ଞାନ ପ୍ରଯୁକ୍ତି ବିଦ୍ୟା ଯୋଗାଯୋଗ ପରିଷଦ' ଏବଂ 'ବିଜ୍ଞାନ ପ୍ରସାର' ପ୍ରତିଷ୍ଠା ହୋଇଥିଲା। ସେ ଏହାର ନିର୍ଦ୍ଦେଶକ ଭାବରେ ମଧ୍ୟ କାର୍ଯ୍ୟ କରିଥିଲେ। ସେ ପଞ୍ଜାବ




ନରେନ୍ଦର କେ ସେହେଗାଲ

ଜଳନ୍ଧରରୁ ୧୯୭୨-୧୯୭୬ ମସିହା ମଧ୍ୟରେ ତ୍ରୈମାସିକ ବିଜ୍ଞାନ ପତ୍ରିକା 'ସାଇଣ୍ଟିଫିକ୍ ଓପିନିୟନ' ପ୍ରକାଶ କରିଥିଲେ। ଏହାବ୍ୟତୀତ ତାଙ୍କର ଲେଖା ନିୟମିତ ଭାବରେ ଲଣ୍ଡନରୁ ପ୍ରକାଶିତ ବିଜ୍ଞାନ ପତ୍ରିକା 'ନେଚର'ରେ ପ୍ରକାଶ ପାଇଥିଲା।

୧୯୮୦ ଦଶକରେ ସେହେଗାଲ ଭାରତୀୟ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ଇତିହାସ ଉପରେ ୧୩ ଅଧ୍ୟାୟ ବିଶିଷ୍ଟ 'ଭାରତ ଏକ ଛାପ୍' ନାମକ ଧାରାବାହିକ ନିର୍ମାଣ କରିଥିଲେ ଏବଂ ତାହା ଦୂରଦର୍ଶନରେ ପ୍ରସାରିତ ହୋଇ ଲୋକପ୍ରିୟ ହୋଇଥିଲା। ତାଙ୍କର ଅନ୍ୟ ଟେଲି ଧାରାବାହିକ ହେଉଛି 'କ୍ୟା ଔର କୈସେ' (୧୨ ଅଧ୍ୟାୟ) ଏବଂ 'କୁଦରତନାମା' (୨୭ ଅଧ୍ୟାୟ)। ତାଙ୍କର ୧୩ ଅଧ୍ୟାୟ ବିଶିଷ୍ଟ ରେଡିଓ ଧାରାବାହିକ 'ବିଜ୍ଞାନବିଧି' (୧୯୮୯-୧୯୯୦) ଏବଂ 'ମାନବ କା ବିକାଶ' (୧୯୯୧-୧୯୯୨) ମଧ୍ୟ ବେଶ୍ ଲୋକପ୍ରିୟ ହୋଇଥିଲା। ବିଶେଷଭାବରେ 'ବିଜ୍ଞାନ ବିଧି' ଧାରାବାହିକରେ ସେତେବେଳେ ପ୍ରାୟ ୧ ଲକ୍ଷ ୪୨ ହଜାର ପିଲା ଭାଗ ନେଇଥିଲେ। ଡ. ସେହେଗାଲଙ୍କ ମତରେ ସମାଜରୁ ଅନ୍ଧବିଶ୍ୱାସ ଓ କୁସଂସ୍କାର ଦୂର କରିବା ପାଇଁ ବୈଜ୍ଞାନିକମାନେ ଚେଷ୍ଟା କରିବା ଉଚିତ। ୧୯୯୩ରେ ସେ ଜାତୀୟସ୍ତରରେ 'ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସ' ଏବଂ ଏହା ଏ ପର୍ଯ୍ୟନ୍ତ ଆୟୋଜିତ ହେଉଛି। ସେ ଜନପ୍ରିୟ ବିଜ୍ଞାନ ପତ୍ରିକା 'ଡ୍ରିମ୍ ୨୦୪୭'ର ସମ୍ପାଦକ ଭାବରେ କାର୍ଯ୍ୟ କରିଥିଲେ। ବିଜ୍ଞାନକୁ ଲୋକପ୍ରିୟ କରିବାରେ ତାଙ୍କର ଅବଦାନ ପାଇଁ ତାଙ୍କୁ ୧୯୯୧ରେ ବିଜୁ ପଟ୍ଟନାୟକଙ୍କ ଦ୍ୱାରା ପ୍ରତିଷ୍ଠିତ 'ୟୁନେସ୍କୋ କଳିଙ୍ଗ ପୁରସ୍କାର' ଏବଂ ୧୯୯୩ରେ ଭାରତୀୟ ବିଜ୍ଞାନ ଲେଖକ ସଂଘର ଫେଲୋସିପ୍ ପ୍ରଦାନ କରାଯାଇଥିଲା। ତାଙ୍କର ପରଲୋକ ହେଉଛି ଦେଶ ପାଇଁ ଏବଂ ବିଶେଷ ଭାବରେ ବିଜ୍ଞାନର ପ୍ରସାର ଲାଗି ଏକ ଅପୂରଣୀୟ କ୍ଷତି।

*-୭୦, ଲକ୍ଷ୍ମୀ ବିହାର, ଫେଜ୍-୧, ଭୁବନେଶ୍ୱର*
*ମୋ : ୯୪୩୮୬୯୩୭୨୪*



# ସ୍ୱାସ୍ଥ୍ୟୋପକାରୀ ଅମୃତଭଣ୍ଡା

ଅମୃତଭଣ୍ଡାରେ ସ୍ୱାସ୍ଥ୍ୟ ଉପକାରୀ ଗୁଣ ଭରି ରହିଛି। ଏହାକୁ ନିୟମିତ ଖାଇଲେ ତାହା ଦୃଷ୍ଟି ଶକ୍ତିକୁ ଆହୁରି ପ୍ରଖର କରିଥାଏ। ଏଥିରେ ଆଣ୍ଟିଅକ୍ସିଡାଣ୍ଟ ଗୁଣ ମଧ୍ୟ ଭରି ରହିଛି। ପାଚନ କ୍ରିୟାକୁ ସକ୍ରିୟ କରିବାରେ ଅମୃତଭଣ୍ଡା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଆପଣ ମେଦବହୁଳତା ସମସ୍ୟା ସହ ଜଡିତ କି ? ଯଦି ହଁ, ତେବେ ଓଜନକୁ ସନ୍ତୁଳିତ ରଖିବା ପାଇଁ ଦୈନନ୍ଦିନ ଖାଦ୍ୟ ତାଲିକାରେ ଅମୃତଭଣ୍ଡା ସାମିଲ କରନ୍ତୁ। ଏହା ମଧ୍ୟ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ। ଜଣେ ଡାଇବେଟିସ୍ ରୋଗୀ ଏହାକୁ ଖାଇଲେ ତାହା ନିଜ ଶରୀର ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ। ଅମୃତଭଣ୍ଡା ଖାଇଲେ ତାହାର ଭଲ ପ୍ରଭାବ କିଡ୍‌ନୀ ଉପରେ ପଡିଥାଏ। ହୃଦ୍‌ଜନିତ ରୋଗୀ ଏହାକୁ ନିଜର ଖାଦ୍ୟ ତାଲିକାରେ ସାମିଲ କରିପାରନ୍ତି। ଏହାକୁ ନିୟମିତ ଖାଇଲେ ତାହା ଆର୍ଥ୍ରାଇଟିସ ରୋଗରୁ କେତେକାଂଶରେ ଉପଶମ ଦେଇଥାଏ।

# ପକ୍ଷାଘାତ



ଡା. ଆଶିଷ ବାନାର୍ଜୀ



**ବିଶ୍ୱରେ ହୃଦ୍‌ଘାତ, କ୍ୟାନ୍‌ସର ପରେ ପକ୍ଷାଘାତ (ପାରାଲିସିସ୍) ମୃତ୍ୟୁର ତୃତୀୟ ମହତ୍ତ୍ୱପୂର୍ଣ୍ଣ କାରଣ ଅଟେ। ଆମ ଦେଶରେ ପ୍ରତିବର୍ଷ ପ୍ରାୟ ଏକ ଲକ୍ଷ ବ୍ୟକ୍ତି ପକ୍ଷାଘାତ ରୋଗର ଶିକାର ହୋଇଥାଆନ୍ତି। ଯେତେବେଳେ ରୋଗୀ ଶରୀରର ଏକ ପାର୍ଶ୍ୱ, ଦୁଇ ପାର୍ଶ୍ୱ ବା ସମଗ୍ର ମସ୍ତିଷ୍କର କାର୍ଯ୍ୟକାରୀ କ୍ଷମତାର ପରିବର୍ତ୍ତନ ଲକ୍ଷଣ ମିଳିଥାଏ ଏବଂ ଏହି ଲକ୍ଷଣ ୨୪ ଘଣ୍ଟା ପର୍ଯ୍ୟନ୍ତ ରହେ, ତତ୍ ସଙ୍ଗେ ସଙ୍ଗେ ରୋଗୀର ଏକ ପାର୍ଶ୍ୱ, ଦୁଇ ପାର୍ଶ୍ୱ ବା ସର୍ବାଙ୍ଗ ଅକର୍ମଣ୍ୟ ହୋଇପଡେ। ତାହାକୁ ପକ୍ଷାଘାତ କୁହାଯାଏ...**

ଆମ ଶରୀର ସମସ୍ତ କାର୍ଯ୍ୟ ମସ୍ତିଷ୍କ ଦ୍ୱାରା ନିୟନ୍ତ୍ରିତ ହୋଇଥାଏ। ଜଣେ ବୟସ୍କ ବ୍ୟକ୍ତିର ମସ୍ତିଷ୍କର ଓଜନ ପ୍ରାୟ ଦେଢ଼ କିଗ୍ରା ଅଟେ ଏବଂ ଏଥିରେ ପ୍ରତି ମିନିଟ୍‌ରେ ୭୦୦-୮୦୦ ମିଲିଲିଟର ରକ୍ତ ପ୍ରବାହିତ ହୋଇଥାଏ। ମସ୍ତିଷ୍କର ଏହି ରକ୍ତ ପ୍ରବାହରେ ବାଧା ଉପୁଜିଲେ ସେଠାରେ ଅମ୍ଳଜାନ ଓ ଗ୍ଲୁକୋଜ୍ ଇତ୍ୟାଦି ପହଞ୍ଚି ନ ପାରିବା କାରଣରୁ ସ୍ନାୟୁତନ୍ତ୍ରିକାଗୁଡ଼ିକର କାର୍ଯ୍ୟକ୍ଷମତା ନଷ୍ଟ ହୋଇଯାଏ। ଫଳରେ ସମ୍ବେଦନ ଶୂନ୍ୟତା, କଥା କହିବାରେ କଷ୍ଟ ହେବା ସହ ମଳମୂତ୍ର ତ୍ୟାଗରେ ନିୟନ୍ତ୍ରଣ ରହେ ନାହିଁ। ବୁଦ୍ଧି ଓ ମାନସିକ କ୍ଷମତାରେ ପରିବର୍ତ୍ତନ ଦେଖାଯାଇପାରେ ଏବଂ ଏହି କାରଣରୁ ରୋଗୀ ଚିର ଅସହାୟ, ପଙ୍ଗୁ ହୋଇ ରହେ। ଏପରି କି ଏହା ମୃତ୍ୟୁର କାରଣ ସାଜିପାରେ।

ବିଶ୍ୱରେ ହୃଦ୍‌ଘାତ, କ୍ୟାନ୍‌ସର ପରେ ପକ୍ଷାଘାତ (ପାରାଲିସିସ୍) ମୃତ୍ୟୁର ତୃତୀୟ ମହତ୍ତ୍ୱପୂର୍ଣ୍ଣ କାରଣ ଅଟେ। ଆମ ଦେଶରେ ପ୍ରତିବର୍ଷ ପ୍ରାୟ ଏକ ଲକ୍ଷ ବ୍ୟକ୍ତି ପକ୍ଷାଘାତ ରୋଗର ଶିକାର ହୋଇଥାଆନ୍ତି। ଯେତେବେଳେ ରୋଗୀ ଶରୀରର ଏକ ପାର୍ଶ୍ୱ, ଦୁଇ ପାର୍ଶ୍ୱ ବା ସମଗ୍ର ମସ୍ତିଷ୍କର କାର୍ଯ୍ୟକାରୀ କ୍ଷମତାର ପରିବର୍ତ୍ତନ ଲକ୍ଷଣ ମିଳିଥାଏ ଏବଂ ଏହି ଲକ୍ଷଣ ୨୪ ଘଣ୍ଟା ପର୍ଯ୍ୟନ୍ତ ରହେ, ତତ୍‌ସଙ୍ଗେ ସଙ୍ଗେ ରୋଗୀର ଏକ ପାର୍ଶ୍ୱ, ଦୁଇ ପାର୍ଶ୍ୱ ବା ସର୍ବାଙ୍ଗ ଅକର୍ମଣ୍ୟ ହୋଇପଡେ। ତାହାକୁ ପକ୍ଷାଘାତ କୁହାଯାଏ।

ଏହି ରୋଗ ଅନେକ ପ୍ରକାର କାରଣରୁ ହୋଇଥାଇ ପାରେ। ସେଥିମଧ୍ୟରୁ ଗୋଟିଏ ହେଲା 'ବ୍ରେନ୍ ଏନ୍‌ଜାଇନା'। ଏଥିରେ ମସ୍ତିଷ୍କର ରକ୍ତ ପ୍ରବାହରେ ବାଧା ଉତ୍ପନ୍ନ ହୋଇଥାଏ, ଯାହାଫଳରେ ଶାରୀରିକ ଅଙ୍ଗର ଦୁର୍ବଳତା, ସମ୍ବେଦନଶୀଳ ନ୍ୟୂନତା ଦେଖାଯାଇଥାଏ। ଏହା କିଛି ସମୟ ପାଇଁ ଏକ ଦିନ ହୋଇ ପରେ ସୁସ୍ଥ ହୋଇଯାଏ। ପରେ ଭବିଷ୍ୟତରେ ଚିରଦିନ ପାଇଁ ପକ୍ଷାଘାତ ହୋଇଯାଇଥାଏ। ଏହି 'ବ୍ରେନ୍ ଏନ୍‌ଜାଇନା' ଭୟ, ଉଚ୍ଚ ରକ୍ତଚାପ, ମଧୁମେହ (ଡାଇବେଟିସ୍) ଓ ହୃଦ୍‌ଘାତ ରୋଗୀଙ୍କଠାରେ ଅଧିକାଂଶ ପରିମାଣରେ ଦେଖାଯାଏ। ତେଣୁ ଏହି ସମୟରେ ଭୋଜନରେ ନିୟନ୍ତ୍ରଣ, ବ୍ୟାୟାମ ଓ ଔଷଧ ସେବନ ଦ୍ୱାରା ଏଥିରୁ ରକ୍ଷା ମିଳିପାରିବ।

ଯଦି ଧମନୀରେ କୋଲେଷ୍ଟରଲ, ଟ୍ରାଇଗ୍ଲିସାରଏଡ୍, ଚର୍ବି ଜମା ହେବା କାରଣରୁ ଧମନୀ ସଙ୍କୁଚିତ ହୋଇଯାଏ ଏବଂ ଏହାର ଭିତର ପାର୍ଶ୍ୱ ଅସମତଳ ହେବା କାରଣରୁ ରକ୍ତ ପ୍ରବାହରେ ବାଧା ଉତ୍ପନ୍ନ ହୋଇଥାଏ, ଯାହାର ପରିମାଣ ସ୍ୱରୂପ ମସ୍ତିଷ୍କର କୌଣସି ଏକ ପାର୍ଶ୍ୱରେ ରକ୍ତ ପ୍ରବାହ ବନ୍ଦ ହୋଇଯାଏ, ଫଳରେ ତନ୍ତ୍ରିକାଗୁଡିକ ନିଷ୍କ୍ରିୟ ହେବାରେ ଲାଗେ। ଏହାକୁ 'ସେରିବ୍ରାଲ ଥ୍ରୋମ୍ବୋସିସ୍' କୁହାଯାଏ। ଏହା ସ୍ଥୂଳକାୟ ବ୍ୟକ୍ତି, ମଧୁମେହ ରୋଗୀ, ସିଗାରେଟ୍ ଏବଂ ତମାଖୁ ବ୍ୟବହାର କରୁଥିବା ବ୍ୟକ୍ତିଙ୍କଠାର ଦେଖାଯାଏ।

ଯଦି ଶରୀରର ଅନ୍ୟ ଅଙ୍ଗ ଯେପରି ହୃତ୍‌ପିଣ୍ଡ, ପାଦ, ଅନ୍ତ୍ରର ଧମନୀରେ ହୋଇଥିବା ରକ୍ତଜମାଟ ସେଠାରୁ ବିଚ୍ୟୁତ ହୋଇ ତାହା ମସ୍ତିଷ୍କ ଧମନୀର ପ୍ରବାଦ ଦ୍ୱାରା ପହଞ୍ଚି ରକ୍ତ ପ୍ରବାହକୁ ବନ୍ଦ କରିଦିଏ, ତାହାକୁ 'ସେରିବ୍ରାଲ ଏମ୍‌ବୋଲିଜିମ୍' କୁହାଯାଏ। ଏଥିରେ ହୃଦ୍‌ରୋଗୀ, ହୃତପିଣ୍ଡ ମାଂସପେଶୀରେ ସଂକ୍ରମଣ, ବହୁଦିନ ବିଛଣାରେ ପଡିରହିଥିବା ରୋଗୀ, ରକ୍ତ ଜମାଟ ବାନ୍ଧିଥିବା ରୋଗୀଙ୍କଠାରେ ଦେଖିବାକୁ ମିଳେ। ଏହାବ୍ୟତୀତ ଗର୍ଭନିରୋଧକ ବଟିକା ସେବନ କରୁଥିବା ମହିଳାଙ୍କଠାରେ ଏପରି ସମସ୍ୟା ହେବାର ଭୟ ଅଧିକ ରହିଥାଏ।

ଯଦି ମସ୍ତିଷ୍କ ଧମନୀରେ ହଠାତ୍ ଫାଟି ରକ୍ତସ୍ରାବ ହୁଏ ତେବେ ପକ୍ଷାଘାତ ହୋଇଥାଏ। ଏଥିରେ ରୋଗୀର ସଂଜ୍ଞାନାଶ ଏବଂ ମୃତ୍ୟୁ ମଧ୍ୟ ହୋଇପାରେ। ଯଦି ଧମନୀରେ 'ଏରୋଥ୍ରୋସ୍କୋଲୋରସିସ୍' ରୋଗ ହୋଇଥାଏ ତେବେ ଏହାର ଭୟ ଅଧିକ ଥାଏ। ଏହାବ୍ୟତୀତ ଉଚ୍ଚ ରକ୍ତଚାପ ରୋଗୀର ମସ୍ତିଷ୍କର ରକ୍ତସ୍ରାବ ହେବାର ଭୟ ବେଶି ଥାଏ। ଅନ୍ୟପକ୍ଷରେ ମସ୍ତିଷ୍କ କ୍ୟାନ୍‌ସର, ସଂକ୍ରମଣ, ଝିଲ୍ଲୀରେ ସଂକ୍ରମଣ ଇତ୍ୟାଦି କାରଣରୁ ପକ୍ଷାଘାତ ହୋଇଥାଏ। ଏହା ବାର୍ଦ୍ଧକ୍ୟ ଅବସ୍ଥାରେ ଏବଂ ମହିଳାମାନଙ୍କ ଅପେକ୍ଷା ପୁରୁଷମାନଙ୍କଠାରେ ହେବାର ବେଶି ଆଶଙ୍କା ଥାଏ।

ତେଣୁ ଏପରି ରୋଗୀକୁ ଅବହେଳା ନ କର ତୁରନ୍ତ ଆଶୁ ଚିକିତ୍ସା କରାଯିବା ଉଚିତ। ଏହାର ଆୟୁର୍ବେଦୀୟ ଚିକିତ୍ସା ମଧ୍ୟ ରହିଛି। ଆୟୁର୍ବେଦରେ ତାପ୍ୟାଦି-ଲୌହ, ବୃହତ ବାତ ଚିନ୍ତାମଣି ବଟି ଓ ଇଞ୍ଜେକ୍‌ସନ ଦିଆଯାଇପାରେ। ସ୍ନାୟୁକୋଷିକାଗୁଡ଼ିକର ନଷ୍ଟ ହୋଇଯାଇଥିବା ଅଂଶଗୁଡିକୁ ଠିକ୍ କରିବା ପାଇଁ ଔଷଧ ଦିଆଯାଇଥାଏ। ଏହାବ୍ୟତୀତ ସ୍ନେହପଟ (ତୈଳ ଦ୍ୱାରା ମାଲିସ କରିବା), ସ୍ୱେଦନ (ବାଷ୍ପ ପ୍ରୟୋଗ କରିବା) ଏବଂ ପଞ୍ଚକର୍ମ ଚିକିତ୍ସା କରାଯାଏ। ଅଭଙ୍ଗ୍ୟ (ମାଲିସ) ପାଇଁ ମହାମାଷ ତୈଳ, ମହାନାରାୟଣ ତୈଳ, ବିଷ୍ଣୁ ତୈଳ ଇତ୍ୟାଦି ଦିଆଯାଇଥାଏ। ଏହି ରୋଗରେ ଛାଗଳାଦି ଘୃତ, ରସରାଜ ରସ, ଯୋଗେନ୍ଦ୍ର ରସ, ଏକାଙ୍ଗବୀର ରସ ପ୍ରୟୋଗରେ ଉତ୍ତମ ଫଳ ମିଳେ।



ଖାଦ୍ୟ ଓ ଜୀବନଶୈଳୀ ସହ ପକ୍ଷାଘାତର ଘନିଷ୍ଠ ସମ୍ବନ୍ଧ ରହିଛି। ତେଣୁ ସ୍ଥୂଳକାୟ ବ୍ୟକ୍ତି ଖାଦ୍ୟରେ ନିୟନ୍ତ୍ରଣ ଓ ବ୍ୟାୟାମ ଦ୍ୱାରା ନିଜର ଉଚ୍ଚତା ଅନୁଯାୟୀ ଓଜନକୁ ଠିକ୍ ରଖିବା ଉଚିତ। ରକ୍ତରେ କୋଲେଷ୍ଟରଲ ମାତ୍ରା ଲିପିଡ୍ ପ୍ରଫାଇଲ୍ ଟେଷ୍ଟ କରି ଜାଣିବା ଉଚିତ। ବିଶେଷଭାବରେ ମଧୁମେହ ଏବଂ ଉଚ୍ଚ ରକ୍ତଚାପ ରୋଗୀ ଏଥିରେ ଅବହେଳା ନ କରି ପରୀକ୍ଷା କରାଇ ଏହା ବୃଦ୍ଧି ଘଟିଥିଲେ ଚିକିତ୍ସା ଦ୍ୱାରା ନିୟନ୍ତ୍ରଣ କରିବା ଉଚିତ। ଏହାସହ ନିଶାଦ୍ରବ୍ୟ ସେବନ ଅଭ୍ୟାସ ତୁରନ୍ତ ଛାଡିବା ଦରକାର। ତେବେ ସର୍ବଦା ସତର୍କ ରହିବା ସହ ମନକୁ ପ୍ରଫୁଲ୍ଲ ରଖିରେ ପକ୍ଷାଘାତ ଭୟକୁ ଏଡାଯାଇପାରେ।

*-ଆନନ୍ଦ ବଜାର, ବେତନଟୀ, ମୟୂରଭଞ୍ଜ*
*ମୋ : ୯୮୬୧୩୭୪୩୮୫*

# ସ୍ୱାସ୍ଥ୍ୟ ସୂଚନା



- ଯେତେ କାର୍ଯ୍ୟବ୍ୟସ୍ତ ରହିଲେ ମଧ୍ୟ ସକାଳ ଜଳଖିଆ ଖାଇବାକୁ ଭୁଲନ୍ତୁ ନାହିଁ।
- କେତେକେ ତରତର ହୋଇ ଦାନ୍ତ ଘଷି ଥାଆନ୍ତି। ହେଲେ ଅତିକମ୍‌ରେ ଦୁଇ ମିନିଟ୍ ଦାନ୍ତ ଘଷନ୍ତୁ।
- ମସ୍ତିଷ୍କ ଠିକ ଭାବରେ କାମ କଲେ ଆମ ଶରୀର ସୁସ୍ଥ ରହିଥାଏ। ତେଣୁ ପ୍ରତିଦିନ କିଛି ସମୟ 'ନ୍ୟୁରୋବିକ୍ସ' ଏକ୍ସରସାଇଜ କରନ୍ତୁ। ଏ ବିଷୟରେ ବ୍ୟାୟାମ ବିଶେଷଜ୍ଞଙ୍କ ସହ ଭଲ ଭାବରେ ଆଲୋଚନା କରନ୍ତୁ।
- ମନରେ ଶାନ୍ତି ଏବଂ ସକାରାତ୍ମକ ମାନସିକତା ପାଇଁ ପ୍ରତିଦିନ କିଛି ସମୟ ପ୍ରାର୍ଥନା କରନ୍ତୁ। ଏହାର ସୁପ୍ରଭାବ ମସ୍ତିଷ୍କ ଉପରେ ପଡିଥାଏ ବୋଲି କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ଗବେଷଣାରୁ ଜାଣିପାରିଛନ୍ତି।
- ପ୍ରତିଦିନ ଅତିକମ୍‌ରେ ୨୦୦ ମିଲିଗ୍ରାମର କ୍ୟାଲ୍‌ସିୟମଯୁକ୍ତ ଖାଦ୍ୟ ଖାଆନ୍ତୁ। ଏହା ଅସ୍ଥିକୁ ମଜଭୁତ ରଖିଥାଏ।
- ଏକାଥରେ ପୁଳାଏ ଖାଦ୍ୟ ନ ଖାଇ ନିୟମିତ ସମୟ ଅନ୍ତରାଳରେ ଅଳ୍ପ ଅଳ୍ପ ଖାଦ୍ୟ ଖାଆନ୍ତୁ। ତା'ସହ ଖରାବେଳ ଖାଦ୍ୟ ଏବଂ ରାତ୍ରଭୋଜନ ପ୍ରତି ଅଧିକ ଗୁରୁତ୍ୱ ଦିଅନ୍ତୁ।
- ଖାଇବା ପରେ ଆଦୌ ନିଶାଦ୍ରବ୍ୟ ସେବନ କରନ୍ତୁ ନାହିଁ। କାରଣ ଏହାର ଖରାପ ପ୍ରଭାବ ପାଚନକ୍ରିୟା ଉପରେ ପଡିଥାଏ।

# ଶୀଘ୍ର ଖାଦ୍ୟ ଖାଇବା ଓ କାର୍ଯ୍ୟଦକ୍ଷତା

କେତେକ ବ୍ୟକ୍ତି ତରତର ହୋଇ ଖାଦ୍ୟ ଖାଇଥାଆନ୍ତି। ହେଲେ ଏହାର ପ୍ରଭାବ ସେମାନଙ୍କ କାର୍ଯ୍ୟଦକ୍ଷତା ଉପରେ ପଡିବାର ଯଥେଷ୍ଟ ଆଶଙ୍କା ରହିଛି ବୋଲି ଏକ ସର୍ଭେରୁ ଜଣାପଡିଛି। 'ଶୀଘ୍ର ଖାଇବା ଏବଂ କାର୍ଯ୍ୟଦକ୍ଷତା' ବିଷୟକୁ ନେଇ ୟୁନିଭର୍ସିଟି ଅଫ ସିଡ୍‌ନୀର ପୁଷ୍ଟିବିଜ୍ଞାନୀମାନେ ଏକ ସର୍ଭେ କରିଥିଲେ। ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କୁ ସେମାନେ ଦୁଇ ଭାଗରେ ବିଭକ୍ତ କରିଥିଲେ। ସର୍ଭେ ସମୟରେ ଜଣାପଡିଥିଲା ଯେ, ଯେଉଁମାନେ ସାଧାରଣ ଭାବରେ ଖାଦ୍ୟ ଖାଉଛନ୍ତି ସେମାନଙ୍କର କାର୍ଯ୍ୟଦକ୍ଷତା ପୂର୍ବଭଳି ରହୁଛି। କିନ୍ତୁ ଯେଉଁମାନେ ତରତର ହୋଇ ଖାଉଛନ୍ତି ସେମାନଙ୍କର କାର୍ଯ୍ୟଦକ୍ଷତା ଏହାଦ୍ୱାରା କେତେକାଂଶରେ ପ୍ରଭାବିତ ହେଉଛି।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/18-20. ସୋମବାର, ଡିସେମ୍ବର ୭/୨୦୨୦ Monday, December 7/ 2020

# ଦିନିକିଆ ପ୍ରତିଶୋଧ ଟି୨୦ରେ


ଟି. ନଟରାଜନଙ୍କୁ ବିରାଟ କୋହଲିଙ୍କ ବଧେଇ ।

**ସିଡ୍‌ନୀ, ୬।୧୨**

ଟି. ନଟରାଜନଙ୍କ ଚମତ୍କାର ସ୍ପେଲ୍ ପରେ ଶିଖର ଧାୱନ, ଅଧିନାୟକ ବିରାଟ କୋହଲି ଓ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଦୃଢ଼ ବ୍ୟାଟିଂ ବଳରେ ଭାରତ ରବିବାର ଅନୁଷ୍ଠିତ ଦ୍ୱିତୀୟ ଟି୨୦ କ୍ରିକେଟ ମ୍ୟାଚରେ ଅଷ୍ଟ୍ରେଲିଆକୁ ୬ ଉଇକେଟରେ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ୨୦ ଓଭରରେ ୫ ଉଇକେଟ ହରାଇ ୧୯୪ ରନ କରିଥିବାବେଳେ ଭାରତ ୧୯.୪ ଓଭରରେ ୪ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ୩ ମ୍ୟାଚବିଶିଷ୍ଟ ଟି୨୦ ସିରିଜରେ ୨-୦ରେ ଅଗ୍ରଣୀ ରହିବା ସହ ଭାରତ ଏହାକୁ ଆଗୁଆ ଜିତିନେଇଛି। ପ୍ରଥମ ଟି୨୦ରେ ଭାରତ ୧୧ ରନରେ ବିଜୟୀ ହୋଇଥିବା ବେଳେ ସିରିଜର ତୃତୀୟ ତଥା ଅନ୍ତିମ ଟି୨୦ ମ୍ୟାଚ ମଙ୍ଗଳବାର ଅନୁଷ୍ଠିତ ହେବ। ଏଠାରେ ବିଜୟ ଫଳରେ ଦିନିକିଆ ସିରିଜ ପରାଜୟର ମଧୁର ପ୍ରତିଶୋଧ ନେଇଛି ଟିମ୍ ଇଣ୍ଡିଆ। ଦିନିକିଆ ସିରିଜରେ ଭାରତ ୧-୨ରେ ପରାସ୍ତ ହୋଇଥିଲା।

ଟସ୍ ଜିତି ଭାରତ ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ଆରୋନ ଫିଞ୍ଚଙ୍କ ଅନୁପସ୍ଥିତିରେ ଅଧିନାୟକ ଦାୟିତ୍ୱ ତୁଲାଇଥିବା ମାଥ୍ୟୁ ୱାଡେ ଅଷ୍ଟ୍ରେଲିଆ ପକ୍ଷରୁ ଡି' ଆର୍ସି ଶର୍ଟଙ୍କ ସହିତ ଇନିଂସ ଓପନ କରିଥିଲେ। ଶର୍ଟ ମାତ୍ର ୯ ରନ କରି ଆଉଟ ହୋଇଥିଲେ ହେଁ ୱାଡେ ଦ୍ରୁତ ୫୮(୩୨ ବଲ, ୧୦ ଚୌକା, ୧ ଛକା) ଏବଂ ଷ୍ଟିଭ୍ ସ୍ମିଥ ୪୬ (୩୮ ବଲ, ୩ ଚୌକା, ୨ ଛକା) ରନ କରି ଦଳକୁ ବଡ଼ ସ୍କୋର ଦିଗରେ ଅଗ୍ରସର କରାଇଥିଲେ। ଗ୍ଲେନ୍ ମ୍ୟାକ୍ସୱେଲ ୧୩ ବଲ୍‌ରୁ ୨୨ (୨ ଛକା) ଓ ମୋଇସେସ ହେନରିକ୍ସ ୧୮ ବଲ୍‌ରୁ ୨୬ ରନର ଦ୍ରୁତ ଇନିଂସ ଖେଳିଥିଲେ ହେଁ ଭାରତୀୟ ବୋଲରମାନେ ଆବଶ୍ୟକ ସମୟରେ ଉଇକେଟ ନେବାରେ ସକ୍ଷମ ହୋଇଥିଲେ। ଫଳରେ ଅଷ୍ଟ୍ରେଲିଆ ଇନିଂସ ୨୦୦ ସ୍ପର୍ଶ କରିପାରି ନ ଥିଲା। ଭାରତ ପକ୍ଷରୁ ଟି. ନଟରାଜନ ଚମତ୍କାର ବୋଲିଂ କରିଥିଲେ। ସେ ୪ ଓଭର ସ୍ପେଲରେ ମାତ୍ର ୨୦ ରନ ଦେଇ ୨ଟି ଉଇକେଟ ନେଇଥିଲେ। ଶାର୍ଦ୍ଦୁଳ ଠାକୁର ଓ ଯୁଜବେନ୍ଦ୍ର ଚହଲଙ୍କୁ ଅନ୍ୟ ୨ଟି ଉଇକେଟ ମିଳିଥିବା ବେଳେ ୱାଡେ ରନ୍‌ଆଉଟ ହୋଇଥିଲେ।

୧୯୫ ରନ ବିଜୟ ଲକ୍ଷ୍ୟନେଇ ପଡ଼ିଆକୁ ଓହ୍ଲାଇଥିବା ଭାରତ ପକ୍ଷରୁ ଲୋକେଶ ରାହୁଲ ଓ ଶିଖର ଧାୱନ ଓପନିଂ ଯୋଡ଼ିରେ ୩୨ ବଲ୍‌ରୁ ୫୬ ରନ ସଂଗ୍ରହ କରି ଭଲ ପ୍ଲାଟ୍‌ଫର୍ମ ପ୍ରସ୍ତୁତ କରିଥିଲେ। ୨୨ଟି ବଲ୍ ଖେଳିଥିବା ରାହୁଲ ୨ ଚୌକା ଓ ୧ ଛକା ସହାୟତାରେ ୩୦ ରନ କରିଥିବା ବେଳେ ଧାୱନ ଖେଳିଥିଲେ ଅର୍ଦ୍ଧଶତକୀୟ ଇନିଂସ। ସେ ଅଷ୍ଟ୍ରେଲୀୟ ବୋଲରଙ୍କୁ ସଫଳ ମୁକାବିଲାକରି ୩୬ ବଲ୍‌ରୁ ୪ ଚୌକା ଓ ୨ ଛକା ସହ ୫୨ ରନ ସ୍କୋର କରିଥିଲେ। ଲେଗ୍ ସ୍ପିନର ଆଡାମ ଜାମ୍ପାଙ୍କ ବଲକୁ ସ୍ଲଗ ସୁଇପ୍ ଖେଳିବାକୁ ଯାଇ ସେ ଡିପ୍ ସ୍କୋୟାର ଲେଗ୍‌ରେ ସ୍ୱେପସନଙ୍କୁ କ୍ୟାଚ ଦେଇଥିଲେ। ଟି୨୦ରେ ଏହାଥିଲା ଧାୱନଙ୍କର ୧୦ମ ଅର୍ଦ୍ଧଶତକ। ସଞ୍ଜୁ ସାମ୍‌ସନ ୧୦ ବଲ୍‌ରୁ ୧୫(୧ ଚୌକା, ୧ ଛକା) ରନ କରିଥିଲେ। କୋହଲି ଏଠାରେ ଦମ୍‌ଦାର ବ୍ୟାଟିଂ କରିଥିଲେ। ସେ ୨୪ ବଲ୍‌ରୁ ୪୦(୨ ଚୌକା, ୨ ଛକା) ରନ କରିଥିବା ବେଳେ ଡାନିଏଲ ସାମ୍ସଙ୍କ ଅଫଷ୍ଟମ୍ପ ବାହାରର ଏକ ଶର୍ଟ ବଲକୁ ଷ୍ଟେମ୍ପ ଆଉଟ ହୋଇ ମାରିବା ଚକ୍କରରେ ଉଇକେଟ କିପରଙ୍କୁ କ୍ୟାଚ ଦେଇ ପ୍ୟାଭିଲିୟନ ଫେରିଥିଲେ। ୧୬.୧ ଓଭରରେ ୧୪୯ ରନରେ ଭାରତ ୪ର୍ଥ ଉଇକେଟ ହରାଇଥିଲା। ତେବେ ଫର୍ମରେ ଥିବା ହାର୍ଦ୍ଦିକ ପାଣ୍ଡ୍ୟ ୨୨ ବଲ୍‌ରୁ ବିସ୍ଫୋରକ ୪୨ (୩ ଚୌକା, ୨ ଛକା) ରନରେ ଅପରାଜିତ ରହି ଦଳ ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରି ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଶ୍ରେୟାସ ଆୟାର ୫ଟି ବଲ୍ ଖେଳି ଗୋଟିଏ ଲେଖାଏ ଚୌକା ଓ ଛକା ମାରି ୧୨ ରନରେ ଅପରାଜିତ ରହିଥିଲେ। ଶେଷ ୨ ଓଭରରୁ ବିଜୟ ପାଇଁ ଭାରତକୁ ୨୫ ରନ ଆବଶ୍ୟକ ହେଉଥିଲା। ୧୯ତମ ଓଭରରେ ୧୧ ରନ ହେବାରୁ ଶେଷ ୬ ବଲ୍‌ରୁ ୧୪ ରନ ଟାର୍ଗେଟ୍ ରହିଥିଲା। ଡାନିଏଲ ସାମ୍ସଙ୍କ ଶେଷ ଓଭରର ପ୍ରଥମ ବଲରୁ ୨ ରନ ହେବା ପରେ ହାର୍ଦ୍ଦିକ ଦ୍ୱିତୀୟ ଓ ୪ର୍ଥ ବଲ୍‌କୁ ଛକାରେ ପରିଣତ କରି ଉତ୍କଣ୍ଠାର ଅବସାନ ଘଟାଇଥିଲେ। ଅସମାପ୍ତ ୫ମ ଉଇକେଟରେ ହାର୍ଦ୍ଦିକ ଓ ଆୟାର ୪୬ ରନ ଯୋଗ କରି ଭାରତ ବିଜୟରେ ମୁଣ୍ଡି ମାରିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ୭ ବୋଲର ବୋଲିଂ କରିଥିବା ବେଳେ ଡାନିଏଲ ସାମ୍ସ, ଆଣ୍ଡ୍ରୁ ଟାଏ, ମିଚେଲ ସ୍ୱେପସନ ଓ ଆଡାମ ଜାମ୍ପା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

### ଅଷ୍ଟ୍ରେଲିଆରେ ସର୍ବାଧିକ ଟି୨୦ ରନ୍ ଚେଜ୍

୧୯୮: ଭାରତ ବନାମ ଅଷ୍ଟ୍ରେଲିଆ, ୨୦୧୬
୧୯୫: ଭାରତ ବନାମ ଅଷ୍ଟ୍ରେଲିଆ, ୨୦୨୦
୧୭୪: ଶ୍ରୀଲଙ୍କା ବନାମ ଅଷ୍ଟ୍ରେଲିଆ ୨୦୧୭
୧୬୯: ଶ୍ରୀଲଙ୍କା ବନାମ ଅଷ୍ଟ୍ରେଲିଆ ୨୦୧୭




## ସ୍କୋର ବୋର୍ଡ

**ଅଷ୍ଟ୍ରେଲିଆ ଇନିଂସ**

ୱାଡେ-ରନଆଉଟ-୫୮
ଶର୍ଟ-କ-ଆୟାର-ବୋ-ନଟରାଜନ-୯
ସ୍ମିଥ-କ-ହାର୍ଦ୍ଦିକ-ବୋ-ଚହଲ-୪୬
ମ୍ୟାକ୍ସୱେଲ-କ-ସୁନ୍ଦର-ବୋ-ଶାର୍ଦ୍ଦୁଳ-୨୨
ହେନରିକ୍ସ-କ-ରାହୁଲ-ବୋ-ନଟରାଜନ-୨୬
ଷ୍ଟୋଇନିସ-ନଟଆଉଟ-୧୬
ସାମ୍ସ-ନଟଆଉଟ-୮
ଅତିରିକ୍ତ-୯
ମୋଟ(୫ ଉଇକେଟ, ୨୦ ଓଭର) ୧୯୪।
ଉଇକେଟ ପତନ: ୧/୪୭, ୨/୭୫, ୩/୧୨୦, ୪/୧୬୮, ୫/୧୭୧।

ବୋଲିଂ(ଭାରତ)
ଚହର ୪-୦-୪୮-୦
ସୁନ୍ଦର ୪-୦-୩୫-୦
ଶାର୍ଦ୍ଦୁଳ ୪-୦-୩୯-୧
ନଟରାଜନ ୪-୦-୨୦-୨
ଚହଲ ୪-୦-୫୧-୧

**ଭାରତ ଇନିଂସ**

ରାହୁଲ-କ-ସ୍ୱେପସନ-ବୋ-ଟାଏ-୩୦
ଧାୱନ-କ-ସ୍ୱେପସନ-ବୋ-ଜାମ୍ପା-୫୨
କୋହଲି-କ-ୱାଡେ-ବୋ-ସାମ୍ସ-୪୦
ସାମସନ-କ-ସ୍ମିଥ-ବୋ-ସ୍ୱେପସନ-୧୫
ହାର୍ଦ୍ଦିକ-ନଟଆଉଟ-୪୨
ଆୟାର-ନଟଆଉଟ-୧୨
ଅତିରିକ୍ତ-୪
ମୋଟ(୪ ଉଇକେଟ, ୧୯.୪ ଓଭର) ୧୯୫।
ଉଇକେଟ ପତନ: ୧/୫୬, ୨/୯୫, ୩/୧୨୦, ୪/୧୪୯।

ବୋଲିଂ(ଅଷ୍ଟ୍ରେଲିଆ)
ସାମ୍ସ ୩.୪-୦-୪୧-୧
ଆବୋଟ ୨-୦-୧୭-୦
ଟାଏ ୪-୦-୪୭-୧
ମ୍ୟାକ୍ସୱେଲ ୧-୦-୧୯-୦
ସ୍ୱେପସନ ୪-୦-୨୫-୧
ହେନରିକ୍ସ ୧-୦-୯-୦
ଜାମ୍ପା ୪-୦-୩୬-୧।




40
3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ